

ଇଂଲଣ୍ଡକୁ ସିରିଜ ଅଗ୍ରଣୀ ଦେଲେ ଡକେଟ୍
ପୃଷ୍ଠା ୭


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17







ଓଡ଼ିଶା ଭିଜନ ୨୦୩୬: ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ

# ବର୍ଷକୁ ଲକ୍ଷେ ଯୁବକଙ୍କୁ ବିଦେଶରେ ଚାକିରି

ୂ୨୦୩୬ ପାଇଁ ୩୬ ଫ୍ଲାଗସିପ ଯୋଜନା
ଶତପ୍ରତିଶତ ମହିଳା ସାକ୍ଷରତା ଲକ୍ଷ୍ୟ
ତିନି ପ୍ରମୁଖ ରାଜ୍ୟ ସହ ସମାନ ହେବ ଓଡିଶା
୫୦୦ ନିୟୁତ ଅର୍ଥନୀତିରେ ପହଞ୍ଚିବ ଓଡ଼ିଶା
୭୫ ପ୍ରତିଶତ ଗ୍ରାଜୁଏଟ୍ ପାଇବେ ନିଯୁକ୍ତି
୭୦ରୁ ୮୦କୁ ବଢ଼ିବ ଆୟୁ

ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ୨୦୩୬ ସୁଦ୍ଧା ରାଜ୍ୟକୁ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ଓଡିଶା ଭିଜନ ୨୦୩୬, ୨୦୪୭। ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନକୁ ଶହେ ବର୍ଷ ପୂରୁଥିବା ବେଳେ ୨୦୪୭ରେ ଭାରତର ସ୍ୱାଧୀନତାକୁ ଶହେ ବର୍ଷ ପୂରିବ। ତେଣୁ ବିକଶିତ ରାଷ୍ଟ୍ର ଗଠନରେ ଓଡିଶାର ଭୂମିକା ଓ ସମାନ୍ତରାଳ ଭାବେ ଓଡିଶାକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖି ଏହି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ହୋଇଛି। ଏଥିରେ ୨୦୨୬ ବେଳକୁ ଓଡିଶାର ଅର୍ଥନୀତି ୫୦୦ ନିୟୁତରେ ପହଞ୍ଚାଇବାକୁ ଟାର୍ଗେଟ କରାଯାଇଥିବା ବେଳେ ୨୦୪୭ରେ ଅର୍ଥନୀତି ୧.୫ ଟ୍ରିଲିୟନ ଅତିକ୍ରମ କରିବାକୁ ଏକ ଉଚ୍ଚଭିଳାଷୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରାଜ୍ୟର ସାଂସ୍କୃତିକ ଓ ପାରମ୍ପାରିକ କଳାର ବିକାଶ ସାଙ୍ଗକୁ ଯୁବଶକ୍ତିର ସଦୁପଯୋଗ, ରାଜ୍ୟର ବିସ୍ତୃତ ବେଳାଭୂମି, ଜଙ୍ଗଲ ସମ୍ପଦ, ମହିଳା ଶକ୍ତି ଏବଂ ସର୍ବୋପରି ଖଣିଖାଦାନର ଉପଯୁକ୍ତ ବ୍ୟବହାର କରି ରାଜ୍ୟକୁ କିଭଳି ସମୃଦ୍ଧ କରାଯାଇପାରିବ, ସେନେଇ ବଳିଷ୍ଠ ଯୋଜନା କରାଯାଇଛି। ୨୦୩୬ ପାଇଁ ରାଜ୍ୟ ସରକାର ୩୬ଟି ଫ୍ଲାଗସିପ୍ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିରେ ପ୍ରଶାସନରେ ଲୋକଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ➾ପୃଷ୍ଠା-୬

## ମୋହନଙ୍କୁ ଭେଟିଲେ ରାଜ୍ୟପାଳ



ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆଜି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷର ସଫଳତା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଛି। ଏନେଇ ରାଜ୍ୟପାଳ ଡ. କମ୍ଭମପାଟି କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନର ନେତୃତ୍ୱ ନେଇ ପ୍ରଥମ ବର୍ଷରେ ଅନେକ ଲୋକାଭିମୁଖୀ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ତେଣୁ ରାଜ୍ୟ ➾ପୃଷ୍ଠା-୬

# ମହାପ୍ରଭୁଙ୍କ ୭୦ ମୋଦକ ଖାଇଦେଲେ



ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ମୋଦକ ଚୋରି ଘଟଣାକୁ ନେଇ ବଢୁଛି ହଇଚଇ। ଗୋଟିଏ ପଟେ ଆଇନ ମନ୍ତ୍ରୀ ଚୋରି ଅଭିଯୋଗକୁ ଖଣ୍ଡନ କରୁଛନ୍ତି, କିନ୍ତୁ ଏପଟେ ମୋଦକ ଚୋରି ହେବା ସତ ବୋଲି କହିଛନ୍ତି ଖୋଦ୍ ଜଗନ୍ନାଥଙ୍କ ମୁଖ୍ୟ ବାଢ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ଓରଫ୍ ଜଗୁନି। ୭୦ଟି ମୋଦକ କମିବା ସତ କଥା, କିଏ ନେଇଥିବେ ନିଶ୍ଚିତ। ରାଜ୍ୟ ସରକାର ସିସିଟିଭି ଦେଖି ଏହାର ତଦନ୍ତ କରନ୍ତୁ ବୋଲି କହିଛନ୍ତି ଜଗୁନି। ଏଥିସହ ଶ୍ରୀକ୍ଷେତ୍ରରୁ ମୋଦକ ଚୋରେଇ ନେଇ ଦୀଘା ମନ୍ଦିରରେ ବ୍ୟବହାର କରାଯାଇଥିବା ଚର୍ଚ୍ଚାକୁ ଜଗୁନି ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ମୋଦକ ଚୋରି ହୋଇଛି, ଏହା ସତ। ଜଗନ୍ନାଥଙ୍କୁ ଲାଗି ପରେ ମୋଦକ ବଣ୍ଟା ହେବା ସମୟରେ ମୁଁ ଉପସ୍ଥିତି ଥିଲି। ୭୦ ମୋଦକ କମ୍ ଥିଲା। କିନ୍ତୁ ➾ପୃଷ୍ଠା-୬

ରାଜ୍ୟରେ ସଶକ୍ତ ହେବ ଡାକ୍ତରୀ ଶିକ୍ଷା ବ୍ୟବସ୍ଥା

# ପ୍ରତିଷ୍ଠା ହେବ ୯ ମେଡିକାଲ କଲେଜ

ସୂଚନା ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ
ଭୁବନେଶ୍ୱରରେ ଖୋଲିଲା ଲଜାଇଲ୍ ନବସୃଜନ କେନ୍ଦ୍ର
ଟେକ୍ନୋଲୋଜି କ୍ଷେତ୍ରକୁ ମିଳିବ ଗତି




ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଜି ଏକ ବଡ଼ ଘୋଷଣା କରିଛନ୍ତି। ରାଜ୍ୟରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଦେବା ସକାଶେ ଆହୁରି ୯ଟି ମେଡିକାଲ୍ କଲେଜ ପ୍ରତିଷ୍ଠା ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଘୋଷଣା କରିଛନ୍ତି। ଏନେଇ ବଜେଟ୍ ଅନୁମୋଦନ ହୋଇଥିବା ବେଳେ ଏମ୍‌ବିବିଏସ୍ କଲେଜ, ଡେଣ୍ଟାଲ କଲେଜ ଓ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା ହେବ। ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ଦ୍ୱାରା ଦୂର ହେବ ସ୍ୱାସ୍ଥ୍ୟ ସମସ୍ୟା। ନୂଆ ମେଡିକାଲ୍ କଲେଜ ସମ୍ପର୍କରେ ସବିଶେଷ ସୂଚନା ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ଜଗତସିଂହପୁର, ➾ପୃଷ୍ଠା-୬

# ରଥଯାତ୍ରାରେ 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ' ବର୍ଜନ ଆହ୍ୱାନ

ବଡ଼ଦାଣ୍ଡକୁ ପ୍ରଦୂଷଣମୁକ୍ତ କରିବା ସମସ୍ତଙ୍କ ଦାୟିତ୍ୱ
ପୁନଃବ୍ୟବହାର ଓ ପୁନଃଚକ୍ର ପାଇଁ ଜନଆନ୍ଦୋଳନ ଜରୁରୀ



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ପବିତ୍ର ରଥଯାତ୍ରାର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏକ ଭିଡିଓ ବାର୍ତ୍ତା ଜାରି କରି ରଥଯାତ୍ରାରେ 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍' ଅର୍ଥାତ୍ ଥରେମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ସାମଗ୍ରୀକୁ ବର୍ଜନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସଚେତନତା ବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗକୁ ରଥଯାତ୍ରା ଆସୁଛି। ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନର ଅବସର ହେଉଛି ରଥଯାତ୍ରା। ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ପୁରୀରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଘୋଷଯାତ୍ରାକୁ ଭବ୍ୟ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ ଚଳାଇଛନ୍ତି। ରଥଯାତ୍ରାରେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଦେଉଳର ରତ୍ନ ସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଆସିବେ। ମହାପ୍ରଭୁଙ୍କ ସହ ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ରଥରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ଚତୁର୍ଦ୍ଧା ମୂରତିଙ୍କ ଦିବ୍ୟ ଦର୍ଶନ ଲାଭ କରିବା ପାଇଁ ବିଶ୍ୱର କୋଣଅନୁକୋଣରୁ ଭକ୍ତମାନେ ପୁରୀ ଆସିବେ। ରଥ ଭିଡ଼ିବା ପାଇଁ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ବିଶେଷ ଭାବେ ରଥଯାତ୍ରା ସମୟରେ ପୁରୀକୁ ଆସୁଥିବା ଜନସାଧାରଣ ଓ ପର୍ଯ୍ୟଟକ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ଅଧିକ ବ୍ୟବହାର କରିଥାନ୍ତି। ଭକ୍ତମାନେ ଭୋଗ ଓ ଫୁଲ ପାଇଁ ପଲିଥିନ, ପାଣି ବୋତଲ, ପାଣି ଗ୍ଲାସ ଓ ଖାଦ୍ୟ ସାମଗ୍ରୀ ନେବା ପାଇଁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଆଦିର ବ୍ୟବହାର କରିଥାନ୍ତି। ଏହାଦ୍ୱାରା ପୁରୀ ବଡଦାଣ୍ଡ ଦୂଷିତ ହେବା ସହ ପ୍ରଦୂଷଣର ପ୍ରଭାବ ସ୍ଥାନୀୟ ପରିବେଶ ଉପରେ ପଡୁଛି। ଗୋମାତା, ପଶୁପକ୍ଷୀ ଏହାର ପ୍ରତ୍ୟକ୍ଷ ଶିକାର ବି ହେଉଛନ୍ତି। ସମୁଦ୍ର, ପୋଖରୀ, ନାଳ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଆଜି ପରିବେଶ ସୁରକ୍ଷା ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ଯେତେବେଳେ ଆମେ 'ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା'ର କଳ୍ପନା କରୁଛେ, ସେତେବେଳେ ଏହା ଏକ ପ୍ରମୁଖ ପ୍ରସଙ୍ଗ ➾ପୃଷ୍ଠା-୬

ହୀରାକୁଦକୁ ବଢୁଛି ବିପଦ

## ତିଆରି ହେବ ଆଉ ୫ ସ୍ପିଲୱେ

ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ବୟସ ବଢିବା ସହ ହୀରାକୁଦ ନଦୀବନ୍ଧ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଡ୍ୟାମର ସୁରକ୍ଷାକୁ ନେଇ ମଧ ବିପଦ ସୃଷ୍ଟି ହୋଇଛି। ତେଣୁ ନଦୀବନ୍ଧର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଅଧିକ ୫ଟି ସ୍ପିଲୱେ ନିର୍ମାଣ କରିବାକୁ ପ୍ରସ୍ତୁତିପର୍ବ ଶେଷ କରିଛନ୍ତି ସରକାର। ଏହାଦ୍ୱାର ଜଳଭଣ୍ଡାର ଜଳଧାରଣ କ୍ଷମତା ମଧ ବୃଦ୍ଧି ପାଇ ପୂର୍ବାବସ୍ଥାକୁ ଫେରିବ ବୋଲି ଆଶା କରାଯାଉଛି। ବିଶେଷଜ୍ଞଙ୍କମାନେ ହୀରାକୁଦକୁ ନେଇ ଅନେକଥର ସତର୍କ କରିଛନ୍ତି। ଆଉ ଏବେ ଓଡ଼ିଶାର ଲାଇଫଲାଇନ କୁହାଯାଉଥିବା ହୀରାକୁଦର ସୁରକ୍ଷା ପାଇଁ ଏବେ ଅଣ୍ଟା ଭିଡ଼ିଛନ୍ତି ସରକାର। ହୀରାକୁଦ ଡ୍ୟାମ୍‌ରେ ଅତିରିକ୍ତ ୫ଟି ସ୍ପିଲୱେ କରିବାକୁ ନିଷ୍ପତ୍ତି ହୋଇଛି। ଜଳ ସମ୍ପଦ ବିଭାଗର ଅଧିକାରୀ ମହାନଦୀ ବେସିନ ଓ ସେଚ ସଦନକୁ ଚିଠି ଲେଖିଛନ୍ତି। ➾ପୃଷ୍ଠା-୬

# ୧ରୁ ବଢ଼ିବ ରେଳଭଡ଼ା

ଦୈନିକ ଯାତ୍ରୀଙ୍କୁ ଆଶ୍ୱସ୍ତି
କୋଭିଡ୍ ପରେ ପ୍ରଥମ ବୃଦ୍ଧି



ନୂଆଦିଲ୍ଲୀ,୨୪।୬: ଦୀର୍ଘ ବର୍ଷ ପରେ ଭାରତୀୟ ରେଳବାଇ ଟ୍ରେନ ଭଡ଼ା ବୃଦ୍ଧି କରିଛି। ବର୍ଦ୍ଧିତ ଖର୍ଚ୍ଚ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା ବେଳେ ଆସନ୍ତା ଜୁଲାଇ ୧ ତାରିଖରୁ ଏହା ଲାଗୁ ହେବ ବୋଲି ସୂଚନା ଦିଆଯାଇଛି। ଏଥିସହ କୋଭିଡ୍ ପରେ ପ୍ରଥମ ଥର ପାଇଁ ରେଳଭଡ଼ାରେ ବୃଦ୍ଧି ଘଟିଛି। ଏ ସଂକ୍ରାନ୍ତରେ ରେଳବାଇ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, ନନ୍-ଏସି ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନର ଭଡା କିମି ପ୍ରତି ୧ ପଇସା ବୃଦ୍ଧି ପାଇବ। ସେହିପରି ଏସି ଶ୍ରେଣୀରେ ଯାତ୍ରା କରୁଥିବା ଲୋକଙ୍କୁ (ଏସି ୨-ସ୍ତରୀୟ, ଏସି ୩-ସ୍ତରୀୟ) କିମି ପିଛା ପୂର୍ବାପେକ୍ଷା ୨ ପଇସା ଅଧିକ ଦେବାକୁ ପଡିବ। ତେବେ ସେକେଣ୍ଡ କ୍ଲାସରେ ୫ ଶହ କିମି ପର୍ଯ୍ୟନ୍ତ ଯାତ୍ରା ପାଇଁ କୌଣସି ଅତିରିକ୍ତ ଭଡ଼ା ଦେବାକୁ ପଡ଼ିବ ନାହିଁ। କିନ୍ତୁ ଏହାଠାରୁ ଅଧିକ ଦୂରତା ପାଇଁ କିମି ପିଛା ଯାତ୍ରୀଙ୍କୁ ଅଧ ପଇସା ଅତିରିକ୍ତ ଭାବେ ଦେବାକୁ ପଡିବ। ସେହିପରି ସହରାଞ୍ଚଳ (ଉପନଗର) ଟ୍ରେନ୍ ଓ ମାସିକ ସିଜିନ୍ ଟିକେଟ୍ ଭଡ଼ାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଫଳସବରୂପ ଦୈନିକ ଯାତ୍ରା କରୁଥିବା ଯାତ୍ରୀଙ୍କ ଉପରେ ବର୍ଦ୍ଧିତ ଭଡ଼ାର କୌଣସି ପ୍ରଭାବ ପଡ଼ିବ ନାହିଁ। ଏଥିସହିତ ରେଳବାପେକ୍ଷରୁ ତତ୍କାଳ ଟିକେଟ୍ ବୁକିଂ ପାଇଁ ଥିବା ➾ପୃଷ୍ଠା-୬

## ସୁରକ୍ଷା ବଢ଼ାଇବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ମୟୂରଭଞ୍ଜରେ ବିଭିନ୍ନ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ସମୀକ୍ଷା କରିଛନ୍ତି ପୂର୍ବାଞ୍ଚଳ ଡିଆଇଜି ଡକ୍ଟର ସତ୍ୟଜିତ ନାୟକ। ବାରିପଦାରେ ସେ ଜିଲ୍ଲାର ସବୁ ଜାତୀୟକରଣ, ଘରୋଇ ଏବଂ ସମବାୟ ବ୍ୟାଙ୍କ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରିଛନ୍ତି। ସମ୍ପ୍ରତି ଦେଶରେ ଦେଖାଇଥିବା ଅନଲାଇନ ଫ୍ରଡକୁ କିଭଳି ରୋକାଯାଇପାରିବ ସେନେଇ ବ୍ୟାଙ୍କଗୁଡିକ ନିଜ ନିଜର ସୁରକ୍ଷା ବ୍ୟବସ୍ଥାକୁ ➾ପୃଷ୍ଠା-୬

# ୧୦ ବର୍ଷର ପୁରୁଣା ଫାଇଲ ଖୋଲିଲେ ମୋହନ




ବାହାର ସଂସ୍ଥାକୁ କାହିଁକି ଦିଆଯାଉଛି ଆଉଟସୋର୍ସିଂ?
ମୁଖ୍ୟ ସଚିବଙ୍କୁ ମାଗିଲେ ସବୁ କାମର ହିସାବ
ତନାଘନାରେ ୫ ଇଞ୍ଜିନିୟରିଂ ବିଭାଗରେ କମ୍ପନ

ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ଓ ଦକ୍ଷ ଇଞ୍ଜିନିୟର ଥାଉ ଥାଉ ସରକାର କାହିଁକି ଆଉଟସୋର୍ସିଂ କମ୍ପାନୀକୁ କାମ ଦେଉଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଗତ କିଛି ବର୍ଷ ହେଲା ଚାଲିଥିବା ବାହାର କମ୍ପାନୀ ପ୍ରୀତିକୁ ନେଇ କ୍ଷୁବ୍ଧ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତେଣୁ ୧୦ ବର୍ଷର ପୁରୁଣା ଫାଇଲ ଖୋଜି ଇଞ୍ଜିନିୟରିଂ କାମରେ ଦିଆଯାଉଥିବା ଆଉଟ୍‌ସୋର୍ସିଂ କାମର ତାଲିକା ମାଗିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହିତ ଇଞ୍ଜିନିୟରିଂ କାମରେ ଆଉଟ ସୋର୍ସିଂ ବନ୍ଦ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ପୂର୍ବର ବିଜେଡି ସରକାର ଅମଳରେ ଆଉଟ ସୋର୍ସିଂ ଏକ ନିୟମିତ ପ୍ରକ୍ରିୟା ହୋଇଯାଇଥିଲା। ଏହି ବ୍ୟବସ୍ଥାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ୧୦ ବର୍ଷର ଫାଇଲ୍ ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମୁଖ୍ୟ ଶାସନ ସଚିବଙ୍କୁ ନୋଟ ସିଟ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବେଳେ ସରକାରଙ୍କ ପାଖରେ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ସହ ଦକ୍ଷ ଇଞ୍ଜିନିୟର ଥିବା ବେଳେ, କାହିଁକି ଆଉଟସୋର୍ସିଂ ସଂସ୍ଥାକୁ ଦିଆଯାଉଛି ଇଞ୍ଜିନିୟରିଂ କାମ ଦିଆଯାଉଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏମିତି କି ଛୋଟ ଛୋଟ କାମ, ଆଉ ପ୍ରକଳ୍ପର ସର୍ଭେ, ଅନୁସନ୍ଧାନ, ଡିଜାଇନ, ଏଷ୍ଟିମେଟ ଏବଂ ଡିପିଆର ପ୍ରସ୍ତୁତ ପାଇଁ ➾ପୃଷ୍ଠା-୬



କାନ ଡେରିଥା

ଜଗନ୍ନାଥଙ୍କର ମୋଦକ ଚୋରାଇ
କ'ଣ ପ୍ରମାଣ କଲ
ବିଶ୍ୱବାସୀଙ୍କ ର ଭକ୍ତି ଭାବକୁ
କୁଠାର ଆଘାତ ଦେଲ
ଦଶମୂଳ ବିକିଦେଲ !...
ଦିଘା ଲିଙ୍କ ଏବେ କିମିଆଁ କରୁଛି
ଗୋଡେଇ ଗୋଡେ ଧର।
■ ଦେବାଶିଷ

# ଅରୁଣଙ୍କୁ ସାଙ୍ଗରେ ଧରି ଓଡ଼ିଶା ବୁଲିବେ ନବୀନ



✪ ବର୍ଷା ଋତୁ ପରେ ଅଭିଯାନ
✪ ଦଳକୁ ମିଳିବ ସଞ୍ଜିବନୀ

ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ଉତ୍ତରାଧିକାରୀ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକାଇ ପୁତୁରା ଅରୁଣ ପଟ୍ଟନାୟକଙ୍କୁ ସାଙ୍ଗରେ ଧରି ଓଡ଼ିଶା ବୁଲିବେ ନବୀନ। ମୁମ୍ବାଇରୁ ଫେରି ସମ୍ପୂର୍ଣ୍ଣ ସୁସ୍ଥ ହେବା ସହ ବର୍ଷାଋତୁ ପରେ ଏଭଳି ଅଭିଯାନ ଆରମ୍ଭ ହେବ ବୋଲି ବିଜେଡି ଶିବିରରେ ଆଲୋଚନା ଚାଲିଛି। ତେବେ ଏହାଦ୍ୱାରା ହାରିଥିବା ଦଳକୁ ସଞ୍ଜିବନୀ ମିଳିବ ବୋଲି କେତେକ କହୁଥିବା ବେଳେ ଆଉ କେତେକ ଏହାବ୍ୟତୀତ ନବୀନଙ୍କ ନିକଟରେ ଅନ୍ୟ ବାଟ ନାହିଁ ବୋଲି କହୁଛନ୍ତି।

ଏବେ ମୁମ୍ବାଇରେ ଚିକିତ୍ସାଧୀନ ଥିବା ନବୀନ ଦ୍ରୁତ ଗତିରେ ଆରୋଗ୍ୟ ଲାଭ କରୁଥିବା ନେଇ ବଡ଼ଭାଇ ପ୍ରେମ୍ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରଥମେ ନିଜ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ନବୀନ ରାଜ୍ୟବାସୀଙ୍କୁ ଜଣାଇବା ଓ ପରେ ଓଡ଼ିଶାବାସୀଙ୍କଠାରୁ ଦୂରତା ଅବଲମ୍ବନ କରୁଥିବା ପ୍ରେମ୍ ପଟ୍ଟନାୟକ ଭିଡିଓ ଜାରି କରିବା ଏବେ ବିଜେଡିର ଉତ୍ତରାଧିକାରୀ ଚର୍ଚ୍ଚାକୁ ପୁଣିଥରେ ବଳ ମିଳିଛି। ପ୍ରେମ୍ ପଟ୍ଟନାୟକଙ୍କ ପୁଅ ତଥା ନବୀନଙ୍କ ପୁତୁରା ଅରୁଣ ଓଡ଼ିଶା ରାଜନୀତିରେ ଠିକ୍ କକାଙ୍କ ଷ୍ଟାଇଲରେ ଏଣ୍ଟ୍ରି ମାରିବେ ବୋଲି ଆଲୋଚନା ଆରମ୍ଭ ହୋଇଯାଇଛି। ମିଳିଥିବା ସୂଚନାନୁଯାୟୀ ନବୀନ ହିଁ ଅରୁଣଙ୍କୁ ଓଡିଶାରେ ଦମଦାର ଏଣ୍ଟ୍ରି କରାଇବେ। ବର୍ଷାଋତୁ ପରେ ଏହି ଅଭିଯାନ ଆରମ୍ଭ ପାଇଁ ଆପାତତଃ ସ୍ଥିର ହୋଇଛି। ସେତେବେଳକୁ ନବୀନ ଶୀଘ୍ର ସୁସ୍ଥ ହୋଇଯାଇଥିବେ। ନବୀନଙ୍କ ପରେ ବିଜୁ ପରିବାରରୁ ଜଣଙ୍କୁ ଆଣି ବସାଇବା ପାଇଁ ଦଳର ଗୋଟିଏ ବଡ଼ ଗୋଷ୍ଠୀ ମତ ଦେଉଥିବାରୁ ଏଭଳି ହେବାକୁ ଯାଉଛି। ପୂର୍ବରୁ ଯଦିଓ ଅରୁଣଙ୍କୁ ନେଇ ଆଲୋଚନା ହେଉଥିଲା। କିନ୍ତୁ ନବୀନ ତାହାକୁ ସହଜରେ ଟାଳିଦେଉଥିଲେ। ହେଲେ ଏବେ ନବୀନ ଚିକିତ୍ସାଧୀନ ଥିବାବେଳେ ଖୁବଶୀଘ୍ର ନିଜର ଉତ୍ତରାଧିକାରୀ ଭାବେ ପୁତୁରା ଅରୁଣଙ୍କ ନାମ ଘୋଷଣା କରିବେ ବୋଲି କୁହାଯାଉଛି। ବିଜେଡିରେ ଏବେ ନୂଆକରି ଗୋଟିଏ ରାଜନୈତିକ ବ୍ୟାପାର କମିଟି ଗଢାହୋଇଥିବା ବେଳେ ନବୀନଙ୍କ ଅନୁପସ୍ଥିତିରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ମଙ୍ଗ ଧରିଛନ୍ତି। ଅନ୍ୟମାନେ ଯଦିଓ ସହଯୋଗ କରୁଛନ୍ତି, ହେଲେ ନବୀନ କାହା ଉପରେ ଭରସିପାରୁନାହାନ୍ତି। ବିଶେଷକରି ନିର୍ବାଚନ ପୂର୍ବରୁ ବିଜେଡିରେ ନିଜକୁ ଦୁଇ ନମ୍ବର ନେତା ବୋଲି କହି ବୁଲୁଥିବା କିଛିନେତା ନିର୍ବାଚନରେ ନିଜେ ଚିତ୍‌ପଟାଙ୍ଗ ମାରିବା ସହିତ ଅନ୍ୟମାନଙ୍କ ହାରିବାର କାରଣ ବି ହୋଇଥିଲେ। ଦଳକୁ କିଭଳି ଭାବେ ଏହି ଟୋକା ମାମଲତକାରମାନେ ହରାଇଦେଲେ, ତାହାର ସୂଚନା ପାଇଲା ପରେ ନବୀନ ଏବେ ବିଜେଡିକୁ ବଞ୍ଚାଇବା ପାଇଁ ଅରୁଣଙ୍କ ଉପରେ ନଜର ରଖିଛନ୍ତି।

ଅନ୍ୟ ପକ୍ଷରେ ରାଜ୍ୟରେ ବିଜେପି ସରକାରର ମଙ୍ଗ ଧରିଥିବା ମୋହନ ଚରଣ ମାଝୀ ରାଜ୍ୟ ସାରା ଘନଘନ ଗସ୍ତ କରୁଥିବା ବେଳେ କଂଗ୍ରେସ ମଧ ଗୋଟିଏ ପରେ ଗୋଟିଏ ପ୍ରସଙ୍ଗକୁ ଜାବୁଡ଼ି ଧରିବାରେ ଲାଗିଛି। ଏଭଳି ସ୍ଥିତିରେ ବିଜେଡି ଡଙ୍ଗାକୁ ବଞ୍ଚାଇବାକୁ ହେଲେ ବିଜୁ ପରିବାର ହିଁ ଏକମାତ୍ର ଭରସା ବୋଲି ଅନେକ ମତ ଦେଉଛନ୍ତି। ଏଥିପାଇଁ ସେମାନଙ୍କ ଆଗରେ ଅରୁଣ ହିଁ ଏକମାତ୍ର ବିକଳ୍ପ। ଅରୁଣ ରାଜନୀତିର ଧାର ଧାରିନଥିଲେ ମଧେ କକା ନବୀନଙ୍କ ଷ୍ଟାଇଲରେ ଓଡ଼ିଶାରେ ଏଣ୍ଟ୍ରି ମାରିବେ ବୋଲି ଆଲୋଚନା ଜୋର ଧରିଥିବା ବେଳେ ଏଥିପାଇଁ ବିଜେଡିରେ ଭିତିରି ଯୋଗାଡ଼ ଚାଲିଥିବା ଦଳର କର୍ମୀମାନେ ମତ ଦେଉଛନ୍ତି।

# ମୀରାରାଣୀ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ନିର୍ବାଚିତ

**● ୨୫ ସଭ୍ୟ/ସଭ୍ୟା ଜଣାଇଲେ ସମର୍ଥନ ● ୩୦ ତାରିଖ ସୁଦ୍ଧା ଫଳାଫଳ ଘୋଷଣା ନକରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**



**ମହାକାଳପଡ଼ା,୨୪।୬ (ସଂଚାର ବ୍ୟୁରୋ):** ବହୁ ଚର୍ଚ୍ଚିତ ମହାକାଳପଡ଼ା ବ୍ଲକ ଅଧକ୍ଷା ଅନାସ୍ଥା ରାଜନୀତିରେ ପୂର୍ଣ୍ଣଛେଦ ପଡ଼ିଛି। ପୂର୍ବତନ ଅଧକ୍ଷା କଳ୍ପନା ରାଉତ ତାଙ୍କ ପଦ ହାରିବା ପରେ ଆଜି ହୋଇଥିବା ନିର୍ବାଚନରେ ବିଜୟୀ ହୋଇଛନ୍ତି ନୂତନ ଅଧକ୍ଷା ପଦ ପାଇଁ ନାମାଙ୍କନ ଭରିଥିବା ଗଡରୋମିତ ପଞ୍ଚାୟତର ସଭ୍ୟା ମିରାରାଣୀ ମହାନ୍ତି। ଏପଟେ ମିରା ରାଣୀଙ୍କ ବିଜୟକୁ ନେଇ ବିଜେପି ଶିବିର ଯେତିକି ଉତ୍ସାହିତ ନାହିଁ ତାହାଠାରୁ ବେଶି ଆନନ୍ଦିତ ମହାକାଳପଡ଼ାରେ ବିଜେଡ଼ିର ଶେଷ ଅଂଶକୁ ଧୂଳିସାତ କରିଥିବାରୁ।

ରାଜ୍ୟ ରାଜନୀତିରେ ନିଜର ପତିଆରା ଜାହିର କରିଆସୁଥିବା ମହାକାଳପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଗତ ସାଧାରଣ ନିର୍ବାଚନରେ ସର୍ବାଧିକ ଭୋଟ୍ ବ୍ୟବଧାନରେ ହରାଇଥିଲେ ନବାଗତ ଦୁର୍ଗା ପ୍ରସନ୍ନ ନାୟକ। ଦୁର୍ଗାଙ୍କ ବିଜୟ ପରେ ପରେ ମହାକାଳପଡ଼ାରେ ପଞ୍ଚାୟତ ସମିତି ଗଣିତର ପୃଷ୍ଠା ଲେଉଟି ଥିଲା। ବିଜଦ ସମର୍ଥିତ ଅଧକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ଆଣି ସରପଞ୍ଚ ଓ ସଭ୍ୟମାନେ ମେଳି ବାନ୍ଧିଥିଲେ। ସଂଖ୍ୟା ଗଣିତର ଗଡାଣି ଉଠାଣି ଛକାପଞ୍ଝା ଭିତରେ ଶେଷରେ ମେ ୨୮ ରେ ଅଧକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ଭୋଟ୍ ଆଗତ ହୋଇଥିଲା। ସଂଖ୍ୟା ଗରିଷ୍ଠତା ନମିଳିବାରୁ ପଦ ହରାଇଥିଲେ କଳ୍ପନା।

ଆଜି ମହାକାଳପଡ଼ା ବ୍ଲକ ପରିସରରେ ପ୍ରଶାସନ ତରଫରୁ ଅଧକ୍ଷା ପଦ ପାଇଁ ନାମାଙ୍କନ ଭରା ହୋଇଥିଲା। ଏଥିରେ କେବଳ ମିରାରାଣୀ ମହାନ୍ତି ଅଧକ୍ଷା ପଦ ପାଇଁ ନାମାଙ୍କନ ଭରିଥିଲେ। ଅନ୍ୟକେହି ନାମାଙ୍କନ ପ୍ରକ୍ରିୟାରେ ଭାଗ ନନେବାରୁ ମିରାରାଣୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୩୧ ପଞ୍ଚାୟତ ମଧ୍ୟରୁ ୨୫ ଜଣ ସଭ୍ୟ/ସଭ୍ୟା ସମର୍ଥନ ଜଣାଇଥିଲେ। ମିରାରାଣୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହେଲେ ସିନା କିନ୍ତୁ ଫଳାଫଳ ଘୋଷଣା ୩୦ ତାରିଖ ପୂର୍ବରୁ ହୋଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ଯାହାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ଗାଡିଚାଳକଙ୍କୁ ସଚେତନତା କାର୍ଯ୍ୟକ୍ରମ

## ‘ଆମ ସଙ୍କଳ୍ପ - ନିଶା ନୁହେଁ ଜୀବନ’

**କେନ୍ଦ୍ରାପଡ଼ା,୨୪।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ଗାଡିଚାଳକମାନଙ୍କୁ ସଚେତନ କରିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଜଜାଙ୍ଗସ୍ଥିତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସ ମୁଖ୍ୟାଳୟର ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଆଳିକ ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଗାଡି ଚାଳକମାନଙ୍କୁ ମଟରଯାନ ଆଇନ, ନିଶା ଖାଇ ଗାଡି ନଚଳାଇବା, ରାସ୍ତାରେ ଦୁଇ ଚକିଆ ଗାଡି ଚଳାଇ ଯିବାବେଳେ ହେଲମେଟ ପିନ୍ଧିବା, ଚାରିଚକିଆ ଯାନରେ ସିଟ ବେଲ୍ଟ ପିନ୍ଧିବା, ରଙ୍ଗସାଇଡ୍‌ରେ ନଯିବା, ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ଓ ଗାଡି ଚଲାଇବା ବେଳେ ମୋବାଇଲରେ କଥା ନହେବା ପ୍ରଭୃତି ସମ୍ପର୍କରେ ସଚେତନ କରାଯିବା ସହ ହେଲମେଟ ପିନ୍ଧିନଥିବା ଦୁଇଚକିଆ ଯାନ ଚାଳକମାନଙ୍କୁ ବିନାମୂଲ୍ୟରେ ହେଲମେଟ ପ୍ରଦାନ କରିଥିଲେ । ଏଥିସହ ସମସ୍ତେ ଏକ ସଙ୍କଳ୍ପ ନେବା ଯେ ନିଶା ନୁହେଁ ଜୀବନକୁ ବାଛିବା ବୋଲି ଗାଡିଚାଳକମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ ।

## ଆଇନସେବା ପ୍ରାଧିକରଣ ତରଫରୁ ପୋକ୍ସୋ ଆଇନ ସମ୍ପର୍କରେ ସଚେତନତା

**କେନ୍ଦ୍ରାପଡ଼ା,୨୪।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପୋକ୍ସୋ ଆଇନ ଜେଜେ ସିପିସି ଆଇନ ଓ ପୀଡିତା କ୍ଷତିପୂରଣ ରାଶି ଏହାର ଅଧିନିୟମ ୨୦୧୮ ଅନ୍ତର୍ଗତ ନିୟମାବନ୍ଧୀ ଉପରେ ଏକ ସଚେତନତା ଶିବିର ବିଜୟନଗର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ଯୋଗ ଦେଇ ହାଇସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ଜେଜେ ଆଇନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ବୁଝାଇଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ଉକ୍ତ ଅପରାଧ ଓ ଅପରାଧୀ ମାନଙ୍କ ପାଖରୁ କିପରି ନିଜକୁ ସୁରକ୍ଷିତ ରଖିବ ସେ ଦିଗରେ ଉପଦେଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ପ୍ରଧାନ ଶିକ୍ଷକ ବନମାଳୀ ଦାସ, ଆଇନଜିବୀ ରମଣୀ ରଞ୍ଜନ ରାଉତରାୟ, ପ୍ରାଧିକରଣ କର୍ମଚାରୀ ଶ୍ରୀକାନ୍ତ ସ୍ୱାଇଁ, ବରଦା ପ୍ରସନ୍ନ ମହାପାତ୍ର, ଦେବବ୍ରତ ପଲାଇଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।

### ଇଣ୍ଡିଆନ ବ୍ୟାଙ୍କରେ ୭୦ ଲକ୍ଷ ତୋଷରପାତ ଘଟଣା

## ହେଡ୍ କ୍ୟାଶିୟରଙ୍କୁ ଦୁଇ ବର୍ଷ ଜେଲ



**ଆଳି,୨୪।୬ (ସଂଚାର ବ୍ୟୁରୋ):** ଆଳି ସିଙ୍ଗିରି ଇଣ୍ଡିଆନ ବ୍ୟାଙ୍କରେ ଅର୍ଥ ହଡ଼ପ ଘଟଣାରେ ବ୍ୟାଙ୍କର ହେଡ୍ କ୍ୟାସିୟରଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ସହ ତିନି ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ହୋଇଛି । ୨୦୨୪ ମସିହା ଜାନୁୟାରୀ ମାସରେ ଆଳି ସିଙ୍ଗିରି ଇଣ୍ଡିଆନ ବ୍ୟାଙ୍କ ଶାଖାରେ ସୁରେନ୍ଦ୍ର ନାୟକଙ୍କ ପାଞ୍ଚଟି ଆକାଉଣ୍ଟରୁ ୭୦ଲକ୍ଷ ଟଙ୍କା ହଡ଼ପ ଘଟଣାରେ ସୁରେନ୍ଦ୍ର ନାୟକ ଆଳି ଥାନାରେ ଏତଲା ଆଧାରରେ ତତ୍କାଳୀନ ହେଡ୍ କ୍ୟାସିୟର ଅଭିରାମ ମଲ୍ଲିକ ଗିରଫ ହୋଇ ଥିଲେ । ଏହି ଘଟଣାର ତଦନ୍ତ କରାଯାଇ କୋର୍ଟରେ ମାମଲା ବିଚାରଧିନ ଥିଲା । ଆଜି ଆଳି ଦେୱାନୀ ଓ ଫୌଜଦାରୀ ଅଦାଲତର ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦ ଏହି ମାମଲାର ବିଚାର କରି ୪୦୬,୪୦୮,୪୭୧,୩୪ ଦଫାରେ ଦଣ୍ଡବିଧାନ କରିବା ସହ ଦୁଇ ବର୍ଷ ଜେଲ ସହିତ ଅର୍ଥ ଜୋରିମାନା ଦଣ୍ଡାଦେଶ କରିଥିବା ସରକାରୀ ଆଇନଜୀବୀ ହରପ୍ରିୟା ସଅ ସୂଚନା ଦେଇଛନ୍ତି ।

## ପୋଖରୀରେ ବୁଡ଼ି ଛାତ୍ରୀ ମୃତ



**ମହାକାଳପଡ଼ା,୨୪।୬ (ସଂଚାର ବ୍ୟୁରୋ):** ପୋଖରୀରେ ଶୌଚ ହେବାକୁ ଯାଇ ପାଦ ଖସିଯିବାରୁ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କର ମୃତ୍ୟୁ ଘଟିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାହାର ଶୋବଳା ଗ୍ରାମର ଅମର ମଲ୍ଲିକଙ୍କ ଝିଅ ସୁମିତ୍ରା ମଲ୍ଲିକ(୧୫) ଏକଲପୁର ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ। ପ୍ରତିଦିନ ଭଳି ଆଜି ସୁମିତ୍ରା ବିଦ୍ୟାଳୟକୁ ଯିବା ପାଇଁ ଘାଟ ପାରି ହେବାକୁ ଶୋବଳା ଘାଟକୁ ଯାଇଥିଲା। ଝାଡା ଲାଗିବାରୁ ପାଖରେ ଥିବା ଏକ ମଣ୍ଡପ ଉପରେ ବହି ରଖି ଝାଡା କରିବା ପରେ ଶୌଚ ହେବାକୁ ନଦୀ ନିକଟ ପୋଖରୀକୁ ଯାଇଥିଲା। ସେଠାରେ ପାଦ ଖସିଯିବାରୁ ପୋଖରୀର ଗଭୀର ଜଳରେ ପଡ଼ି ଯାଇଥିଲା। ବହି ଦେଖି ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀରୁ ସୁମିତ୍ରା ଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ସୁମିତ୍ରାଙ୍କ ଶବକୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏନେଇ ଖବର ପାଇ ଶିକ୍ଷାବିତ ଗନ୍ଧର୍ବ ନାୟକ ମେଡିକାଲ୍ ରେ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ରେଜାଙ୍ଗେଲା ଯୁଦ୍ଧର ସହିଦ ଯବାନଙ୍କ ଉଦ୍ଦେଶ୍ୟରେ କଳସ ଯାତ୍ରା



**କେନ୍ଦ୍ରାପଡ଼ା,୨୪।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଂଘ ପକ୍ଷରୁ ଜାମ୍ମୁ କାଶ୍ମୀର ଅଂଚଳର ରେଜାଙ୍ଗେଲା ଘାଟିରେ ଚିନ୍ ସହିତ ୧୯୬୨ ମସିହାରେ ଯୁଦ୍ଧ କରି ସହିଦ ହୋଇଥିବା ୧୨୦ ଜଣ ଅହିର ଯାଦବ ସ୍ଥଳସେନା ଯବାନ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହିଦ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡାର ଦୁହୁରିଆ ଠାରୁ ଏକ ବିରାଟ ଶୋଭାଯାତ୍ରା ରେ ଏହି କଳସ ଯାତ୍ରା ସହର ପରିକ୍ରମା କରି ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡ ରେ ସମାପ୍ତ ହୋଇଥିଲା । ଏହି ଅବସର ରେ ସେଠାରେ ଅନୁଷ୍ଠିତ ଏକ ସ୍ମୃତିସଭାରେ ଯାଦବ ମହାସଭାର ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସାଧାରଣ ସଂପାଦକ ରମେଶ ପାଇଲଟ, ଜାତୀୟ ଉପ ସଭାପତି ପିତାମ୍ବର ଦାସ, ଇଂ ପ୍ରଦୀପ ବେହେରା, ପ୍ରଫୁଲ୍ଲ ଦାସ, ରାଜ୍ୟ ଯୁବ ସଂପାଦକ ଚିତ ରଞ୍ଜନ ଦାସ, ସଭାପତି ଅମନ ନାୟକ, ଜିଲ୍ଲା ସାଧାରଣ ସଂପାଦକ ପ୍ରମୁଖ ଉପସ୍ଥିତ ଯାଦବ ନେତାମାନେ ତତ୍କାଳୀନ ସମୟର ସ୍ମୃତିଚାରଣ କରିବା ସହ ୧୨୦ ଜଣ ଯାଦବ ଯବାନ ମାନଙ୍କର ସହିଦ ବୀରତ୍ୱର ଗାଥା ଆଲୋଚନା କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ବୃକ୍ଷରୋପଣ

**ସାଲେପୁର,୨୪।୬ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକର ମହାସିଂହପୁର ଉଚ୍ଚ ବିଦ୍ୟାଳୟଠାରେ ୨୦୦୬ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ଉତ୍ସବ ଓ ବୃକ୍ଷରୋପଣ ଏବଂ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ନିରୂପମା ସାମଲ, ବଳଦେବ ଦାସ, ଅକ୍ଷୟ କୁମାର ପୁହାଣ, ସୁବାସ ଚନ୍ଦ୍ର ବିଶ୍ୱାଳ, ମୀନକେତନ ଖଟେଇ, ଅକ୍ଷୟ କୁମାର ବଳ, ରସାନନ୍ଦ ଘଡେଇ, ପୀତବାସ ଶତପଥି, ସସ୍ମିତା ଶତପଥି, ସେକ୍ ଅବୁଜର, ପ୍ରତାପ କୁମାର ଜେନା, ଅପରାଜିତା ପରିଡ଼ା, ନନ୍ଦିନୀ ମଲ୍ଲିକ, ଧର୍ମପ୍ରିୟା ସାହୁ, ରାକେଶ ମଲ୍ଲିକ, ଚନ୍ଦ୍ରଶେଖର କୁଅଁର, ନିରାକାର ବିଶ୍ୱାଳ, କୋକୁଆନ୍ ଅଲ୍ଲି ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ଗଛକଟା ପରେ ହେଉନି କାର୍ଯ୍ୟାନୁଷ୍ଠାନ

## ଧାରଣା ଚେତାବନୀ

**ଆଳି,୨୪।୬ (ସଂଚାର ବ୍ୟୁରୋ):** ରାସ୍ତାକଡ଼ରୁ ବେଆଇନ ଗଛ କଟା କୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ପ୍ରକୃତିପ୍ରେମୀ ବିଶ୍ୱଜିତ। ସୂଚନା ମୁତାବକ ପତ୍ରପୁର ସାମନ୍ତସିଂହାର କେଳୁଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାର ଦୁଇ ପାର୍ଶ୍ୱରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପିଅନ ଉଭୟ ମିଶି ବେଆଇନ ଭାବେ ଦାମୀ ଗଛ କାଟି ପ୍ରତାପ ପ୍ରଧାନ ନାମକ ଯୁବକକୁ ବିକ୍ରି କରିଦେଇଥିବା ନେଇ ପ୍ରକୃତିପ୍ରେମୀ ବିଶ୍ୱଜିତ ତରାଇ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ମଧ ଥାନା ଅଧିକାରୀ ଏ ଘଟଣାକୁ କର୍ଣ୍ଣପାତ କଲେନାହିଁ କି କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କଲେ ନାହିଁ। ବାଧ ହୋଇ ବିଶ୍ୱଜିତ ତରାଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲାବେଳେ କୋର୍ଟର ନିର୍ଦ୍ଦେଶ ଅନୁଯାୟୀ ପୋଲିସ ବାଧ ହୋଇ ଚାରିଜଣ ଆସାମୀ ମାନଙ୍କ ବିରୁଦ୍ଧରେ ୨୩/୧୧/୨୦୨୪ରେ ମାମଲା ରୁଜୁ କରିଥିଲେ। ରାଜନୈତିକ ଚାପରେ ଚେପା ହୋଇ ଆଜି ପର୍ଯ୍ୟନ୍ତ ଥାନା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ବିଶ୍ୱବଜିତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସୋମବାର ଆଳି ବ୍ଲକରେ ଜନଶୁଣାଣି ଶିବିରରେ ପ୍ରକୃତିପ୍ରେମୀ ବିଶ୍ୱଜିତ ତରାଇ ରାସ୍ତା କଡ଼ରୁ ବେଆଇନ ଗଛକଟାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପିଅନଙ୍କ ସମେତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ଦିନରେ କାର୍ଯ୍ୟନୁଷ୍ଠାନ ନହୁଏ ତାହେଲେ ଧାରଣାରେ ବସିବେ ବୋଲି ବିଶ୍ୱଜିତ କହିଛନ୍ତି।



## ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

**ସାଲେପୁର,୨୪।୬ (ସଂଚାର ବ୍ୟୁରୋ):** ଅଖଣ୍ଡତା ଓ ସମ୍ବିଧାନର ସୁରକ୍ଷା ନିମନ୍ତେ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ବଳୀଦାନ ବ୍ୟର୍ଥ ଯିବ ନାହିଁ ବୋଲି ସାଲେପୁରଠାରେ ଆୟୋଜିତ ବଳିଦାନ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସାଲେପୁର ମଣ୍ଡଳ ଭାରତୀୟ ଜନତା ପାର୍ଟି ପକ୍ଷରୁ ବେଡେଇ ମାଉସୀମା ମନ୍ଦିର ପରିସରରେ ମଣ୍ଡଳ ସଭାପତି ଅସିତ୍ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଡଃ ମୁଖାର୍ଜୀଙ୍କର ବଳିଦାନ ଦିବସରେ ବରିଷ୍ଠ କବି ତଥା ଭାଜପା ନେତା ପ୍ରସନ୍ନ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଥିଲେ। ୧୯୫୩ମସିହାରେତତ୍କାଳୀନ ସରକାରଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ଡଃ ମୁଖାର୍ଜୀ ପ୍ରାଣବଳି ଦେଇଥିଲେ।



ମର୍ଯ୍ୟାଦାବନ୍ତ ଭାରତୀୟ ସମ୍ବିଧାନର ସୁରକ୍ଷା, ଜମ୍ମୁକାଶ୍ମିରରେ ଶାନ୍ତି ସହବସ୍ଥାନ, ଅଖଣ୍ଡତା ନିମନ୍ତେ ଲଢ଼େଇ କରି ସେ ପ୍ରାଣବଳି ଦେଇଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଏହି ଅବସରରେ ଡଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ଶ୍ରଦ୍ଧାସୁମନ ଅର୍ପଣ ଓ ଧୂପ ନୈବିଦ୍ୟପରେ ଦିଲ୍ଲୀପ କୁମାର ଦାଶ, ତ୍ରିଲୋଚନ ପାତ୍ର, ଅମିତ୍ ମହାନ୍ତି, ହରେକୃଷ୍ଣ ସାମଲ, ପଙ୍କଜ ଘର୍ତ୍ତି, ମେଘୁ ସିଂହ, ଚନ୍ଦ୍ରଶେଖର ସାହୁ, ବିନୀତା ପ୍ରଧାନ, ସ୍ନେହଲତା ପାଣିଗ୍ରାହୀ ପ୍ରମୁଖ ସଦସ୍ୟମାନେ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନ ଶୈଳୀର ଅବତାରଣା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ପାର୍ଥସାରଥୀ ସାହୁ ଧନ୍ୟ ବାଦ ଅର୍ପଣ କରିଥିଲେ।



## କାକତିଆ ବେଲେଙ୍କେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଡେରାବିଶ,୨୪।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକତିଆ ବେଲେଙ୍କେଶ୍ୱର ମହାଦେବଙ୍କ ର ପ୍ରଥମ ବାର୍ଷିକ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ନିକଟସ୍ଥ ଲୁଣାନଦୀର ଖିଲାରେଶ୍ୱର ଘାଟରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ପରେ ପ୍ରଭୁଙ୍କ ରୁଦ୍ରାଭିଷେକ କରାଯାଇଥିଲା। ଆୟୋଜିତ ଯଜ୍ଞରେ ଗୋ-ପୂଜା, ସୂର୍ଯ୍ୟପୂଜା କରାଯାଇ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା । ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପୂଜା ଓ ଯଜ୍ଞ କାର୍ଯ୍ୟରେ ବିଶ୍ୱରଞ୍ଜନ ମିଶ୍ର ଓ ତାଙ୍କ ପତ୍ନୀ ଜୟଶ୍ରୀ ମିଶ୍ର କର୍ତ୍ତା କର୍ତ୍ତୀ ଭାବେ ପୂଜାରେ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅରବିନ୍ଦ ମଲିକ, ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ ପ୍ରଧାନ, ପ୍ରଦୀପ୍ତ ରାଉତ, କୁଞ୍ଜ ବିହାରୀ ତ୍ରିପାଠୀ, ଜ୍ଞାନରଞ୍ଜନ ରାଉତ, ଦେବାଶିଷ ବେହେରା, ମନରଞ୍ଜନ ଦାସ, ପ୍ରଦୀପ୍ତ ରାଉତ,ଜୟନ୍ତ ଶତପଥୀ, ସୁଶାନ୍ତ ପଟ୍ଟନାୟକ, ଜୟନ୍ତ ମିଶ୍ର, ତ୍ରିଲୋଚନ ନାୟକ, ଦାମୋଦର ମିଶ୍ର, ମାନଗୋବିନ୍ଦ ସିଂ ପ୍ରମୁଖ ପରିଚାଳନା କରିଥିଲେ ।

## ଡାଇରିଆ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଦାବି କଲା କଂଗ୍ରେସ

**କେନ୍ଦ୍ରାପଡ଼ା,୨୪।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପାୟତର ଚକ୍ରୋଡା ଓ ମୁଣ୍ଡାପଡାରେ ବ୍ୟାପିଥିବା ଡାଇରିଆ ରୋଗର ତୁରନ୍ତ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏନେଇ ବରିଷ୍ଠ କଂଗ୍ରେସ ନେତା ଭାଗିରଥୀ ଜେନା ଓ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ସସ୍ମିତା ପଣ୍ଡା ମଙ୍ଗଳବାର ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ଭେଟି ଏସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିବା ସହିତ ପିଡିତ ଲୋକମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଦାବି କରିଥିଲେ । ଏହାବ୍ୟତିତ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଭେଟି ଉପଯୁକ୍ତ ଚିକିତ୍ସା ସେମାନଙ୍କୁ ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହିତ ସଂପୃକ୍ତ ଗ୍ରାମରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ ନେତା ଲୋକମାନଙ୍କୁ ଏସମ୍ପର୍କରେ ସଚେତନ କରାଇଥିଲେ । ଏହାସହ ସେଠାରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କୁ ଜନସାଧାରଣଙ୍କ ବୃହର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ସହଯୋଗ ଓ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ ।



## ବିନା ସୁରକ୍ଷା ଉପକରଣରେ କାମ କରୁଛନ୍ତି ଶ୍ରମିକ

**ଡେରାବିଶ,୨୪।୬ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଏବେ ୮ ଲେନ ବିଶିଷ୍ଟ ହେଉଛି। ଏହି ଜାତୀୟ ରାଜପଥର ଡେରାବିଶ ବ୍ଲକ୍ ଅନ୍ତର୍ଗତ ପଞ୍ଚୁପାଣ୍ଡବଠାରୁ ଅଁଳାବାଙ୍କ ଛକ ପର୍ଯ୍ୟନ୍ତ ବିଭିନ୍ନ ଛକ ସ୍ଥାନରେ ରାସ୍ତାରେ ଓଭରବ୍ରିଜ ଓ ଜାତୀୟ ରାଜପଥକୁ ଅତିକ୍ରମ୍ କରିଥିବା ବିଭିନ୍ନ ପାଟନାଳୀ, ନାଳ ଉପରେ ବ୍ରିଜ୍ ନିର୍ମାଣ କରାଯାଉଛି। ତେବେ ଠିକାଦାର ସଂସ୍ଥା ପକ୍ଷରୁ ଏହି ନିର୍ମାଣ କାମ କରୁଥିବା ଶ୍ରମିକ ବିନା ସୁରକ୍ଷା ଉପକରଣରେ ଏହି ବିପଦପୂର୍ଣ୍ଣ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଏପରିକି ବ୍ରିଜ୍‌ରେ ରଡ୍ ବାଇଣ୍ଡିଂ କରୁଥିବାବେଳେ କିଛି ଶ୍ରମିକ ବିନା ସୁରକ୍ଷା ଉପକରଣରେ ଏପରି ବିପଦପୂର୍ଣ୍ଣ କାର୍ଯ୍ୟ କରୁଥିବା ଦେଖୁବାକୁ ମିଳିଛି। କିଛି ଦିନ ତଳେ ପଞ୍ଚୁପାଣ୍ଡବ ଏକ ବ୍ରିଜ କାମରେ ମୃତ୍ୟୁ ହୋଇଥିଲା ତେବେ ଏହି ବିପଦପୂର୍ଣ୍ଣ କାର୍ଯ୍ୟରେ ଲାଗିଥିବା ଶ୍ରମିକଙ୍କ କାର୍ଯ୍ୟ ସମୟରେ ଯଦି କିଛି ଅଘଟଣ ଘଟେ, ତେବେ ଏଥିପାଇଁ କିଏ ଦାୟୀ ରହିବ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣଧୀନ ଏହି ରାଜପଥରେ ଶ୍ରମିକଙ୍କ ସୁରକ୍ଷା ପ୍ରତି ଧ୍ୟାନ କାହିଁକି ଦିଆଯାଉନାହିଁ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏପରି କାର୍ଯ୍ୟ ପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ଶ୍ରମ ବିଭାଗ କୌଣସି ଅଧିକାରୀ ଦୃଷ୍ଟି ଦେଉନାହାଁନ୍ତି କିପରି ? ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନିରୀହ ଶ୍ରମିକଙ୍କ ଜୀବନର ସୁରକ୍ଷା ପାଇଁ ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ବଜ୍ରାଘାତରେ ଯୁବକ ମୃତ

**ରାଜକନିକା,୨୪।୬ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ କୋଇଲିପୁର ପଞ୍ଚାୟତ ସଂଗ୍ରାମପୁର ଗ୍ରାମର ଭୁବନାନନ୍ଦ ନାୟକଙ୍କ ପୁଅ ବିକ୍ରମ କେଶରୀ(୩୦)ଙ୍କର ଆଜି ଅପରାହ୍ନରେ ବଜ୍ରାପାତ ଯୋଗୁ ମୃତ୍ୟୁ ହୋଇ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବିକ୍ରମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ରୀୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଆଜି ନିଜ ଡିଉଟି ସାରି ଗାଁକୁ ଫେରୁଥିବା ବେଳେ ହିଁ ବଜ୍ରାଘାତଜନିତ କାରଣରୁ ଟଳି ପଡିଥିଲେ। ତେବେ ତାଙ୍କୁ ତୁରନ୍ତ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇ ଥିଲେ ବି ଡାକ୍ତର ମୃତ ଘୋଷଣା କରିଥିଲେ । ବିକ୍ରମଙ୍କ ଅକାଳ ମୃତ୍ୟୁରେ ରାଜକନିକା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଡାକ୍ତର ବାଦଲ ମହାନ୍ତି ସୂଚନା ଦେଇ ଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁଛି ଅବଧି ଶେଷ ଔଷଧ



**ଓପିଡି ଟିକେଟରେ ଲେଖାହେଉନି ରୋଗୀଙ୍କ ନାମ, ଠିକଣା**

**ପ୍ରଶ୍ନ ଉଠାଇଲେ ରୋଗୀଙ୍କ ସମ୍ପର୍କୀୟ**

**ମହାକାଳପଡ଼ା,୨୪।୬ (ସଂଚାର ବ୍ୟୁରୋ):** ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିରାମୟରୁ ରୋଗୀଙ୍କୁ ମିଳୁଛି ଅବଧି ଶେଷ ହୋଇଥିବା ଇଞ୍ଜେକ୍ସନ। ଯାହା ଆଜି ଜଣେ ରୋଗୀଙ୍କ ସମ୍ପର୍କୀୟ ଖୁଲାସା କରିଛନ୍ତି। ଓପିଡି ଟିକେଟରେ ଡାକ୍ତର ରୋଗୀଙ୍କ ନାମ ଓ ଠିକଣା ଲେଖୁନଥିବା ମଧ ଦେଖିବାକୁ ମିଳିଛି। ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ପ୍ରଶ୍ନ ଉଠାଇବା ସହିତ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଥିବା ସ୍ୱାସ୍ଥ୍ୟ ସେବାର ଗୁମର ଖୋଲିଛନ୍ତି।

ଝାଡାରେ ଭଉଣୀଙ୍କ ଦେହ ଦୁର୍ବଳ ଲାଗିବାରୁ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଆପଲ୍ଲୀ ଗ୍ରାମର ଚନ୍ଦନ ପରିଡ଼ା ତାଙ୍କର ଭଉଣୀ ମୋନାଲିସା ପରିଡାଙ୍କୁ ନେଇ ଆଜି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ଡାକ୍ତର ଭାଗ୍ୟଶ୍ରୀ ଜେନା ନିରାମୟରୁ ଇଞ୍ଜେକ୍ସନ ଓ ଔଷଧ ଆଣିବାକୁ ଲେଖିଥିଲେ। ହେଲେ ନିରାମୟରୁ ତାଙ୍କୁ ଯେଉଁ ଇଞ୍ଜେକ୍ସନ ମିଳିଲା ସେଥିରେ ଅବଧି ତାରିଖ ଲେଖାଥିଲା ଏପ୍ରିଲ୍ ୨୦୨୫ ଯାହାର ଅବଧି ଶେଷ ହୋଇ ଯାଇଥିଲା। ଯାହାକୁ ଦେଖିଲା ପରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଚନ୍ଦନ। ଏନେଇ କହିବା ପରେ ଦିଦି ଇଞ୍ଜେକ୍ସନକୁ ଫିଙ୍ଗି ଦେଇଥିଲେ। ହେଲେ ଏଠି ପ୍ରଶ୍ନ ଉଠୁଛି ନିରାମୟରେ ଏକ୍ସପାରୀ ଇଞ୍ଜେକ୍ସନ ଦିଆଗଲା କେମିତି? ଯଦି ରୋଗୀଙ୍କୁ ସେ ଇଞ୍ଜେକ୍ସନ ଦିଆଯାଇଥାଆନ୍ତା ରୋଗୀଙ୍କ ଅବସ୍ଥା କ'ଣ ହୋଇଥାଆନ୍ତା। ମେଡିକାଲ୍ କର୍ମଚାରୀଙ୍କ ମନମୁଖୀ କାମ ପାଇଁ ବିଭିନ୍ନ ସମୟରେ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ବେଳେ ଆଜିର ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି।

ଚିକିତ୍ସା ପାଇଁ ଯାଉଥିବା ରୋଗୀ କର୍ମଚାରୀ ମାନଙ୍କ ରୋଗୀ ମାରଣ ନୀତି ପାଇଁ ମହାକାଳପଡ଼ା ମେଡିକାଲ୍ ଉପରେ ଭରଷା ତୁଟାଇଲେଣି।

# ରଥଯାତ୍ରା ପାଇଁ ଆପ୍ ଆଣିଲା ପୂର୍ବତଟ ରେଳପଥ

● ସୁଗମ ତୀର୍ଥଯାତ୍ରା ଅଭିଜ୍ଞତା ପାଇଁ ଡିଜିଟାଲ୍ ରେଳସେବା



**ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ):** ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୨୦୨୫ରେ ଯୋଗଦେବାକୁ ଆସୁଥିବା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କୁ ସୁଗମ ରେଳ ସେବା ଯୋଗାଇଦେବା ଲକ୍ଷ୍ୟରେ ଆଜି ପୂର୍ବତଟ ରେଳପଥ ପକ୍ଷରୁ ଏକ ସ୍ୱତନ୍ତ୍ର ଆପର ଶୁଭାରମ୍ଭ କରାଯାଇଛି। 'ଇକୋର ଯାତ୍ରା' ନାମକ ଏକ ମୋବାଇଲ୍ ଆପ୍ ଗୁଗଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେଉଥିବା ବେଳେ ରଥଯାତ୍ରା ସମୟରେ ଏହା ସମସ୍ତ ରେଳ-ସମ୍ବନ୍ଧୀୟ ସେବା ଓ ଯାତ୍ରୀ ସୁବିଧା ପାଇଁ ବ୍ୟାପକ ଡିଜିଟାଲ୍ ମାର୍ଗଦର୍ଶିକା ପ୍ରଦାନ କରିବ। ଏହି ଆପ୍ ଯାତ୍ରୀମାନଙ୍କ ପାଇଁ ଯାତ୍ରା ଯୋଜନା କରିବା ସହ ସେମାନଙ୍କୁ ପରିବହନ ସେବା ଯୋଗାଇଦେବ। ଏହା ସହଜ ନେଭିଗେସନ୍ ଓ ବହୁଭାଷୀ ସହାୟତା ସହ ସାରା ଦେଶରୁ ଜଗନ୍ନାଥପ୍ରେମୀଙ୍କୁ ସେବା ଯୋଗାଇବ। ଏହି ଆପରେ ସ୍ୱତନ୍ତ୍ର ଟ୍ରେନ୍ ସୂଚୀ ଉପଲବ୍ଧ ହେବ। ତୀର୍ଥଯାତ୍ରୀମାନେ ଏହାର ବ୍ୟବହାର କରି ସେମାନଙ୍କ ଯାତ୍ରା ଯୋଜନା ଯଥେଷ୍ଟ ପୂର୍ବରୁ କରିପାରିବେ। ଏଥିସହ ଏହି ଆପରେ ନିୟମିତ ଟ୍ରେନ୍ ସମୟ ସାରଣୀ, ଲାଇଭ୍ ଟ୍ରେନ୍ ଓ ପ୍ଲାଟଫର୍ମ ସମ୍ପର୍କିତ ସୂଚନା, ଯାତ୍ରା ସେବାର ସରଳୀକରଣ, ରହଣି ଓ ପର୍ଯ୍ୟଟନ ସୁବିଧା, ଟିକେଟ ବୁକିଂ ସହାୟତା, ଅନୁସନ୍ଧାନ ଓ ନାଭିଗେସନ୍, ସହଜ ଯାତ୍ରା ପାଇଁ ଭିଡିଓ ଟ୍ୟୁଟୋରିଆଲ୍, ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଓ ଆରାମକୁ ସୁନିଶ୍ଚିତ କରାଯାଇପାରିବ। ଏଥିସହ ଯାତ୍ରୀମାନଙ୍କ ସକାଶେ ରେଳବାଇ ପକ୍ଷରୁ କ'ଣସବୁ ସୁବିଧାସୁଯୋଗ ଉପଲବ୍ଧ ହେଉଛି, ସେନେଇ ମଧ୍ୟ ଏହି ଆପ୍ ମାଧ୍ୟମରେ ସବିଶେଷ ସୂଚନା ହାସଲ କରାଯାଇପାରିବ।

## ରଥଯାତ୍ରା ପାଇଁ ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ପ୍ରଥମ ଥର ପାଇଁ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ୍ ରୁମ୍ ବ୍ୟବସ୍ଥା




**ପୁରୀ,୨୪।୬(ସଂଚାର ବ୍ୟୁରୋ):** ଆସନ୍ତା ୨୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏହାକୁ ତ୍ରୁଟିଶୂନ୍ୟ, ଶୃଙ୍ଖଳିତ କରିବା ନିମନ୍ତେ ଆଜି ଅପରାହ୍ନରେ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରଥଯାତ୍ରା ପାଇଁ ପୁଲିସ୍ ପ୍ରଶାସନ ପୂରାପୂରି ପ୍ରସ୍ତୁତ ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବାକୁ ଥିବାରୁ ସେମାନଙ୍କ ସେବା ଓ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ। ଏହାସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ସମ୍ପନ୍ନ ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ତିନି ରଥ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଅଘଟଣମୁକ୍ତ ରଥଟଣା ଏବଂ ରଥଯାତ୍ରା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଡିଜିପି କହିଛନ୍ତି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଥମ ଥର ପାଇଁ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ଟାଉନ ଥାନାରେ ସ୍ଥାପନ କରାଯିବ। ଏଥିସହ ଏଆଇ କ୍ୟାମେରା ସହରର ବିଭିନ୍ନ ସ୍ଥାନରେ ଲଗାଯିବ। ବିଶେଷକରି ଉତ୍ତରା ଛକରୁ ଆରମ୍ଭ କରି ପୁରୀ ,ପୁରୀ -କୋଣାର୍କ ରୋଡ ସହିତ ସହରର ବିଭିନ୍ନ ଛକରେ ମଧ୍ୟ କ୍ୟାମେରା ବ୍ୟବସ୍ଥା କରାଯାଇଛି। ଫଳରେ ଭକ୍ତଙ୍କୁ ଟ୍ରାଫିକ ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି । ଜନସାଧାରଣଙ୍କ ଯାତାୟାତର ସୁବିଧା ନିମନ୍ତେ ଏକ ବିଶେଷ ମୋବାଇଲ ଆପ ପ୍ରସ୍ତୁତ କରାଯାଇଛି ଯାହା କି ଟ୍ରାଫିକ ଉପଦେଶ, ପାର୍କିଂ ସ୍ଥାନ, ଟ୍ରାଫିକ ଜାମ ଓ ବିକଳ୍ପ ରାସ୍ତା ସମ୍ବନ୍ଧରେ ତ୍ୱରିତ ସୂଚନା ପ୍ରଦାନ କରିବ ବୋଲି ଡିଜିପି କହିଛନ୍ତି । ଏହା ସହ ନିଜର ଦାୟିତ୍ୱକୁ ସଠିକ ଭାବେ ସମ୍ପାଦନ କରିବାକୁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ପୋଲିସ ବାହିନୀକୁ ନିଜର ବାସସ୍ଥଳୀ, ଏବଂ ଆଖପାଖ ଅଞ୍ଚଳର ପରିବେଶକୁ ପରିଷ୍କାର, ପରିଚ୍ଛନ ତଥା ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେବା ସହ ଖାଦ୍ୟ ଓ ପାନୀୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଗୁଇନ୍ଦା ନିର୍ଦ୍ଦେଶକ ଆରପି କୋଚେ ରଥଯାତ୍ରା ସମୟରେ କର୍ତ୍ତବ୍ୟନିଷ୍ଠ ତଥା ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ ତୁଲାଇବାକୁ ଉପସ୍ଥିତ ପୁଲିସ୍ ଅଧିକାରୀ/କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ସମାଗମକୁ ଲକ୍ଷ୍ୟ କରି ଭିଡ ନିୟନ୍ତ୍ରଣ କରିବାକୁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ୍ ଓ ଶୃଙ୍ଖଳା) ସଞ୍ଜୟ କୁମାର ଶୃଙ୍ଖଳିତ ରଥଯାତ୍ରା ସମାପ୍ତ କରିବା ନିମନ୍ତେ ପୁଲିସ୍ ପ୍ରଶାସନର ଅଧିକାରୀ/କର୍ମଚାରୀଙ୍କ ସହଯୋଗ ଲୋଡ଼ିଥିଲେ। କୌଣସି ଅଘଟଣକୁ ପ୍ରତିହତ କରିବା ନିମନ୍ତେ ପୁଲିସ୍ ପ୍ରଶାସନ ସଜାଗ ରହିଥିବା ସମ୍ପର୍କରେ ଶ୍ରୀ କୁମାର ମତ ବ୍ୟକ୍ତ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଯୋଗାଯୋଗ) ଦୟାଲ ଗଙ୍ଗୱାର, ଟ୍ରାନ୍ସପୋର୍ଟ କମିଶନର ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କାରାଗାର) ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାକେଶ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡଙ୍ଗୀ, ଆଇଜିପି (ଅପରେସନ) ଡ. ଦୀପକ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ବୈଠକରେ ପୁରୀ ଏସ୍‌ପି ଭିନୀତ ଅଗ୍ରୱାଲ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଆଇଜିପି (କେନ୍ଦ୍ରାଞ୍ଚଳ) ଏସ. ପ୍ରବୀଣ କୁମାର ଧନ୍ୟବାଦ ଦେଇଥିଲେ।

# ଅଗଷ୍ଟ ୧୫ ସୁଦ୍ଧା ୧୦ ଲକ୍ଷ ଚାରା ଲଗାଇବ କୃଷକ ମୋର୍ଚ୍ଚା

## ୩୬ ସାଙ୍ଗଠନିକ ଜିଲ୍ଲା ପାଇଁ କମିଟି ଗଠିତ

**ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ):** ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଦେଶବାସୀଙ୍କ ସେବାରେ ନିଜ ଜୀବନକୁ ସମର୍ପି ଦେଇଥିଲେ। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଓ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ଦେଶ ପାଇଁ ବଳିଦାନକୁ ସ୍ମରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଡ. ମୁଖାର୍ଜୀଙ୍କ ବଳିଦାନ ଦିବସ ଜୁନ ଗତକାଲି ପାଳିତ ହୋଇଛି। ଏହି ଦିବସଠାରୁ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ମୋର୍ଚ୍ଚା ପକ୍ଷରୁ ୧୦ ଲକ୍ଷ ଚାରା ରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଆଜି ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପାଇଁ ରାଜ୍ୟ କୃଷକ ମୋର୍ଚ୍ଚାର ପ୍ରମୁଖ ନେତୃବୃନ୍ଦଙ୍କୁ ଦାୟିତ୍ୱ ଦିଆଯାଇଛି। ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ, ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ଡ. ଜଗନ୍ନାଥ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଜୟଲକ୍ଷ୍ମୀ ମହାନ୍ତି, କୌଶିକ ଚାନ୍ଦ, ରାଜକିଶୋର ମେଣ୍ଡେଲୀ, ସୁମନ୍ତ କୁମାର ମହାରଣା, ମଧୁସୂଦନ ଶର୍ମା, ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ବୃକ୍ଷ ଚାରା ରୋପଣ କମିଟି ଗଠନ କରାଯାଇଛି। ଏଥିସହ ୩୬ଟି ସାଙ୍ଗଠନିକ ଜିଲ୍ଲା ପାଇଁ ଜିଲ୍ଲାସ୍ତରୀୟ କମିଟି ବି ଗଠିତ ହୋଇଛି। ଜିଲ୍ଲାସ୍ତରୀୟ କମିଟିରେ ୩ ଜଣ ଲେଖାଏଁ ସଦସ୍ୟ ରହିବେ। ଏହି କମିଟି ଆଗାମୀ ୫୦ ଦିନ ମଧ୍ୟରେ ଓଡ଼ିଶାର ସମସ୍ତ ଗ୍ରାମରେ ବ୍ୟାପକ ମାତ୍ରାରେ ଚାରା ରୋପଣ କରିବ ବୋଲି ଶ୍ରୀ ସାହୁ କହିଛନ୍ତି।

# ବିକାଶ କାର୍ଯ୍ୟ ଠପ୍: ଧାରଣାରେ ବସିଲେ ଜିଲ୍ଲା ପରିଷଦ ସଦସ୍ୟ

**ବଲାଙ୍ଗୀର,୨୪।୬(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ପରିଷଦ ସଦସ୍ୟା ସଦସ୍ୟମାନେ ମଙ୍ଗଳବାର ସ୍ଥାନୀୟ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଜିଲା ପରିଷଦ ସଭାପତି ଦେବକୀ ସାହୁ ଓ ପରିଷଦ ସଦସ୍ୟା, ସଦସ୍ୟମାନେ କହିଛନ୍ତି ଯେ, ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ କେବିକେ ବିକାଶ ଯୋଜନାର ଜିଲା ଅଂଶ ଅନୁଦାନ ଯୋଗାଇ ଦିଆଯାଉନାହିଁ। ଫଳରେ ଜିଲାରେ ବିକାଶ କାମ ଠପ ହୋଇଯାଇଛି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ ନ କରିବା, ଜିଲା ପରିଷଦ ବୈଠକ ନ କରିବା ଏବଂ ନିର୍ବାଚିତ ଜିଲା ପରିଷଦ ସଦସ୍ୟା ସଦସ୍ୟଙ୍କୁ ଜିଲା ପ୍ରଶାସନ ଖାତିର ନ କରିବା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ପରିଷଦ ସଭାପତି ସାହୁ କହିଛନ୍ତି। ଜିଲା ପରିଷଦ ସଦସ୍ୟାସଦସ୍ୟମାନେ ଧାରଣାରେ ବସିଛନ୍ତି।






ଗୋପାଳପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳା ଓ ଶିଶୁଙ୍କ ଉପରେ ବଢୁଥିବା ନିର୍ଯାତନା ପ୍ରତିବାଦରେ ମଙ୍ଗଳବାର ମାଷ୍ଟର୍ କ୍ୟାଣ୍ଟିନ୍‌ଠାରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ପୂର୍ବତଟ ରେଳପଥର ଜୋନାଲ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ



**ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ):** ସରକାରୀ ଯୋଗାଯୋଗରେ ଓ କାର୍ଯ୍ୟ କ୍ଷେତ୍ରରେ ହିନ୍ଦୀ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ନିରନ୍ତର ପ୍ରୟାସ ସ୍ୱରୂପ ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ମୁଖ୍ୟାଳୟସ୍ଥିତ ରେଳ ସଦନଠାରେ ଜୋନାଲ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଭାରତ ସରକାରଙ୍କ ସରକାରୀ ଭାଷା ନୀତି ସହ ସମନ୍ୱିତ, ପ୍ରଶାସନିକ ଓ କାର୍ଯ୍ୟକ୍ଷମ ଅଭ୍ୟାସର ଏକ ମୁଖ୍ୟ ଉପାଦାନ ଭାବେ ହିନ୍ଦୀକୁ ପ୍ରୋତ୍ସାହିତ କରିବ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଇ-ଫାଇଲ୍, ଇ-ଅଫିସ୍ ମଡ୍ୟୁଲ୍ ଓ ଆଭ୍ୟନ୍ତରୀଣ ଯୋଗାଯୋଗ ଭଳି ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀକୁ ସାମିଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ କହିଥିଲେ ଯେ ରେଳପଥର ସମସ୍ତ ସିଷ୍ଟମରେ ହିନ୍ଦୀର ସ୍ଥାୟୀ ବ୍ୟବହାର କେବଳ ନୀତିଗତ ବିଷୟ ନୁହେଁ, ବରଂ ସାଂସ୍କୃତିକ ପରିଚୟର ପ୍ରତିଫଳନ ମଧ୍ୟ। ରେଳ ପ୍ରଶାସନର ମୁଖ୍ୟଧାରାରେ ହିନ୍ଦୀକୁ ଆଣିବାରେ ଆମକୁ ଉଦାହରଣ ସୃଷ୍ଟି କରିବା ଭଳି ନେତୃତ୍ୱ ନେବାକୁ ପଡ଼ିବ ବୋଲି ଶ୍ରୀ ଫୁଙ୍କୱାଲ କହିଛନ୍ତି। ବୈଠକରେ ନିୟମିତ ଭାଷା ଯାଞ୍ଚ, ରାଜଭାଷା ଇ-ପତ୍ରିକାର ଶୁଭାରମ୍ଭ ଆଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରମୁଖ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର ତଥା ମୁଖ୍ୟ ରାଜଭାଷା ଅଧିକାରୀ ଆଲୋକ ସହାୟଙ୍କ ସମେତ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ପୂର୍ବତଟ ରେଳପଥ ଅଧୀନରେ ଥିବା ସମସ୍ତ ଜୋନରେ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାରେ ଉପଯୋଗ ଦିଗରେ ବୈଠକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି।

# ଗୋଟିଏ ରାତିରେ ନେଇଗଲେ ଦୁଇ ଟ୍ରାନ୍ସଫର୍ମର

**ବୈଶିଙ୍ଗା,୨୪।୬(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅର୍ନ୍ତଗତ ହାତୀପତୁକା ଓ ପାଟଳୀପୁରା ଗ୍ରାମରେ ଲାଗିଥିବା ଦୁଇଟି ୧୬ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୋଟିଏ ରାତିରେ ଚୋରି ହୋଇଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ମୁତାବକ, ବୈଶିଙ୍ଗା ବଡ଼ସାହି ମୁଖ୍ୟ ରାସ୍ତାରେ ଦିନରାତି ଯାନବାହାନ ଚଳାଚଳ ଲାଗି ରହିଥାଏ। ଏହା ସତ୍ତ୍ୱେ ସୋମବାର ବିଳମ୍ବିତ ରାତିରେ ହାତୀପତୁକା ଗ୍ରାମର ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟର ଅନତି ଦୂରରେ ଲାଗିଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ବେଳେ ପାଟଳୀପୁରା ଗ୍ରାମ ନିକଟରେ ଲଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ କେତେକ ଦୁର୍ବୃତ୍ତ ଚେକି ନେଇଥିବା ଜଣାପଡ଼ିଛି। ଏନେଇ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବାରିଣୀ ଦାସ ପ୍ରକାଶ କରିଛନ୍ତି।

# ଆଇନାରେ ନିଜ ମୁହଁ ନିଜେ ଦେଖୁ କଂଗ୍ରେସ: ବିରଞ୍ଚି

● ଦଳ ତଣ୍ଟିରେ କଣ୍ଟା ହୋଇଥିଲେ ଅଞ୍ଜନା
● ଗୋପାଳପୁର ଗଣଦୁଷ୍କର୍ମୀ ନିଶ୍ଚିତ ଦଣ୍ଡିତ ହେବେ
● ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ସରକାରଙ୍କ ପ୍ରାଥମିକତା



**ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ):** ଆଜି ଦେଶରେ କଂଗ୍ରେସ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଉଦ୍ୟମ କରୁଛି। ଦଳକୁ ଲୋକେ କ୍ରମାଗତ ପ୍ରତ୍ୟାଖ୍ୟାନ କରୁଥିବାରୁ ନିଜର ସ୍ଥିତି ବଞ୍ଚାଇବା ପାଇଁ ନିୟମିତ ସାମ୍ବାଦିକ ସମ୍ମିଳନୀ କରି ଚର୍ଚ୍ଚାରେ ରହିବାକୁ ଉଦ୍ୟମ ଚଳାଇଛି। କିନ୍ତୁ ଦଳ ବିଜେପି ସରକାରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ପୂର୍ବରୁ ଛବିରାଣୀ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ଅଞ୍ଜନା ମିଶ୍ର ଘଟଣା ପର୍ଯ୍ୟନ୍ତ ରାଜ୍ୟକୁ ନିନ୍ଦିତ କରିଥିବା ଘଟଣାବଳୀ କଂଗ୍ରେସ ସରକାର ଅମଳରେ ହିଁ ଘଟିଥିଲା ବୋଲି ବୋଧହୁଏ ଦଳ ଭୁଲିଯାଇଛି। ଅଧିକନ୍ତୁ ନୈନା ସାହାଣୀ ଘଟଣାରେ ଦିଲ୍ଲୀର କଂଗ୍ରେସ ନେତୃତ୍ୱଙ୍କ ସମ୍ପୃକ୍ତି ବି ଥିଲା। ଏଭଳି ବୀଭତ୍ସ ହତ୍ୟାକାଣ୍ଡକୁ ଚାହିଁଲେ ବି କେହି ମନରୁ ପୋଛିପାରିବେ ନାହିଁ। ତେଣୁ ବିଜେପି ସରକାର ଉପରେ ଦୋଷ ଲଦିବା ପୂର୍ବରୁ କଂଗ୍ରେସ ପ୍ରଥମେ ଆଇନାରେ ନିଜ ମୁହଁ ଦେଖୁ ବୋଲି ପରାମର୍ଶ ଦେଇଛନ୍ତି ରାଜ୍ୟ ବିଜେପି ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଗୋପାଳପୁର ଗଣବଳାତ୍କାର ମାମଲା ଅତ୍ୟନ୍ତ ସମ୍ବେଦନଶୀଳ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ତୁରନ୍ତ କ୍ରାଇମବାଞ୍ଚକୁ ଦାୟିତ୍ୱ ଦେଇଛନ୍ତି। ଏଥିସହ ସମସ୍ତ ଅଭିଯୁକ୍ତଙ୍କୁ ଘଟଣାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଯେପରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବ, ସେନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ପୁଲିସ ପ୍ରଶାସନ ଓ କ୍ରାଇମ ବ୍ରାଞ୍ଚକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କୁ କଠୋର ଦଣ୍ଡ ବିଜେପି ସରକାରର ପ୍ରାଥମିକତା। ଅପରପକ୍ଷେ ଦୀର୍ଘ ୨୫ ବର୍ଷ ପରେ କଂଗ୍ରେସ ଆଜି ଅଞ୍ଜନା ଘଟଣାରେ ଦଳର ସମ୍ପୃକ୍ତିକୁ ସ୍ୱୀକାର କରିଛି ଓ ଅଧିକନ୍ତୁ ଅଞ୍ଜନା ଦଳ ପାଇଁ ତଣ୍ଟିର କଣ୍ଟା ହୋଇଥିବା

# ଏସଆଇଟି ଖୋଜୁଛି ଖଣି ଚୋରି ଖିଅ



**ସୁନ୍ଦରଗଡ଼,୨୪।୬(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସୁନ୍ଦରଗଡ଼ ଚୋରା କୋଇଲା ଖଣିର ତଦନ୍ତ ଆରମ୍ଭ ହୋଇଛି । ଗୋପାଳପୁର,ତେଲେନଡ଼ିହି,ରତନସରାରେ ପହଞ୍ଚିଛି ଭିଜିଲାନ୍ସ ଏସଆଇଟିର ସ୍ୱତନ୍ତ୍ର ଟିମ୍ । ୧୦ ଜଣିଆ ଟିମ୍ ଚୋରା କୋଇଲା ଖଣିର କରିଛି ସରଜମିନ ତଦନ୍ତ । ଭିଜିଲାନ୍ସର ସ୍ୱତନ୍ତ୍ର ୧୦ ଜଣିଆ ଏସଆଇଟି ଟିମ୍ ସହିତ ରାଜ୍ୟ ଖଣି ବିଭାଗର ସ୍ପେଶାଲ୍ ଏନଫୋର୍ସମେଣ୍ଟ ଟିମ୍,ଜିଲ୍ଲା ଖଣି ବିଭାଗର ଅଧିକାରୀ, ସ୍ଥାନୀୟ ତହସିଲଦାର ଓ ଫରେଷ୍ଟ ରେଞ୍ଜ ଅଫିସର ରହିଛନ୍ତି । ଭିଜିଲାନ୍ସର ସ୍ୱତନ୍ତ୍ର ଏସଆଇଟି ଟିମ୍ ଗୋଟିଏ ଗୋଟିଏ ଚୋରା ଖଣିକୁ ଯାଇ ସେଠାରେ କେତେ ମାତ୍ରାରେ ଚୋରି ହୋଇଛି ତା'ର ତଦନ୍ତ କରୁଛନ୍ତି । ଏହା ସହ କେବେ ଠାରୁ ଏହି ଖଣି ଚୋରି ଆରମ୍ଭ ହୋଇଛି ଓ କେଉଁ କେଉଁ ମାଫିଆ ଖଣି ଚୋରି କରିଛନ୍ତି ତା'ର ତାଲିକା ପ୍ରସ୍ତୁତ କରିଛି । ଛତିଶଗଡ଼ରୁ ଯେଉଁ ମାଫିଆ ଆସି ସୁନ୍ଦରଗଡ଼ରୁ କୋଇଲା ଚୋରି କରୁଥିଲେ ତା'ର ଗୁରୁତ୍ୱପୂର୍ଣ୍ଣ ତାଲିକା ଭିଜିଲାନ୍ସ ପ୍ରସ୍ତୁତ କରିଥିବା ଜଣାପଡ଼ିଛି । ଏପ୍ରିଲ ମାସରେ ଏହି ବଡ଼ ଖଣି ଚୋରିର ଖୁଲାସା କରିଥିଲା କନକ ନ୍ୟୁଜ୍ । କୋଇଡ଼ାରେ ବି ଏସଆଇଟିର ତନାଘନା । ବାହାରିବ କି ବେଆଇନ ଲୁହାପଥର ଉତ୍ତୋଳନର ସତ ? ଭିଜିଲାନ୍ସ ସେଲ୍ ଦ୍ୱାରା ଗଠିତ ଏସଆଇଟି ଟିମ୍ କୋଇଡ଼ାରେ ପହଞ୍ଚି ତନାଘନା ଆରମ୍ଭ କରିଛି । ପ୍ରଥମ ପର୍ଯ୍ୟାୟରେ ଗଣୁଆଁ ଫରେଷ୍ଟ ଅଞ୍ଚଳର ଦୁଇଟି ସ୍ଥାନକୁ ଯାଇ ତନାଘନା କରିଛି ଟିମ୍ । କେବଳ କୋଇଡ଼ା ଅଞ୍ଚଳରେ ବନ୍ଦ ଥିବା ଖଣି ଓ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ୨୦ ହଜାର ମେଟ୍ରିକ୍ ଟନ୍ ଠାରୁ ଅଧିକ ମାଙ୍ଗାନିଜ ପଥର ଏବଂ ୧୨୦୦ ମେଟ୍ରିକ୍ ଟନରୁ ଅଧିକ ଲୁହା ପଥର ବେଆଇନ ଭାବେ ଉତ୍ତୋଳନ କରାଯାଇଥିବା ଅଭିଯୋଗ ହୋଇଥିଲା ।

# କଲଭର୍ଟରେ ଦବିଲା ପାଇପ ବୋଝେଇ ଟ୍ରକ

● ନିମ୍ନମାନର ରାସ୍ତା କାମକୁ ଦାୟୀ କଲେ ଚାଳକ



**ଦାରିଙ୍ଗବାଡି,୨୪।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି -ବୁଡ଼ାଗୁଡା ରାସ୍ତାରେ ଅଘଟଣ ଦେଖିବାକୁ ମିଳିଛି। ଗତକାଲି ଗୁମା ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ଡାଇଭର୍ଶନ ରାସ୍ତା ଧୋଇଯିବାର କିଛି ଘଣ୍ଟା ବିତିଯାଇଥିବାବେଳେ ସେହି ରାସ୍ତାର ୫୯ନଂ ଜାତୀୟ ରାଜପଥଠାରୁ ବୁଡ଼ାଗୁଡା ଯିବା ପୂର୍ତ୍ତ ବିଭାଗର ଉକ୍ତ ରାସ୍ତାର ଅଲାରୀ ନିକଟରେ ଏକ ପାଇପ ବୋଝେଇ ଟ୍ରକ ଏକ କଲଭର୍ଟରେ ଦବି ଯାଇ ଫସି ରହିଛି। ଗୋରୁ ପଲକୁ ସାଇଡ ଦେଇ ଯିବା ସମୟରେ ଏହି ଘଟଣା ଘଟିଛି। ଘଟଣାଟି ବିଳମ୍ବିତ ରାତିରେ ଘଟିଥିବା ବେଳେ ଏବେ ପର୍ଯ୍ୟନ୍ତ ଟ୍ରକଟି ଫସି ରହିଛି। ତେବେ ବଡ଼ ଅଘଟଣରୁ ବର୍ତ୍ତି ଗଲି ବୋଲି ଚାଳକ ଜୟରାମ ସାହୁ କହିଛନ୍ତି। ସେ ଅଭିଯୋଗ କରିଛନ୍ତି, କୋଟି କୋଟି ଟଙ୍କା ବିନିମୟରେ ରାସ୍ତା ସମ୍ପ୍ରସାରଣ କରାଯାଉଛି କିନ୍ତୁ ନିମ୍ନମାନର କାର୍ଯ୍ୟ କରାଯାଇଛି। କଲବେର୍ଟର ସାଇଡରେ ମେଟାଲ ବଦଳରେ ଖାଲି ମାଟି ପଡିଥିବାରୁ ଟ୍ରକ ଦବି ଯାଇଛି। ସେ ଅଭିଯୋଗ କରିଛନ୍ତି, ତାଙ୍କ ଟ୍ରକଟି ଦବି ଯାଇଥିଲେ ମଧ୍ୟ ଠିକା ସଂସ୍ଥାର କୌଣସି ସହଯୋଗ ମିଳିଲାନି। ସେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଫସିଥିବା ସ୍ଥାନରୁ ଟ୍ରକକୁ ବାହାର କରିବାକୁ ଉଦ୍ୟମ କରୁଥିବା କହିଛନ୍ତି।

# ଅବକାରୀ ବିଭାଗ ସାଟେଲାଇଟ ଟିମର ଚଢ଼ାଉ: ବିପୁଳ ରନ୍ଧାମଦ, ପୋଚ ଜବତ



**ବୈଶିଙ୍ଗା,୨୪।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ହାତୀପତୁକା ଗ୍ରାମ ରେ ଚାଲିଥିବା ଚୋରା ଦେଶିମଦ ଭାଟି ଉପରେ ଅବକାରୀ ବିଭାଗର ସାଟେଲାଇଟ ଟିମ ଚଢ଼ାଉକରି ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଏବଂ ମଦ ନଷ୍ଟ କରାଯାଇଛି କ୍ଷ ଅବକାରୀ ବିଭାଗର ସାଟେଲାଇଟ ଟିମ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ ନିଜର ଟିମ ସହିତ ସାମିଲ ହୋଇଥିଲେ କ୍ଷ ହାତୀପତୁକା ଗ୍ରାମ ରେ ଚାଲିଥିବା ଚୋରା ଦେଶିମଦ ଭାଟି ଉପରେ ଚଢ଼ାଉକରି ୩ହଜାର ଏକଶହ କିଲୋଗ୍ରାମ ଓଜନର ମହୁଲପୋଚ ଏବଂ ଚୋରା ଚାଲାଣ ନିମନ୍ତେ ରଖାଯାଇଥିବା ୧୨୫ଲିଟର ରନ୍ଧାମଦ ଜବତ କରି ନଷ୍ଟ କରାଯାଇଥିଲା। ସେହିଭଳି ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ପ୍ଲାଷ୍ଟିକ ଡ୍ରମ, ଆଲୁମିନିୟମ ଡେ଼କଚି ସମେତ ପ୍ଲାଷ୍ଟିକ ଜାର୍କିନ ଜବତ କରାଯାଇଛି କ୍ଷ ଏନେଇ ଅବକାରୀ ବିଭଗର ସାଟେଲାଇଟ ଟିମ ଓ ବେତନଟୀ ଅବକାରୀ ଥାନାପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# ରଥଯାତ୍ରା ସମୟରେ ସଂକ୍ରମଣ ରୋକିବାକୁ ତନାଘନା

**ଭୁବନେଶ୍ୱର,୨୪।୬:** ଚଳିତ ବର୍ଷ ଘୋଷଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀରେ ତୁଳନାତ୍ମକ ଭାବେ ଅଧିକ ଜନସମାବେଶ ହେବାର ସମ୍ଭାବନା ଥିବାରୁ ଜନସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ବେଶ୍ ସକ୍ରିୟ ହୋଇପଡିଛନ୍ତି । ବିଶେଷକରି ରାଜ୍ୟର ବହୁ ଜିଲ୍ଲାରେ ହଇଜା, ଡାଇରିଆ ଓ କରୋନା ସଂକ୍ରମଣ ଘେନି ସରକାରୀ ଓ ବେସରକାରୀ ସ୍ତରରେ ମିଳୁଥିବା ତଥ୍ୟ ଯୋଗୁଁ ପୁରୀକୁ ସମ୍ପୂର୍ଣ୍ଣ ସଂକ୍ରମଣମୁକ୍ତ ରଖିବାଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପୁରୀ ଓ ଆଖପାଖ ଡାକ୍ତରଖାନା, ମେଡିକାଲ କଲେଜ ଆଦିରେ ବ୍ୟାପକ ବନ୍ଦୋବସ୍ତ ହେଉଛି। ଏଥିଲାଗି କେତେକ ସ୍ଥାନରେ ଅଧିକ ଶଯ୍ୟା ମଧ୍ୟ ବ୍ୟବସ୍ଥା କରାଯାଇଛି । କେବଳ ସେତିକି ନୁହେଁ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସହରର ବିଭିନ୍ନ ଡାକ୍ତରଖାନା ଏବଂ ମେଡିକାଲ କଲେଜ ଏବଂ ଆର୍ୟୁବେଦିକ କଲେଜ ଆଦିରେ ଏଥିଲାଗି ଅତିରିକ୍ତ ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଉଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ସତର୍କ ଦୃଷ୍ଟି ରଖିଛି । ଏବେ କିଛିଦିନ ଧରି ପୁରୀ ସହର ଓ ଆଖପାଖ ଅଞ୍ଚଳରେ ବ୍ୟାପକ ବିଶୋଧନ କାର୍ଯ୍ୟ ଚାଲିଛି। ଲୋକେ ଯେଭଳି ବିଶୁଦ୍ଧ ପାନୀୟଜଳ ପାଇପାରନ୍ତି ତାହା ଉପରେ ସର୍ବାଧିକ ଗୁରୁତ୍ୱଆରୋପ କରାଯାଉଛି। ଏହାଛଡା ଦୂଷିତ ପାନୀୟଜଳ ଓ ସଂକ୍ରମିତ ଖାଦ୍ୟଠାରୁ ଲୋକଙ୍କୁ ଦୂରେଇ ରଖିବାପାଇଁ ମଧ୍ୟ ବ୍ୟାପକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିଲାଗି କେତେକ ସ୍ଥାନରେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଖାଦ୍ୟ ନମୂନା ଯାଞ୍ଚ କରିବା ସହିତ ଆବଶ୍ୟକସ୍ଥଳେ ତାହା ନଷ୍ଟକରି ଦେଉଛନ୍ତି । ରଥଯାତ୍ରା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ମାଗଣାରେ ପାନୀୟଜଳ ଓ ଖାଦ୍ୟ ପଦାର୍ଥ ବଣ୍ଟନ କରାଯାଇଥାଏ। ଏଗୁଡିକ ଯେଭଳି ସମ୍ପୂର୍ଣ୍ଣ ସଂକ୍ରମଣମୁକ୍ତ ରହେ ସେ ଦିଗରେ କଡା ନଜର ରଖାଯାଇଛି। ଯଦି କେହି ଘୋଷଯାତ୍ରା ସମୟରେ ସଂକ୍ରମିତ ଖାଦ୍ୟ ଓ ପାନୀୟ ବିତରଣ କିମ୍ବା ବଣ୍ଟନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାଛଡା ମଶାମାଛି ଆଦିଙ୍କୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ସଫେଇ କାର୍ଯ୍ୟ ଜୋରଦାର କରାଯିବା ସଂଗେ ସଂଗେ ବ୍ୟାପକ ଅଞ୍ଚଳରେ ବ୍ଲିଚିଂ ପାଉଡର ଓ ଅନ୍ୟାନ୍ୟ ବିଶୋଧନ ସାମଗ୍ରୀ ସିଞ୍ଚନ କରାଯାଉଛି । ରଥଯାତ୍ରା ପାଇଁ ଇତିମଧ୍ୟରେ ଅନେକ ଥର ସମୀକ୍ଷା ବୈଠକମାନ ଅନୁଷ୍ଠିତ ହୋଇସାରିଛି । ରଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ପ୍ରାୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରଥଗୁଡିକୁ ନିର୍ଦ୍ଧାରିତ ସମୟରେ ରଥଖଳାରୁ ଶ୍ରୀମନ୍ଦିର ସମ୍ମୁଖକୁ ନିଆଯିବ ଏବଂ ସେଠାରେ ବିଧି ମୁତାବକ ନେତ୍ରୋତ୍ସବ ପରେ ଆସନ୍ତା ୨୭ତାରିଖରେ ଘୋଷଯାତ୍ରା ଅନୁଷ୍ଠିତ ହେବ । ଏବର୍ଷ ଘୋଷଯାତ୍ରା ଯେଭଳି ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ହୁଏ ତାହାକୁ ଆଖିଆଗରେ ରଖି ନିରାପତ୍ତା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି ଏବଂ ଏଥିଲାଗି ବ୍ୟାପକ ଫୋର୍ସ ମୁତୟନ ସଂଗେ ସଂଗେ ଏଆଇ ଓ ଅନ୍ୟାନ୍ୟ ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ କରାଯାଉଛି । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ବୁଧବାର ୨୫ ଜୁନ ୨୦୨୫, ଭୁବନେଶ୍ୱର
Wednesday 25 June 2025, Bhubaneswar

# ଆଗକୁ ଜଟିଳ ପରିସ୍ଥିତି

ଇରାନ ଉପରେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଜଟିଳ ହୋଇଛି। ଇରାନ ମଧ୍ୟ କାତାରସ୍ଥିତ ଆମେରିକାର ଏୟାରବେସରେ ମିସାଇଲ ମାଡ଼ କରିଛି। ଏହା ସହିତ ହରମୁଜ ପ୍ରଣାଳୀକୁ ଇରାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହା ଦ୍ୱାରା ବିଶ୍ୱବଜାରରେ ତେଲ ଦର ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି। କାରଣ ଏହି ପ୍ରଣାଳୀ ଦେଇ ବିଶ୍ୱର ଏକତୃତୀୟାଂଶ ତୈଳ ପରିବହନ ହୋଇଥାଏ। ଭାରତ ମଧ୍ୟ ଆମଦାନୀ କରୁଥିବା ଦୈନିକ ୫.୫ ବିଲିୟନ ବ୍ୟାରେଲ ମଧ୍ୟରୁ ପ୍ରାୟ ୨ ବିଲିୟନ ବ୍ୟାରେଲ ତୈଳ ଏହି ରୁଟ ଦେଇ ଆମଦାନୀ କରିଥାଏ। ତୈଳ ଯୋଗାଣ ପ୍ରଭାବିତ ହେଲେ ଏହାର ଦରବୃଦ୍ଧି ସ୍ୱାଭାବିକ। ଏହା ଦେଶର ଅର୍ଥନୀତିକୁ ପ୍ରଭାବିତ କରିପାରେ। ବହୁ ବର୍ଷର ପ୍ରୟାସ ପରେ ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏବେ ଭାରତ ତୃତୀୟ ସ୍ଥାନକୁ ଉନ୍ନୀତ ହେବାକୁ ପ୍ରୟାସ କରୁଛି। ବହୁ କଷ୍ଟରେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ହୋଇଛି। ଯାହା ଲାଗିଥିଲେ ଦରଦାମ ବଢ଼ିଥାଆନ୍ତା ଏବଂ ବିପୁଳ ଅର୍ଥ ବ୍ୟୟ ହୋଇଥାଆନ୍ତା। ସମ୍ପ୍ରତି ବିଶ୍ୱ ଅର୍ଥନୀତି ଏକ ପ୍ରକାର ସଙ୍କଟ ମଧ୍ୟ ଦେଇ ଗତି କରୁଛି। ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ସେୟାର ମାର୍କେଟ ଉପରେ ଏହାର ପ୍ରଭାବ ପଡ଼ିଛି। ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ସୃଷ୍ଟି ହୋଇଛି ଏବଂ ପୁଣି ଏକ ମାନ୍ଦାବସ୍ଥା ସୃଷ୍ଟିର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ଏଭଳି ସମୟରେ ସଙ୍କଟ ବଡ଼ ସୁଯୋଗ ସୃଷ୍ଟି କରିଥାଏ। ଏବେ ଭାରତ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବୃଦ୍ଧି ଭାରତ ପାଇଁ ପରୋକ୍ଷରେ ଆଶୀର୍ବାଦ ହୋଇପାରେ। କାରଣ ସବୁ ସଙ୍କଟ ଏକ ନୂଆ ସୁଯୋଗ ସୃଷ୍ଟି କରିଥାଏ। ଏବେ କେବଳ ଉପଯୋଗ ଆବଶ୍ୟକ। ଟ୍ରମ୍ପ ଉଭୟ ଭାରତ ଏବଂ ଚୀନ ଉପରେ ଟାରିଫ ବୃଦ୍ଧି କରିବା ପରେ ଉଭୟ ଦେଶ ପରସ୍ପରର ନିକଟତର ହେବାକୁ ସୁଯୋଗ ସୃଷ୍ଟି ହୋଇଛି। ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଠି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବା ଏହାକୁ ପଛରେ ପକାଇ ବିଶ୍ୱ ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ଭାରତ ସରକାର ଗୁରୁତ୍ୱର ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଈଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବିଶ୍ୱର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ତାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ତାରିଫ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ଋଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ଋଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ଥିକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ଋଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଭାରତ ମଧ୍ୟ ଏବେ ସତର୍କ ରହିବାର ସମୟ। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ନୂଆ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପାଦନ ଲାଗି ଆଲୋଚନା ଏକ ପ୍ରକାର ନିର୍ଣ୍ଣୟାତ୍ମକ ସ୍ଥିତିରେ ପହଞ୍ଚିଛି। ଉଭୟ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧିଙ୍କ ମଧ୍ୟରେ ଏଥିଲାଗି ଆଲୋଚନା ହେଉଛି। ଆଲୋଚନା ବେଳେ ଭାରତ ଆମେରିକା ଉପରେ ତାରିଫ ହ୍ରାସ କରିବାକୁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି। ଯଦି ଭାରତ ତାରିଫ ହ୍ରାସ କରେ ତେବେ ଆମେରିକା ମଧ୍ୟ ଭାରତ ଉପରେ ବର୍ଦ୍ଧିତ ତାରିଫ ପ୍ରତ୍ୟାହାର କରିପାରେ। ରାଷ୍ଟ୍ରପତି ଟ୍ରମ୍ପ ଏହି ସଙ୍କେତ ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ବାସ୍ତବରେ ଭାରତର ତାରିଫ ବା ଟିକସ ହାର ବହୁ ଅଧିକ। ଏଥିନେଇ ଆମେରିକା ରାଷ୍ଟ୍ରପତିଙ୍କ ଉଦବେଗ ଯଥାର୍ଥ। ଏହା ଦ୍ୱାରା ଆମେରିକା ବା ବିଦେଶୀ ରାଷ୍ଟ୍ରମାନେ ଭାରତରେ ନିଜର ସାମଗ୍ରୀ ବିକ୍ରୀ କରିବା ସୁଯୋଗ ପାଉ ନାହାଁନ୍ତି। ଭାରତୀୟ ଶିଳ୍ପ ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଉଛି। କିନ୍ତୁ ଭାରତର ଖାଉଟୀ ଏହା ଦ୍ୱାରା ଶସ୍ତାରେ ଭଲ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଭାରତର ଶିଳ୍ପ ଉତ୍ପାଦନକାରୀମାନେ ଚଢ଼ା ଦରରେ ଲୋକଙ୍କୁ ସାମଗ୍ରୀ ବିକ୍ରୀ କରୁଛନ୍ତି। ଯଦି ଭାରତ ସରକାର ସେମାନଙ୍କ ସ୍ୱାର୍ଥ ରକ୍ଷା ଚାହୁଁଛନ୍ତି ତେବେ ସେମାନଙ୍କ ଉପରୁ ଟିକସ ବୋଝ ହାଲୁକା କରନ୍ତୁ। ଆମେରିକା ବା ଅନ୍ୟ ବୈଦେଶିକ ସାମଗ୍ରୀ ଉପରୁ ଟିକସ ହ୍ରାସ ଉଚିତ। କିନ୍ତୁ ଟ୍ରମ୍ପ ଯେପରି ଅଭଦ୍ରୋଚିତ ବ୍ୟା ପ୍ରୟୋଗ କରୁଛନ୍ତି, ଯେପରି ଭାବେ ଭାରତକୁ ଧମକାଉଛନ୍ତି ତାହା ଆଗରେ ଭାରତ ସରକାର ମୁଣ୍ଡ ନୁଆଁଇବା ଅନୁଚିତ। ବରଂ ଆମେରିକା ଉପରେ ନିର୍ଭରଶୀଳତା କିପରି ହ୍ରାସ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବା ଉଚିତ। ଆମେରିକାକୁ ବାଦ ଦେଇ ମଧ୍ୟ ବିଶ୍ୱ ବାଣିଜ୍ୟର ସ୍ଥିତି ରହିଛି। ଚୀନ ଓ ୟୁରୋପ ସହ ଭାରତ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ପ୍ରୟାସ କରିବା ଉଚିତ। ଏହା ସହିତ ବିଭିନ୍ନ ଶିଳ୍ପଜାତ ସାମଗ୍ରୀ ଉତ୍ପାଦନରେ ଭାରତ କିପରି ଶତ ପ୍ରତିଶତ ଆତ୍ମନିର୍ଭରଶୀଳ ବା ସ୍ୱାବଲମ୍ବୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଭାରତ ଗଠନ ପ୍ରୟାସ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ସମ୍ଭାବ୍ୟ ତୈଳ ସଙ୍କଟର ମୁକାବିଲା ନିମନ୍ତେ ଭାରତ ଯଥେଷ୍ଟ ଆଗୁଆ ପ୍ରୟାସ କରିବା ଉଚିତ।

# ବିଶ୍ୱ ତୃତୀୟ ବିଶ୍ୱଯୁଦ୍ଧମୁହାଁ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଯୁଦ୍ଧ ଏକ ଶତାବ୍ଦୀରୁ ଅଧିକ ପୁରୁଣା। ଏହା ଗତ ବର୍ଷ ମଧ୍ୟ ଚାଲିଥିଲା। ଇସ୍ରାଏଲ ଲଗାତାର ଗାଜା ଉପରେ ଆକ୍ରମଣ କରେ। ହଠାତ୍ ଏହି ଯୁଦ୍ଧର ଦିଗ ପରିବର୍ତ୍ତନ ହୁଏ। ଇସ୍ରାଏଲ ପାଲେଷ୍ଟାଇନ ସହିତ ସଂଘର୍ଷ ଛାଡ଼ି ହଠାତ୍ ଇରାନ ଆଡକୁ ମୁହାଁଏ। ୧୩ ଜୁନ୍ ରେ ଇରାନ ଉପରେ ବଡ଼ ଧରଣର ବିମାନ ଆକ୍ରମଣରେ ସେନା ଅଧିକାରୀଙ୍କ ସହିତ ଇରାନର ଅନେକ ପରମାଣୁ ବୈଜ୍ଞାନିକ ମଧ୍ୟ ନିହତ ହେଲେ।ପ୍ରଶ୍ନ ଉଠେ ଇସ୍ରାଏଲ ରକ୍ତପାତ ପାଇଁ ଏତେ ଆଗ୍ରହୀ କାହିଁକି? ଏହାର ବିମାନ ଆକ୍ରମଣର ପ୍ରଥମ ଲକ୍ଷ୍ୟ ଇରାନର ପରମାଣୁ କ୍ଷେତ୍ର ଏବଂ ପରମାଣୁ ବୈଜ୍ଞାନିକ । ତେବେ ଇରାନର ପରମାଣୁ ଗବେଷଣାକୁ ବନ୍ଦ କରିବା ପାଇଁ ଇସ୍ରାଏଲୀ ଆକ୍ରମଣର ଉଦ୍ଦେଶ୍ୟ କ'ଣ? ଯଦି ଇରାନ ପରମାଣୁ ଅସ୍ତ୍ର ତିଆରି ଗବେଷଣାରେ ନିୟୋଜିତ ଅଛି ତେବେ ଏଥିରୁ ଇସ୍ରାଏଲର କଣ କ୍ଷତି ହେଉଛି? ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଆମେ ପୁଣି ଥରେ ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧକୁ ଫେରିବା । ଏହି ଯୁଦ୍ଧର ଜନକ ଥିଲା ବ୍ରିଟେନ । ସେ ହିଁ ଇସ୍ରାଏଲୀ ଏବଂ ପାଲେଷ୍ଟାଇନୀ ମୁସଲମାନମାନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ କରିଥିଲେ। ଇସ୍ରାଏଲରେ ରହୁଥିବା ଯିହୂଦୀମାନେ ମୁସଲମାନମାନଙ୍କୁ ଘୃଣା କରନ୍ତି। ଏହି କାରଣରୁ ଛୋଟ ଇସ୍ରାଏଲ ସମସ୍ତ ମୁସଲିମ ଦେଶକୁ ଘୃଣା କରେ। ଇରାନ ମଧ୍ୟ ସେମାନଙ୍କ ମଧ୍ୟରୁ ଗୋଟିଏ ଏବଂ ଏହାର ପଡ଼ୋଶୀ ଦେଶ। ଯଦି ଇରାନ ପରମାଣୁରେ ଶକ୍ତିଶାଳୀ ହୁଏ ତେବେ ନିଶ୍ଚିତ ଭାବରେ ଇସ୍ରାଏଲ ପାଇଁ ବଡ଼ ବିପଦ ହୋଇପାରେ। ଏପରିସ୍ଥିତିରେ ଇସ୍ରାଏଲ ଯେକୌଣସି ମୂଲ୍ୟରେ ଏହାର ପ୍ରୟାସକୁ ବିଫଳ କରିବାକୁ ଚାହେଁ । ଇରାନର ପରମାଣୁ କାର୍ଯ୍ୟକ୍ରମକୁ କ୍ଷତି ପହଞ୍ଚାଇବା ପାଇଁ ଇସ୍ରାଏଲ ଅନେକ ଗୁପ୍ତ ଆକ୍ରମଣ କରିଥିଲା। ଏଥିରେ ଇରାନ ପରମାଣୁ କାର୍ଯ୍ୟକ୍ରମର ଜନକ ମୋହସିନ ଫଖରିଜାଦେହଙ୍କୁ ହତ୍ୟା ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଇରାନର ପରମାଣୁ କାର୍ଯ୍ୟକ୍ରମ ବନ୍ଦ ହୋଇନଥିଲା। ଇସ୍ରାଏଲ ପ୍ରୟାସ ଜାରି ରଖିଥିଲା। ଜାତିସଂଘ ହିଜବୋଲା-ହମାସ ବିରୋଧୀ ଅଭିଯାନକୁ ସମର୍ଥନ କରିଥିଲେ କିନ୍ତୁ ଭିଟୋ ମାଧ୍ୟମରେ ପରମାଣୁ ଘାଟି ଉପରେ ଆକ୍ରମଣ କରି ଇରାନକୁ ଧ୍ୱଂସ କରିବାର ପ୍ରୟାସରେ ରୋକ ଲଗାଇ ଥିଲେ। ଏପରିସ୍ଥିତିରେ ଇସ୍ରାଏଲ ସଠିକ୍ ସମୟକୁ ଅପେକ୍ଷା କରିଥିଲା ଏବଂ ସମୟ ପାଇଲା ଯେତେବେଳେ ଡୋନାଲ୍ଡ ଟ୍ରମ୍ପ ପୁଣି ଆମେରିକାରେ କ୍ଷମତାକୁ ଆସିଲେ। ଆମେରିକା ମଧ୍ୟ ପରମାଣୁ ଚୁକ୍ତି ପାଇଁ ଇରାନ ଉପରେ ଚାପ ପକାଉଛି। ଇସ୍ରାଏଲୀ ଆକ୍ରମଣ ଉଭୟଙ୍କ ଲକ୍ଷ୍ୟ ହାସଲ କରୁଥିବା ପରି ମନେ ହେଉଛି। ଇସ୍ରାଏଲ ଏହି ଚୁକ୍ତି ପାଇଁ ଇରାନ ଉପରେ ଚାପ ପକାବା ପାଇଁ ଆକ୍ରମଣ କରିଛି। ପ୍ରକୃତରେ ଏହି ସଂଘର୍ଷ କେବଳ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ନୁହେଁ। ଦୃଷ୍ଟି ଗୋଚରରେ ଉଭୟ ଦେଶ ଅଛନ୍ତି କିନ୍ତୁ ସେମାନଙ୍କୁ ବିଭିନ୍ନ ଦେଶ ଦ୍ୱାରା ପୃଷ୍ଠପୋଷକତା ଦିଆଯାଉଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରଠାରୁ ତାଙ୍କର ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ବିଶ୍ୱର ସବୁଠାରୁ ବଡ଼ ନେତା ହେବା। ସେ ଋଷ-ୟୁକ୍ରେନ ବିବାଦ ହେଉ, ଭାରତ-ପାକିସ୍ତାନ ବିବାଦ ହେଉ କିମ୍ବା ଏବେ ଇରାନ-ଇସ୍ରାଏଲ ବିବାଦ ସେ ସବୁଠି ନେତା ହେବାକୁ ଚାହାଁନ୍ତି। ସେ ଋଷ-ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବାରେ ସଫଳ ହୋଇନାହାଁନ୍ତି। କାରଣ ମଧ୍ୟ ସ୍ପଷ୍ଟ। ଋଷ ଆମେରିକା ତୁଳନାରେ ଦୁର୍ବଳ ନୁହେଁ। ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଟ୍ରମ୍ପଙ୍କ କଥା ଶୁଣିବେ ନାହିଁ। ଭାରତ-ପାକିସ୍ତାନ ବିବାଦ ପରେ ଯୁଦ୍ଧବିରତି ସମ୍ପର୍କରେ ସେ ଏପର୍ଯ୍ୟନ୍ତ ୧୭ ଥର ଦାବି କରିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି କେବଳ ତାଙ୍କ ନିର୍ଦ୍ଦେଶରେ ହୋଇଥିଲା। ବିପରୀତରେ ଟ୍ରମ୍ପ ପାକିସ୍ତାନକୁ ଭଲ ପାଆନ୍ତି କାରଣ ପାକିସ୍ତାନକୁ ଘାଟି କରି ଆମେରିକା ଆଫଗାନିସ୍ତାନରେ ଋଷର ପ୍ରାଧାନ୍ୟ ଶେଷ କରିଥିଲା। ଏବେ ଟ୍ରମ୍ପ ଚୀନ୍ ଏବଂ ଭାରତ ଉଭୟକୁ ପ୍ରଭାବିତ କରି ଏସୀୟ ମହାଦେଶରେ ନିଜର ପ୍ରାଧାନ୍ୟ ବଜାୟ ରଖିବାକୁ ଚାହାଁନ୍ତି। ଇସ୍ରାଏଲ ଏବଂ ଇରାନରେ ନେତା ହେବା ପାଇଁ ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆମେ ଭାରତ-ପାକିସ୍ତାନରେ ଯାହା କରିଛୁ ଇରାନ-ଇସ୍ରାଏଲ ବିବାଦରେ ମଧ୍ୟ ସେହିପରି କରିବୁ। ଇସ୍ରାଏଲୀ ଆକ୍ରମଣର ଉଦ୍ଦେଶ୍ୟ ହେଉଛି ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ଏବଂ ଟ୍ରମ୍ପ ଏହାକୁ ଉତ୍ସାହିତ କରିଛନ୍ତି। ଇସ୍ରାଏଲୀ ଆକ୍ରମଣରେ ଇରାନକୁ ହୋଇଥିବା କ୍ଷତି ଏହାର ସଦ୍ୟତମ ପ୍ରମାଣ। ଜୁନ୍ ୧୩ ରେ ଇସ୍ରାଏଲ ଇରାନ ବିରୁଦ୍ଧରେ 'ଅପରେସନ୍ ରାଇଜିଂ ଲାୟନ୍' ଆରମ୍ଭ କରିଥିଲା ଏବଂ ଏହା ଅଧୀନରେ ଇରାନର ଅନେକ ସ୍ଥାନରେ ବଡ଼ ଆକ୍ରମଣ କରିଥିଲା। ଆକ୍ରମଣ ପରେ ଇସ୍ରାଏଲୀ ସେନା ଏକ ବିବୃତ୍ତି ଜାରି କରି ଇରାନକୁ ନିଜ ଅସ୍ତିତ୍ୱ ପାଇଁ ବିପଦ ବୋଲି କହିଥିଲା । ଇରାନ ଛଅଟି ସ୍ଥାନରେ ପରମାଣୁ ଗବେଷଣା କାର୍ଯ୍ୟକ୍ରମ ଚଳାଇଛି। ଏହି ସ୍ଥାନରେ ୟୁରାନିୟମ୍ ସମୃଦ୍ଧି କାର୍ଯ୍ୟ ଚାଲିଛି। ଋଷ ଏବଂ ପାକିସ୍ତାନ ଏହାକୁ ସାହାଯ୍ୟ କରୁଛନ୍ତି। ଏଥିରେ ଏତେ ୟୁରାନିୟମ୍ ଅଛି ଯେ ଏହା ଅତି କମରେ ନଅଟି ପରମାଣୁ ବୋମା ତିଆରି କରିପାରିବ।ବର୍ତ୍ତମାନ କେତେ ତିଆରି କରିପାରିଛି ତାହା ସ୍ପଷ୍ଟ ହୋଇନି। ଯଦିଓ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ପାଖରେ ଏପର୍ଯ୍ୟନ୍ତ ପରମାଣୁ ଅସ୍ତ୍ର ନାହିଁ। ଛଅ ଦିନର ଯୁଦ୍ଧରେ ଇସ୍ରାଏଲ ନାଟାଞ୍ଜ ଏବଂ ଭୋଶାହର ଉପରେ ଆକ୍ରମଣ କରିଥିଲା। ଏହା କେବଳ କିଛି ପରିମାଣରେ ନାଟାଞ୍ଜକୁ କ୍ଷତି ପହଞ୍ଚାଇପାରିବ। ଅନ୍ୟ ସମସ୍ତ ସ୍ଥାନରେ ୟୁରାନିୟମ୍ ସମୃଦ୍ଧି କାର୍ଯ୍ୟ ଚାଲିଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନି ମଧ୍ୟ ଆଂଶିକ କ୍ଷତିର ସତ୍ୟକୁ ଗ୍ରହଣ କରିଛନ୍ତି। ବଡ଼ ପ୍ରଶ୍ନ ହେଉଛି ଇସ୍ରାଏଲ ଇରାନକୁ ପରମାଣୁ ଅସ୍ତ୍ର ତିଆରି କରିବାରୁ ରୋକିପାରିବ କି? ଏହାର ଉତ୍ତର ଦେବା ପୂର୍ବରୁ ଇରାନର ସେହି ଛଅଟି ସ୍ଥାନର ସୁରକ୍ଷା ବ୍ୟବସ୍ଥା ଜାଣିବା ଯେଉଁଠାରେ ୟୁରାନିୟମ ସମୃଦ୍ଧି କାର୍ଯ୍ୟ ଚାଲିଛି। ଇରାନ ସେମାନଙ୍କ ସୁରକ୍ଷା ପାଇଁ ଏପରି ବ୍ୟବସ୍ଥା କରିଛି ଯେ ଇସ୍ରାଏଲ ପାଇଁ ଏଥିରେ ପ୍ରବେଶ କରିବା କଷ୍ଟକର।ଯଦି ଏହା ସମ୍ଭବ ହୋଇଥାନ୍ତା ତେବେ ଅନେକ ଆଗରୁ ଏହି ସ୍ଥାନଗୁଡ଼ିକୁ ନଷ୍ଟ କରିଥାନ୍ତା। ଆମେରିକା ଏହି ସ୍ଥାନଗୁଡ଼ିକୁ ନଷ୍ଟ କରିବାର କ୍ଷମତା ରଖେ। କିନ୍ତୁ ଯଦି ସେ ସିଧାସଳଖ ଯୁଦ୍ଧ କରେ ତେବେ ପରିସ୍ଥିତି ଆହୁରି ଭୟଙ୍କର ହେବ। ଯଦିଓ ଟ୍ରମ୍ପ କହିଛନ୍ତି ଯେ ଆବଶ୍ୟକ ହେଲେ ସେ ଯୁଦ୍ଧରେ ମଧ୍ୟ ଅଂଶଗ୍ରହଣ କରିବେ। ଯଦି ଟ୍ରମ୍ପ ଏହା କରନ୍ତି ତେବେ ୟୁକ୍ରେନ ସହିତ ଯୁଦ୍ଧରେ ଲିପ୍ତ ରହିବା ସତ୍ତ୍ୱେ ଋଷ ଇରାନ ପକ୍ଷରୁ ମଇଦାନକୁ ଆସିବ। ଯୁଦ୍ଧ ମଧ୍ୟରେ ଚୀନ ଗୁପ୍ତ ଭାବରେ ଇରାନକୁ ଅସ୍ତ୍ର ଯୋଗାଣ କରି ନିଜର ମତ ସ୍ପଷ୍ଟ କରିସାରିଛି। ପାକିସ୍ତାନ ଯେତେ ଦୁର୍ବଳ ହେଉନା କାହିଁକି ସେ ଏବେ ବି ଇରାନ ସହିତ ଅଛି। ଏହା ଭିନ୍ନ କଥା ଯେ ସେ ଆମେରିକାର ଚାପରେ ନିଜକୁ ନିୟନ୍ତ୍ରଣ କରିଛି। ଯଦି ଟ୍ରମ୍ପ ଯୁଦ୍ଧକୁ ଡେଇଁବେ ତେବେ ତୃତୀୟ ବିଶ୍ୱଯୁଦ୍ଧର ପରିସ୍ଥିତି ସୃଷ୍ଟି ହେବ।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

# ଜନ୍ମସଂଖ୍ୟା ନିୟନ୍ତ୍ରଣରେ ବିସ୍ଫୋରଣ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଜନସଂଖ୍ୟା ହ୍ରାସ ଉଭୟ ଆହ୍ୱାନ ଓ ସୁଯୋଗର କାରଣ ହୋଇଥାଏ। ଗୋଟିଏ ପଟେ ଏହା ପ୍ରଜନନ କ୍ଷମତା ଓ ସମ୍ବଳର ଆବଟଂନ ବୃଦ୍ଧି ପାଇଁ ଆର୍ଶୀବାଦ ସଦୃଶ ହୋଇଥିବାବେଳେ ଅନ୍ୟ ପଟେ ଏହା ଯୁବଶକ୍ତି ହ୍ରାସ ସହ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ଏବଂ ସ୍ୱାସ୍ଥ୍ୟଗତ ବ୍ୟୟ ବୃଦ୍ଧିର କାରଣ ହୋଇଥାଏ। ଦେଶରେ ଚଳିତ ବର୍ଷଠାରୁ ଶ୍ରମଶକ୍ତି ସଂକୁଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏଭଳି ସଂକଟ କେବଳ ଭାରତ ସମ୍ମୁଖୀନ ହୋଇନାହିଁ, ଚୀନ, ଜାପାନ, ସମେତ ବିଶ୍ୱର ବହୁ ବିକଶିତ ରାଷ୍ଟ୍ର ଏବେ ଯୁବ ଶକ୍ତିର ସଂଖ୍ୟା ହ୍ରାସ ଏବଂ ବୟସ୍କ ତଥା ବୃଦ୍ଧଙ୍କ ସଂଖ୍ୟା ବୃଦ୍ଧିରୁ ସମ୍ମୁଖୀନ ହୋଇଛନ୍ତି। ଯାହାକୁ ଜନ୍ମ ସଂଖ୍ୟା ନିୟନ୍ତ୍ରଣର ବିସ୍ଫୋରଣ ବୋଲି କୁହାଯାଇପାରେ। ମିଳିତ ଜାତିସଂଘ ଭାରତର ଜନସଂଖ୍ୟା ଏବେ ୧୪୬ କୋଟିରେ ପହଁଚିଛି। ବିଶ୍ୱ ଜନସଂଖ୍ୟା ୨୦୨୫ ଶିରୋନାମାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଏବେ ଭାରତରେ ଯେଉଁ ହାରରେ ରହିଛି, ବର୍ତମାନ ଠାରୁ ଆସନ୍ତା ୪୦ବର୍ଷ ପରେ ଏହାର ମୋଟ ଜନସଂଖ୍ୟା ୧୭୦କୋଟିରେ ପହଁଚିବ। ଏହାପରେ ଭାରତରେ ଭାରତର ଜନସଂଖ୍ୟା ଧିରେ ଧିରେ ହ୍ରାସ ପାଇବାରେ ଲାଗିବ। କହିବା ବାହୁଲ୍ୟ ଯେ, ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଂଗ୍ରାମ ଚଳାଇଥିବା ଗୋଟିଏ ଦେଶ ପାଇଁ ଏହା ଉତମ ଖବର ନିଶ୍ଚିତ। କାରଣ ଏବେ ଭାରତ ବିଶ୍ୱରେ ସର୍ବବୃହତ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଛି। ଜନସଂଖ୍ୟା ଚୀନକୁ ପଛରେ ପକାଇ ଭାରତ ପ୍ରଥମ ସ୍ଥାନ ଅଧିକାର କରିଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର ମୋଟ ପ୍ରଜନନ ତଥା ଜନ୍ମ ହାର ୧.୯ କୁ ହ୍ରାସ ପାଇଛି, ଯାହାକି ଦେଶର ହାରାହାରି ଜନ୍ମହାର ୨.୧ ତଳେ ରହିଛି। ମୋଟ ଜନ୍ମହାର(ଟିଏଫଆର) ହ୍ରାସ ଗୋଟିଏ ରାଷ୍ଟ୍ର ପାଇଁ ଜନସଂଖ୍ୟା ହ୍ରାସ ଭାବେ ବିବେଚନା କରାଯାଇଥାଏ। ଏହା ନିସନ୍ଦେହ ଯେ, ଭାରତରେ ଜନ୍ମହାର ବା ଟିଏଫଆର ହ୍ରାସ ଏହାର ଜନସଂଖ୍ୟା ନିୟନ୍ତ୍ରଣ ପ୍ରୋଗ୍ରାମକୁ ସଫଳ କରିଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଷାଠିଏ ଦଶକରେ ଜଣେ ମହିଳାଙ୍କର ହାରାହାରି ୬ଜଣ ଶିଶୁଙ୍କର ଜନନୀ ହୋଇଥିବାବେଳେ ଏବେ ଗୋଟିଏ କିମ୍ବା ଦୁଇଟି ସନ୍ତାନରେ ସନ୍ତୁଷ୍ଟ ରହିଛନ୍ତି। ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଭାରତର ସଫଳତା ଉଲ୍ଲେଖନୀୟ, ଏହା ଯେ କେହି ସ୍ୱୀକାର କରିବେ। ଏହା ସତ୍ୟ ଯେ, ଶିକ୍ଷା ଓ ସଚେତନତା ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି କୁହାଯାଇପାରିବ। ଜାତିସଂଘ ରିପୋର୍ଟ ଅନୁଯାୟୀ ପ୍ରକୃତ ସମସ୍ୟା ହେଉଛି, ଯେତେବେଳେ ପ୍ରଜନନକ୍ଷମ ମନୋଭାବ ଆମେ ସେତେବେଳେ ଜଣେ ମହିଳାଙ୍କର ଦୃଢ଼ ବ୍ୟକ୍ତିଗତ ସ୍ୱାଧୀନତାର ଅଭାବ ଥାଏ। ଜାତିସଂଘ ତଥ୍ୟ ଅନୁଯାୟୀ ତିନି ଜଣରୁ ଜଣେ ପ୍ରାପ୍ତବୟସ୍କା ମହିଳାଙ୍କର ଗର୍ଭଧାରଣ ପ୍ରତି ଅନାଗ୍ରହୀ ହୋଇଥାନ୍ତି। ସେହିପରି ଗର୍ଭଧାରଣ ପାଇଁ ମହିଳାଙ୍କର କୌଣସି ସ୍ୱାଧୀନତା ନଥାଏ। ଏକ ସର୍ଭେରୁ ଜଣାଯାଇଛି ଯେ, ପ୍ରାୟ ଏକ ତୃତୀୟା ମହିଳା ଅଧିକ ସନ୍ତାନସନ୍ତତି ପାଇଁ ଆଶାୟୀ ଥିବା ସତ୍ୱେ ସେମାନଙ୍କୁ ଅନୁମତି ମିଳିନଥାଏ। ତେବେ ବିହାର, ଉତର୍ରପଦେଶ, ଝାଡଖଣ୍ଡ ପର ଉତର ଓ କେନ୍ଦ୍ରୀୟ ଭାରତର କେତେକ ରାଜ୍ୟରେ ଜନସଂଖ୍ୟା ନିୟନ୍ତ୍ରଣ ସଫଳ ହୋଇନଥିବା ବେଳେ ଦିଲ୍ଲୀ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶରେ ଏହା ଆଶାତୀତ ସଫଳତା ହାସଲ କରିଛି। ଏହି ରାଜ୍ୟଗୁଡିକରେ ଜନ୍ମ ହାର ହାରାହାରି ଜନ୍ମହାର ତଳେ ରହିଛି। ଶିକ୍ଷା ସଚେତନତା ଗର୍ଭନିରୋଧକ ବ୍ୟବହାର ଏବଂ ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳତା ଏହି ସଭସ୍ତ ରାଜ୍ୟରେ ଜନ୍ମସଂଖ୍ୟା ନିୟନ୍ତ୍ରଣର ମୁଖ୍ୟକାରଣ। ଏବେ ଏହି ସମସ୍ତ ରାଜ୍ୟର ରାଜ୍ୟ ସରକାର ଅଧିକରୁ ଅଧିକ ସନ୍ତାନ ଜନ୍ମ ପାଇଁ ମହିଳମାନଙ୍କୁ ଆହ୍ୱାନ କରିଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ରାଜ୍ୟ ସରକାରମାନେ ଜନସଂଖ୍ୟା ବୃଦ୍ଧି ପାଇଁ ଆହ୍ୱାନ ଦେଇଥିବାବେଳେ ଭବିଷ୍ୟତରେ ଯୁବଶକ୍ତିର ଅଭାବ ଓ ବୟସ୍କ ନାଗରିକମାନଙ୍କ ସଂଖ୍ୟା ବଢ଼ିଯିବ। ଏଥିଲାଗି ନୀତି ନିର୍ଦ୍ଧାରକ ବେଳହୁଁ ସତର୍କ ହେବା ଜରୁରୀ। ଚୀନ, ଜାପାନ, ପରି ଦେଶରେ ଏକ ଯୁବଶକ୍ତିର ଅଭାବ ଘଟିଥିବା ବେଳେ ବୃଦ୍ଧଙ୍କ ସଂଖ୍ୟା ବଢ଼ିବାରେ ଲାଗିରହିଛି। ଚୀନ ସରକାର ଚାରି ସନ୍ତାନ ନୀତି ଆପଣାଇ ଥିବାବେଳେ ଜାପାନ ମଧ୍ୟ ଅନୁରୂପ ନୀତି ଅନୁସରଣ କରିଛି।



**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ଜୁନ ୨୬, ୧୯୭୫ ଜରୁରୀ ପରିସ୍ଥିତି ଅନ୍ତରାଳେ...



**ଅମର ପ୍ରସାଦ ଶତପଥୀ**

୧୯୭୦ ଦଶକରେ ଗରିବ ହଟାଓ, ବ୍ୟାଙ୍କ ଜାତୀୟକରଣ ରାଜାମାନଙ୍କ ହାତପାଣ୍ଠି ଉଚ୍ଛେଦ ଭଳି ପ୍ରଗତିଶୀଳ କାର୍ଯ୍ୟକ୍ରମ ଜନମାନସକୁ ବେଶ ପ୍ରଭାବିତ କରିଥିଲା। ୧୯୬୭, ୧୯୬୯ରେ ବିଭିନ୍ନ ରାଜ୍ୟରେ ଅଣକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ କାର୍ଯ୍ୟ ସଚ୍ଛାୟୁଷ ହେଇ ପତନ ପରେ ଦେଶରେ ଏକ ରାଜନୈତିକ ଅସ୍ଥିରତା ଓ ଅନିଶ୍ଚିତତା ଦେଖାଦେଇଥିଲା। ଏହି ପୃଷ୍ଠଭୂମିରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନେତୃତ୍ୱରେ କଂଗ୍ରେସ ୧୯୭୧ ମସିହା ସାଧାରଣ ନିର୍ବାଚନରେ 'ଗରିବ ହଟାଓ' କୁ ମୁଖ୍ୟ ପ୍ରସଂଗ କରି ବିପୁଳ ସଂଖ୍ୟା ଗରିଷ୍ଠତା ପାଇ କେନ୍ଦ୍ରରେ ସରକାର ଗଠନ କଲେ। ଅସ୍ଥିରତା ଶାସନର ପୂର୍ଣ୍ଣଚ୍ଛେଦ ପକାଇ ଶ୍ରୀମତୀ ଗାନ୍ଧୀ ନିରଙ୍କୁସ କ୍ଷମତାର ଅଧିକାରୀ ହେଲେ।

**( ଜରୁରୀ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଅବସରରେ )**

ବିଧିର ବିଡମ୍ବନା ନିର୍ବାଚନରେ ବିପୁଳ ସଂଖ୍ୟା ଗରିଷ୍ଠତା ପାଇବା ଅଗଣତାନ୍ତ୍ରିକ ମାନସିକତାର କାରଣ ହେଲା। ଜନହିତକର କାର୍ଯ୍ୟ କରିବା ପରିବର୍ତ୍ତେ ଅଧିକ କ୍ଷମତାର ଦୁରୁପଯୋଗ ହେଲା। ଏହା ଏକଛତ୍ରବାଦୀ ଶାସନର ମୂଳଦୁଆ ପକାଇଲା। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅତ୍ୟଧିକ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଦୁରର କଥା ଶାଶକ ଦଳ ନେତୃତ୍ୱ ଏହା ଆନ୍ତର୍ଗଜାତୀୟ ସମସ୍ୟା କହି ଦରଦାମ ବାଧୁଥିବା ସାଧାରଣ ଲୋକଙ୍କ କଟା ଘାରେ ଚୂନ ଦେଲା ଭଳି ଅଜବ ଯୁକ୍ତି କରିଲେ। ଶାସନ ବ୍ୟବସ୍ଥାରେ ତିଳରୁ ତଳିପା ପର୍ଯ୍ୟନ୍ତ ଦୁର୍ନୀତି ବ୍ୟାପି ଗଲା। ସାଧାରଣ ଲୋକେ ଅତିଷ୍ଠ ହେଲେ। ସେହି ସମୟରେ ଗୁଜରାଟରେ ଏକ ଛାତ୍ରାବାସର ଦେୟ ବୃଦ୍ଧି ପ୍ରତିବାଦରେ ଛାତ୍ର ଆନ୍ଦୋଳନ ସୂତ୍ରପାତି ହେଲା। ଦରବୃଦ୍ଧି ଭ୍ରଷ୍ଟାଚାର, କୁଶାସନ ପ୍ରସଂଗରେ ଗୁରଜାଟରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ବିହାର ଉତ୍ତର ପ୍ରଦେଶ, ଓଡ଼ିଶା ସମେତ ସମଗ୍ର ଦେଶରେ ଏହି ଛାତ୍ର ଆନ୍ଦୋଳନ ବ୍ୟାପି ବାରେ ଲାଗିଲା। ପ୍ରଗତୀଶୀଳ କାର୍ଯ୍ୟକ୍ରମକୁ ପଛରେ ପକାଇ ନିର୍ବାଚିତ ସରକାର ଏହି ଆନ୍ଦୋଳନକୁ ଦବାଇଦେବା ପାଇଁ ପୋଲିସ ବଳ ସହାରା ନେଇ ଅଗଣତାନ୍ତ୍ରୀକ ଉପାୟ ଅବଲମ୍ବନ କରିବାକୁ ପଛାଇଲେ ନାହିଁ। ଜନ ଅସନ୍ତୋଷ ସୃଷ୍ଟି ହେଲା। ପୋଲିସ ଦମନ ନୀଳା ସ୍ୱାଧୀନଚେତା ବ୍ୟକ୍ତି ସମୂହ ଓ ସ୍ୱାଧୀନଚେତା ସଂଗ୍ରାମୀମାନଙ୍କୁ ବିଶେଷ ବ୍ୟଥିତ କଲା। ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ କରି କଷ୍ଟଲବ୍ଧ ସ୍ୱାଧୀନତା ଅଣିଥିବା ସଂଗ୍ରାମୀମାନେ ଏହାର ପ୍ରତିବାଦର କଲେ। ରାଜନୀତିରୁ ଦୁରରେ ରହୁଥିବା ସର୍ବୋଦୟ ଆନ୍ଦୋଳନ ସହ ଜଡିତ ବ୍ୟକ୍ତି ବିଶେଷ ନିରବ ରହି ପାରିଲେ ନାହିଁ। ଲୋକନାୟକ ଜୟ ପ୍ରକାଶ ନାରାୟଣ ୧୯୭୪-୭୫ ମହିହାର ଏହି ଆନ୍ଦୋଳନର ମାର୍ଗଦର୍ଶକ ହେଲେ।

ଜୁନ ୧୨, ୧୯୭୫ ମହିସାରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ରାୟବରେଲୀ ପରାଜିତ ପ୍ରାର୍ଥି ରାଜ ନାରାୟଣଙ୍କ ଦ୍ୱାରା ହୋଇଥିବା ନିର୍ବାଚନ ମାମଲାର ରାୟ ପ୍ରକାଶ ପାଇଲା। ଆଲାହାବାଦ ଉଚ୍ଚ ନ୍ୟାୟାଳୟ ବିଚାର ପତି ଜଗମୋହନ ଲାଲ ସିହ୍ନା ଶ୍ରୀମତୀ ଗାନ୍ଧୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ଫଳରେ ଲୋକସଭାରୁ ସେ ସଭ୍ୟ ପଦ ହରାଇଲେ। ଏହି ଐତିହାସିକ ରାୟ ଭାରତ ବର୍ଷର ରାଜନୀତିରେ ଦିଗ ବଦଳାଇ ଦେଲା। ବିଭିନ୍ନ ମହଲରୁ ପ୍ରଧାନମନ୍ତ୍ରୀଙ୍କ ଶ୍ରୀମତୀ ଗାନ୍ଧୀଙ୍କ ଇସ୍ତଫା ଦାବୀ ହେଲା।

ରାଜନୈତିକ ସଭା କେବଳ ନୁହେଁ ସମାଜର ସବୁକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱର ଉଠିଲା। ଛାତ୍ର ଆନ୍ଦୋଳନର ଜନ ଆନ୍ଦୋଳନର ରୂପ ନେଲା। ବିଶିଷ୍ଟ ବ୍ୟକ୍ତି, ଶ୍ରମିକ ସଂଗଠନ ସର୍ବୋଦୟ କର୍ମୀ, ସର୍ବୋପରି -ସ୍ୱାଧୀନତା ସଂଗ୍ରାମୀମାନେ ଏହି ଆନ୍ଦୋଳନରେ ସାମିଲ ହେଲେ। ବ୍ୟବସ୍ଥାର ପରିବର୍ତନ ଦାବୀରେ ଏହା 'ସମ୍ପୂର୍ଣ୍ଣ କ୍ରାନ୍ତି' ଆନ୍ଦୋଳନ ଭାବରେ ନାମିତ ହେଲା। ବିଶିଷ୍ଟ ଗାନ୍ଧୀବାଦୀ ସର୍ବୋଦୟ ନେତା ଜୟ ପ୍ରକାଶ ନାରାୟଣ ଏହାର ନେତୃତ୍ୱ ନେଲେ। ଲୋକଙ୍କ ମଧ୍ୟରେ ନୂତନ ଆଶାର ସଂଚାର ହେଲା। ବିଭିନ୍ନ ରାଜ୍ୟର ଛାତ୍ର ଯୁବକ, ମହିଳା ଶ୍ରମିକ ସଂଗଠନ, ସ୍ୱାଧୀନତା ଜନଗଣକୁ ନେଇ ଜନ ସଂଘର୍ଷ ଓ ଯୁବ ଛାତ୍ର ସଂଘର୍ଷ ଗଠିତ ସମିତିମାନ ଏହାର ନେତୃତ୍ୱ ନେଲେ।

'ସମ୍ପୂର୍ଣ୍ଣ କ୍ରାନ୍ତି ଅବ ନାରା ହେ ଭାବି / ଇତିହାସ ହମାରା ହେ'

ନାରା ସମଗ୍ର ଦେଶରେ ସିହରଣ ସୃଷ୍ଟି କଲା। ଜନ ଅସନ୍ତୋଷକୁ ପ୍ରଶମିତ କରିବା ପରିବର୍ତନ ଜନ ଆନ୍ଦୋଳନ କାରିଙ୍କ ଉପରେ ବ୍ରିଟିଶ୍ ଶାସନ ସମୟ ଭଳି ପୋଲିସ ଅତ୍ୟାଚାର ଓ ଦମନଳୀଳା ଚାଲିଲା। ପ୍ରତିବାଦରେ ଦୁର୍ବାର ଆନ୍ଦୋଳନ ଅଧିକ ତୀବ୍ରତର ହେବାରେ ଶକ୍ତି ମିଳିଲା। ଦେଶର ବିଭିନ୍ନ ସ୍ଥାନରେ ସଂଘର୍ଷ ସମିତି ପକ୍ଷରୁ ଜନସଭାମାନ ଅନୁଷ୍ଠିତ ହେଲା। ଏଠାରେ ବିପୁଳ ଜନ ସମର୍ଥନ ଶାସକ ଦଳ ମୁଣ୍ଡ ବ୍ୟଥାର କାରଣ ହେଲା। ଜୁନ ୨୫, ୧୯୭୫ ଦେଶର ରାଜଧାନୀ ଦିଲ୍ଲୀ ରାମଲୀଳା ମଇଦାନରେ ଏକ ଅଭୁତପୂର୍ବ ବିଶାଳ ଜନ ସମାବେଶରେ ସାମିଲ ଥିବା ବ୍ୟକ୍ତି ମାନଙ୍କ ଉପରେ ପୋଲିସ ଲାଠି ଚାଳନା କଲା। ଏପରିକି ପୋଲିସ ଲାଠି ମାଡରୁ ଗାନ୍ଧୀବାଦୀ ଅହିଂସା ଆନ୍ଦୋଳନର ପ୍ରବକ୍ତା, ଲୋକନାୟକ ଜୟ ପ୍ରକାଶ ନାରାୟଣ ବାଦ୍ ପଡ଼ିଲେ ନାହିଁ। ଗଣତାନ୍ତ୍ରିକ ପଦ୍ଧାରେ ନିର୍ବାଚିତ ସରକାର ସମସ୍ତ ଅଗଣତାନ୍ତ୍ରୀକ ଉପାୟ ଅବଲମ୍ବନ ରହି ପରାଧୀନ ଭାରତବର୍ଷର ଇତିହାସର ପୁନରାବୃତ୍ତି କଲେ।

କେନ୍ଦ୍ର ମନ୍ତ୍ରୀ ପରିଷଦର ସୁପାରିଶ କ୍ରମେ ରାଷ୍ଟ୍ରପତି ସମ୍ବିଧାନର ଅନୁଚ୍ଛେଦ ୩୫୨ ବ୍ୟବସ୍ଥା ଅନୁଯାୟୀ ଦେଶରେ ଜରୁରି ପରିସ୍ଥିତି ଗୋଷଣା କଲେ। ଆମ ସମ୍ବିଧାନରେ ଜାତୀୟ, ରାଜ୍ୟ ଓ ଆର୍ଥିକ ଜରୁରୀ ପରିସ୍ଥିତିରେ ସମ୍ପର୍କରେ ଉଲ୍ଲେଖ ରହିଅଛି। ଅନୁଚ୍ଛେଦ ୩୫୬ ଅନୁଯାୟୀ ବିଭିନ୍ନ ରାଜ୍ୟରେ ଜରୁରି ପରିସ୍ଥିତି ଜାରୀ କରି ରାଷ୍ଟ୍ରପତି ଶାସନକୁ ଲଦି ଦିଆଯାଇଥିଲା। ସ୍ୱାଧୀନ ଭାରତବର୍ଷରେ ପ୍ରଥମ କରି ୧୯୫୯ ମସିହାରେ ଇ.ଏମ୍.ଏସ୍. ନମ୍ବଦିପଙ୍କ ନେତୃତ୍ୱ ରାଜ୍ୟ ସରକାରକୁ ବରଖାସ୍ତ କରାଯାଇଥିଲା। ଏହି ଧାରାରେ ଭିନ୍ନ ଭିନ୍ନ ସମୟ ଏକାଧିକ ରାଜ୍ୟ ସରକାର ଗୁଡ଼ିକୁ ୩୫୬ ଅନୁଚ୍ଛେଦର ଦୁରପଯୋଗ କରି ବରଖାସ୍ତ କରାଯିବା ଅଭିଯୋଗ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାର ପାଇଁ ପହଞ୍ଚିଥିଲା। କେନ୍ଦ୍ର ରାଜ୍ୟ ସରକାରଙ୍କ ସମ୍ପର୍କକୁ ନେଇ ୧୯୮୩ ମସିହାରେ ଗଠିତ ସରକାରିଆ କମିଶନ ଓ ୨୦୦୯ ର ଜାତୀୟ କମିଶନ ସହଯୋଗ ଭିତ୍ତିକ ସଂଘୀୟ ବ୍ୟବସ୍ଥା ପାଇଁ ସୁପାରିଶ କରି ଆସିଛନ୍ତି।

ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ପ୍ରଥମ ଥର ୧୯୭୫ ମସିହାରେ ହେଲା। ସମ୍ବିଧାନର ଅନୁଚ୍ଛେଦ ୩୫୨ ଅନୁଯାୟୀ ବହିରାଷ୍ଟ୍ର ଆକ୍ରମଣ ଆଭ୍ୟନ୍ତରିଣ ଗୁରୁତର ଶାନ୍ତି ଭଙ୍ଗ ଅଥବା ସଶସ୍ତ୍ର ବିଦ୍ରୋହ ସ୍ଥିତି ହେଲେ ହିଁ କେନ୍ଦ୍ର ମନ୍ତ୍ରୀ ପରିଷଦ ସୁପାରିଶ ଜଣେ ରାଷ୍ଟ୍ରପତିଙ୍କ ଦ୍ୱାରା ଜରୁରି ପରିସ୍ଥିତି ଘୋଷଣା କରାଯାଇଥାଏ। ୧୯୭୫ ମସିହାର ଏଭଳି କୌଣସି ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଶ୍ରୀମତୀ ଗାନ୍ଧୀ କ୍ଷମତାରେ ରହିବା ପାଇଁ ଏହି ଅନୁଚ୍ଛେଦର ଦୁରୁପଯୋଗ କରି ଗଣତାନ୍ତ୍ରିକ ଇତିହାସରେ ଏକ କଳା ଅଧ୍ୟାୟ ସୃଷ୍ଟି କଲେ। ୧୯୭୫-୧୯୭୭ ପର୍ଯ୍ୟନ୍ତ ଏହା ବଳବତ୍ତର ରହିଲା।

ସମ୍ବିଧାନ ପ୍ରଣେତ ମାନେ ଅନୁଚ୍ଛେଦ ୩୫୨ର ଦୁରୁପଯୋଗ ସମ୍ପର୍କ କରେ ବିଶେଷ ଆଲୋଚନା କରିନଥିଲେ। ଦେଶ ବିଭାଜନ ସାମ୍ପ୍ରଦାୟିକ ଦଙ୍ଗା ଦେଶରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି କରିଥିଲା। ଅନୁଚ୍ଛେଦ ୩୫୨ର ଆଲୋଚନା ବେଳେ ଡ ବି ଆର ଆମ୍ବେଦକର ଏହାକୁ ଏକ ମୃତ ଅକ୍ଷର ସମୂହ ବୋଲି ମତ ବ୍ୟକ୍ତ କରିଥିଲେ। ସମ୍ବିଧାନ ପ୍ରଣେତା ମାନଙ୍କ ଭବିଷ୍ୟତ ଶାସକଙ୍କ ଉପରେ ଅତୁଟ ବିଶ୍ୱାସ ଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଏକ ଉତ୍ତରଦାୟୀ ସରକାର ସମ୍ବିଧାନ ଆଳ ନେଇ ଏକ ଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବା ବିରଳ। ଜରୁରି ପରିସ୍ଥିତି ଘୋଷଣା ପରେ ସମ୍ବିଧାନ ପ୍ରଦର ସାଧାରଣ ନାଗରିକ ମୌଳିକ ଅଧିକାର ହରାଇ ବସିଲେ, ପ୍ରେସ ସ୍ୱାଧୀନତା ଅପହରଣ ହେଲା ବିନା ବିଚାରରେ ଲକ୍ଷ୍ୟାଧିକ ଲୋକଙ୍କୁ କାରାଗାରରେ ବନ୍ଦୀ କରାଗଲା। ବାକ୍ ସ୍ୱାଧୀନତା ହରାଇଥିବା ଜୀବନ ବନ୍ଦୀ ଜୀବନ ସାଙ୍ଗରେ ସମାନ। ସମଗ୍ର ଦେଶ ଜେଲ ଥାନାରେ ପରିଣିତ ହେଲା। ସଭା ସମିତି ମାନ କରିବାରେ ଅଙ୍କୁଶ ଲାଗିଲା। ୧୯୭୫ ମସିହାରେ ଜରୁରୀ ପରିସ୍ଥିତି ଘୋଷଣା ଅଭୁତପୂର୍ବ ଥିଲା। ଏହି ଘୋଷଣା ଫଳରେ ଅନୁଚ୍ଛେଦ ୩୫୯ରେ ସମ୍ବିଧାନ ପ୍ରଦର ମୌଳିକ ଅଧିକାର ପ୍ରତ୍ୟାହୃତ ଓ ପ୍ରେସ ସ୍ୱାଧୀନତା ଅପହୃତ ହେଲା। ସର୍ବୋଦୟ ନେତା ଜୟ ପ୍ରକାଶ ନାରାୟଣଙ୍କ ଠାରୁ ଆରମ୍ଭ କରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ସମେତ ଅଟଳ ବିହାରୀ ବାଜପେୟୀ, ଯାର୍ଯ ଫର୍ଣାଡିସ, ଲାଲକୃଷ୍ଣ ଆଡଭାନୀ, ମଧୁ ଦଣ୍ଡବତେ ଭଳି ବହୁ ରାଜନେତା ବିଭିନ୍ନ ଛାତ୍ର ଓ ଶ୍ରମିକ ମାନଙ୍କ ସଂଗଠନ ନେତୃବୃନ୍ଦ ଜରୁରି ପରିସ୍ଥିତିକୁ ପ୍ରତିବାଦ କରୁଥିବା ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କୁ ବିନା ବିଚାରରେ କାରାଗୃହରେ ଅଟକ ବନ୍ଦୀ ଭାବେ ରଖାଗଲା। ମିଶା, ଡି ଆଉ ଆର ଆଇନ ଦୁରୁପଯୋଗ କରି ରାଜନୈତିକ ଦୃଷ୍ଟିରୁ ଅନାଧୁନିଆ ଗିରଫ କରାଗଲା। ବିଡମ୍ବନା ଏହିକି ଯେଉଁ ସଂଗ୍ରାମୀମାନେ ବ୍ରିଟିଶ୍ ଶାସନ ବିରୋଧ ଆନ୍ଦୋଳନରେ ଦେଶ ସ୍ୱାଧୀନତା ପାଇଁ ସର୍ବସ୍ୱ ସମର୍ମପଣ କରି ଦେଶବାସୀଙ୍କୁ ଆନ୍ଦୋଳନରେ ସ୍ୱାଧୀନତାର ସ୍ୱାଦ ଚଖାଇଥିଲେ ସେହିମାନଙ୍କୁ ସ୍ୱାଧୀନ ଭାରତବର୍ଷରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଏକ ଛତ୍ରବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଜେଲ ରେ ବନ୍ଦୀ ଜୀବନ କଟାଇବାକୁ ପଡ଼ିଲା। ସାଧାରଣ ଲୋକଙ୍କ ଉପରେ ହୋଇଥିବା ଅତ୍ୟାଚାରର କହାଣୀ ବେଶଲମ୍ବା। ୧୯ ମାସରେ ଜରୁରୀ ପରିସ୍ଥିତି ସ୍ୱାଧୀନ ଭାରତର ଗଣତନ୍ତ୍ରରେ କଳା ଅଧ୍ୟାୟ ହୋଇ ରହିଲା।

୧୯୭୭ ମସିହାର ସାଧାରଣ ନିର୍ବାଚନରେ ଏହି ଜନମତ ପ୍ରତିଫଳିତ ହେଲା। ସ୍ୱେଚ୍ଛାଚାରୀ ଅଗଣତାନ୍ତ୍ରୀକ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମେତ ବହୁ କଂଗ୍ରେସ ନେତ୍ର ବୃନ୍ଦ ତାଙ୍କ ନିଜ ଆସନ ରେ ମଧ୍ୟ ଜିତି ପାରିଲେ ନାହିଁ। ସାଧାରଣ ଲୋକେ କଂଗ୍ରେସ ଦଳକୁ କ୍ଷମତାରୁ ବିତାଡିତ କରି ଲୋକ ଶକ୍ତିର ବିଜୟ ଆଣିଦେଲେ। ଭାରତୀୟ ଗଣତନ୍ତ୍ର ପରୀକ୍ଷାର ସମ୍ମୁଖନୀୟ ହୋଇ ଅଧିକ ସୁଦୃଢ଼ ହେଲା। ୧୯୭୮ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନ ଫଳରେ ଜରୁରୀ ପରିସ୍ଥିତି ଘୋଷଣାର ଅଙ୍କୁଶ ଲାଗିଲା ଓ ଲୋକଶକ୍ତିର ବିଜୟ ହେଲା।

ଜରୁରୀ ପରିସ୍ଥିତିର ସମୟରେ କାରାବରଣ କରିଥିବା ସଂଗ୍ରାମୀମାନଙ୍କୁ ଭାରତବର୍ଷର ଅନ୍ୟ ରାଜ୍ୟ ମାନଙ୍କରେ ଲୋକତନ୍ତ୍ରର ସୁରକ୍ଷା ପାଇଁ କାରାବରଣ କରିଥିବା ସଂଗ୍ରାମୀମାନଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଉଛି। ଜରୁରି ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଅବସରରେ ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ସରକାର ଲୋକତନ୍ତ୍ର ସେନାନୀମାନଙ୍କୁ ମାସିକ ସମ୍ମାନନିଧି ପ୍ରଦାନ ସହ ସଂଗ୍ରାମୀମାନଙ୍କ ବିଶେଷ ସମ୍ମାନିତ କରିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ଏହା ପ୍ରୋତ୍ସାହନ ଜୋଗାଇବ। ଜରୁରି ପରିସ୍ଥିତିର କଳା ଅଧ୍ୟାୟର ଭବିଷ୍ୟତ ଶାସକମାନଙ୍କ ପାଇଁ ଏକ ସତର୍କ ଘଂଟୀ। ଲୋକତନ୍ତ୍ରେ ଲୋକମତ ହିଁ କ୍ଷମତାର ଆଧାର।

**ପୂର୍ବତନ ମନ୍ତ୍ରୀ, ଓଡ଼ିଶା**

## ଘୋଷଣାର ମାତ୍ର ଅଢ଼େଇ ଘଣ୍ଟା ପରେ ଭାଙ୍ଗିଗଲା ଯୁଦ୍ଧବିରତି

# ଇସ୍ରାଏଲ ଉପରେ ଇରାନର ମିସାଇଲ ମାଡ଼

**ତେହେରାନ, ୨୪।୬:** ସେପଟେ ଯୁଦ୍ଧବିରତିକୁ ସହମତି, ଏପଟେ ପୁଣି ଆଟାକ। ଘୋଷଣାର ମାତ୍ର ଅଢ଼େଇ ଘଣ୍ଟା ପରେ ଭାଙ୍ଗିଗଲା ଯୁଦ୍ଧବିରତି। ତେଲଅଭିଭ ଅଭିମୁଖେ ଇରାନ ମିସାଇଲ ମାଡ଼ିଆସୁଛି ବୋଲି ଇସ୍ରାଏଲ ଚେତାବନୀ ଦେବା ସହ କାଉଣ୍ଟର ଆଟାକ ପାଇଁ ମଧ ନିର୍ଦ୍ଦେଶ ଦେଇଛି। ତେହରାନ ଲଗାତର ମିସାଇଲ ମାଡ଼ କରି ସିଜଫାୟାର ଉଲ୍ଲଂଘନ କରିଥିବା କହିଛ ଆଇଡିଏଫ। ଫଳରେ ଇରାନକୁ କଡ଼ା ଜବାବ ଦେବାକୁ ନିଜ ସଶସ୍ତ୍ର ସେନାକୁ ନିର୍ଦ୍ଦେଶ ଦେଇଛନ୍ତି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ। ପୁଣି ଇସ୍ରାଏଲ ଉପରେ ମିସାଇଲ୍ ମାଡ କଲା ଇରାନ। ଯୁଦ୍ଧ ବିରତି ପରେ ବି ଇସ୍ରାଏଲ ଉପରେ ଇରାନ କଲା ବଡ ହମଲା। ୧ ଘଣ୍ଟା ଭିତରେ ତିନି ତିନି ଥର ବଡ ଆକ୍ରମଣ କରିଛି ଇରାନ୍। ଭୋର୍ ୪ଟା ବେଳେ ଆକ୍ରମଣ କରିଥିବା ସୂଚନା। ତେବେ ଇରାନର ମିସାଇଲ୍ ମାଡରେ ୬ ଜଣ ଇସ୍ରାଏଲ ନାଗରିକଙ୍କ ମୃତ୍ୟୁ ହୋଇଛି ହୋଲି ସୂଚନା ମିଳିଛି।

ସେପଟେ ଇରାନ-ଇସ୍ରାଏଲ ମଧରେ ଆମେରିକା ଯୁଦ୍ଧ ବନ୍ଦ କରିଥିବା କୁହାଯାଉଥିବା ବେଳେ ଇରାନ ପୁଣି ଥରେ ଇସ୍ରାଏଲ ଉପରେ ଆକ୍ରମଣ କରି କେଉଁ ବାର୍ତ୍ତା ଦେଲା ତାହା ଏବେ ସ୍ପଷ୍ଟ ବୁଝି ହେଉଛି। ଇରାନ୍ ଇସ୍ରାଏଲକୁ ଶେଷ ମୁହୂର୍ତ୍ତ ଯାଏଁ ଲଢେଇ କରିବାର କ୍ଷମତା ରଖିଛି ବୋଲି ସଂକେତ ଦେବା ସହ ଆମେରିକାକୁ ମଧ୍ଯ ଚେତେଇଦେଲା କି ଚାପରେ ଇରାନ କେବେ ମୁଣ୍ଡ ନୁଆଁଇବନି ବୋଲି।

ଇସ୍ରାଏଲ ଉପରେ ଆକ୍ରମଣ କରି ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି- ଶେଷ ମୁହୂର୍ତ୍ତ ଯାଏଁ ଆମେ ହମଲା କରିବୁ। ଆମର ଶକ୍ତିଶାଳୀ ସେନାବାହିନୀ ଶେଷ ସମୟ ଯାଏଁ ଇସ୍ରାଏଲକୁ ଦଣ୍ଡ ଦେଇଚାଲିଥିବେ। ଇରାନବାସୀଙ୍କ ସମେତ ସେନାକୁ ଧନ୍ୟବାଦ ଦେଇଛନ୍ତି ଆବାସ୍। କହିଛନ୍ତି ଜୀବନର ଶେଷ ରକ୍ତ ବୁନ୍ଦା ଯାଏଁ ସେମାନେ ଦେଶର ରକ୍ଷା କରିବାକୁ ଲଢେଇ କରିଛନ୍ତି। ତେବେ ଯୁଦ୍ଧରେ ବିରାମ ପରେ ଇରାନର ପୁନଶ୍ଚ ଆକ୍ରମଣ କଣ ସୂଚନା ଦେଉଛି। ଟ୍ରମ୍ପଙ୍କ ଏହି ଘୋଷଣାକୁ ଇରାନ ଖାତିର କରୁନି କି ନା ପୁଣି ଘନେଇବ ଯୁଦ୍ଧ ଆଶଙ୍କା। ଯେମିତି ଚାଲିଥିଲା ସେମିତି ଚାଲିବ କି ଯୁଦ୍ଧ।



## ଇସ୍ରାଏଲର ପାଲଟା ଆକ୍ରମଣ

ତେହେରାନ, ୨୪।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି ଘୋଷଣା ସତ୍ତ୍ୱେ ଇସ୍ରାଏଲ ଓ ଇରାନ ମଧରେ ସଂଘର୍ଷ ଜାରି ରହିଛି। ଆଜି ଇରାନ ପକ୍ଷରୁ ଇସ୍ରାଏଲ ଉପରେ ପୁଣି ଥରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା, ଏହାର ଜବାବରେ ଇସ୍ରାଏଲ ମଧ ଇରାନ ଉପରେ ଆକ୍ରମଣ କରିଛି । ଇରାନୀ ଗଣମାଧମ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ତେହେରାନର ଉତ୍ତର ଭାଗରେ ଦୁଇଟି ବଡ଼ ବିସ୍ଫୋରଣ ଶୁଣାଯାଇଥିଲା। ଏଥିରୁ ସ୍ପଷ୍ଟ ହୋଇଯାଇଛି ଯେ ଟ୍ରମ୍ପ୍ ଯୁଦ୍ଧବିରତି ଘୋଷଣା କରିବା ପରେ ମଧ ଇସ୍ରାଏଲ୍ ଇରାନ ଉପରେ ଆକ୍ରମଣ ବନ୍ଦ କରିନାହିଁ। ଇସ୍ରାଏଲର ଏହି ପଦକ୍ଷେପ ଯୁଦ୍ଧବିରତି ପ୍ରୟାସକୁ ନଷ୍ଟ କରିବାର ଆଶଙ୍କା ଦେଖାଦେଇଛି। ଇସ୍ରାଏଲ୍ ଆର୍ମି ରେଡିଓ ସୂଚନା ଦେଇଛି ଯେ ଇସ୍ରାଏଲ୍ ବାୟୁସେନା ତେହେରାନ ନିକଟରେ ଏକ ରାଡାର ଉପରେ ଆକ୍ରମଣ କରିଛି। ଇରାନୀ ଗଣମାଧମ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ତେହେରାନର ଉତ୍ତର ଭାଗରେ ଦୁଇଟି ବଡ଼ ବିସ୍ଫୋରଣ ଶୁଣାଯାଇଥିଲା। ଏଥିରୁ ସ୍ପଷ୍ଟ ହୋଇଯାଇଛି ଯେ ଟ୍ରମ୍ପ୍ ଯୁଦ୍ଧବିରତି ଘୋଷଣା କରିବା ପରେ ମଧ ଇସ୍ରାଏଲ୍ ଇରାନ ଉପରେ ଆକ୍ରମଣ ବନ୍ଦ କରିନାହିଁ।

ସେପଟେ ଆରବ ଦେଶମାନେ ଉଭୟ ଦେଶଙ୍କୁ ଯୁଦ୍ଧବିରତି ପାଳନ କରିବାକୁ ଅନୁରୋଧ କରିଛନ୍ତି, ଯେତେବେଳେ ଟ୍ରମ୍ପ୍ ଇସ୍ରାଏଲର ଆକ୍ରମଣାତ୍ମକ ଆଭିମୁଖ୍ୟ ଉପରେ ନିରାଶା ମଧ ପ୍ରକାଶ କରିଛନ୍ତି। ଇସ୍ରାଏଲର ଏହି ଆକ୍ରମଣ ପୁଣି ଥରେ ଯୁଦ୍ଧକୁ ତ୍ୱରାନ୍ୱିତ କରିପାରେ। ଇସ୍ରାଏଲ ଉପରେ କ୍ଷୁବଧ ଟ୍ରମ୍ପ କହିଥିଲେ, "ଉଭୟ ପରସ୍ପର ଉପରେ ଏତେ ବୋମା ପକାଇଥିଲେ ଯାହା ମୁଁ ପୂର୍ବରୁ କେବେ ଦେଖିନାହିଁ। ମୁଁ ଇସ୍ରାଏଲ ସହିତ ଖୁସି ନୁହେଁ, କିନ୍ତୁ ମୁଁ ପ୍ରକୃତରେ ଦୁଃଖିତ। ଇସ୍ରାଏଲକୁ ସମାଲୋଚନା କରି ଟ୍ରମ୍ପ୍ କହିଛନ୍ତି ଯେ ଇସ୍ରାଏଲ୍ ଏବଂ ଇରାନ ଜାଣିନାହାଁନ୍ତି ଯେ ସେମାନେ କ'ଣ କରୁଛନ୍ତି।



## ଜୁନ୍ ୨୫ରେ ଲଞ୍ଚ ହେବ ଆକ୍ସିଅମ୍-୪ ମିସନ୍

**ମୁମ୍ବାଇ ୨୪।୬:** ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କ ମହାକାଶ ଯାତ୍ରା ଏବେ ଜୁନ୍ ୨୫ ତାରିଖରେ ଆରମ୍ଭ ହେବ। ଏନେଇ ନାସା ମଙ୍ଗଳବାର ଏହି ସୂଚନା ଦେଇଛି। ଏହି ମିଶନ ବୁଧବାର ଦିନ ୧୨:୦୧ ସମୟରେ ଫ୍ଲୋରିଡାର ନାସାର କେନେଡି ସ୍ପେସ୍ ସେଣ୍ଟରରୁ ସ୍ପେସ୍ଏକ୍ସର ଫାଲକନ୍ ୯ ରକେଟ୍‌ରେ ଉତକ୍ଷେପଣ କରାଯିବ। ଶୁଭାଂଶୁ ଶୁକ୍ଳା ଏହି ମିଶନରେ ପାଇଲଟ୍ ଭୂମିକାରେ ଅଛନ୍ତି। ଆକ୍ସିଅମ୍-୪ ମିଶନ୍ ଭାରତ ସହିତ ହଙ୍ଗେରୀ ଏବଂ ପୋଲାଣ୍ଡ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହେବାକୁ ଯାଉଛି। ଏହାକୁ ଏହି ଦେଶ ଗୁଡ଼ିକର ମହାକାଶକୁ ଫେରିବାର ପ୍ରତୀକ ଭାବରେ ମଧ ବିବେଚନା କରାଯାଉଛି। ନାସାର ବିବୃତ୍ତି ଅନୁଯାୟୀ, ନାସା ଆକ୍ସିଅମ୍ ସ୍ପେସ୍ ଏବଂ ସ୍ପେସ୍ଏକ୍ସ ସେମାନଙ୍କର ଚତୁର୍ଥ ଘରୋଇ ମହାକାଶଚାରୀ ମିଶନ୍ ଆନ୍ତଃରାଷ୍ଟ୍ରୀୟ ମହାକାଶ ଷ୍ଟେସନ (ଆଇଏସଏସ) କୁ ଉତକ୍ଷେପଣ କରିବାକୁ ଯାଉଛନ୍ତି। ପ୍ରକୃତରେ ଆକ୍ସିଅମ୍ ମିଶନ୍ ୪ ମହାକାଶ ଯାତ୍ରା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ। ଏହା ଭାରତ ପାଇଁ ଗର୍ବର ବିଷୟ ଯେ ଶୁଭାଂଶୁ ଶୁକ୍ଳା ଏହି ମିଶନରେ ପାଇଲଟ୍ ଭୂମିକାରେ ଅଛନ୍ତି। ଆକ୍ସିଅମ୍-୪ ବାଣିଜ୍ୟିକ ମିଶନ୍ କମାଣ୍ଡର ପେଗି ହ୍ୱିଟସନ୍ଙ୍କ ନେତୃତ୍ୱରେ ଚାଲିଛି। ମିଶନର ବିଶେଷଜ୍ଞ ଦଳରେ ହଙ୍ଗେରୀର ଟିବୋର କାପୁ ଏବଂ ପୋଲାଣ୍ଡର ସ୍ଲାଭୋଜ ଉଜନାସ୍କି -ୱିସନିଓ୍ୱସ୍କି ଅଛନ୍ତି। ଏହି ମିଶନ ବିଜ୍ଞାନ ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ମିଶନ ଫ୍ଲୋରିଡାର ନାସାର କେନେଡି ସ୍ପେସ୍ ସେଣ୍ଟରରେ ଲଞ୍ଚ କମ୍ପ୍ଲେକ୍ସ ୩୯ଏରୁ ଉତକ୍ଷେପଣ କରାଯିବ।

## ଫେକ୍ ଆଇଡିରେ ଦେଉଥିଲେ ବୋମା ଧମକ, ଗିରଫ ହେଲେ ଯୁବତୀ



**ଅହମ୍ମଦାବାଦ, ୨୪।୬:** ପ୍ରେମରେ ଅସଫଳ ହେବା ପରେ ପ୍ରେମିକଙ୍କଠାରୁ ପ୍ରତିଶୋଧ ନେବା ପାଇଁ ଜଣେ ଯୁବତୀ ଏକ ଅଭିନବ ଉପାୟ ଆପଣେଇଥିବା ବେଳେ ଏବେ ଧରାପଡ଼ିଛନ୍ତି। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରୁ ନେଇ ୧୨ଟି ରାଜ୍ୟର ବିଭିନ୍ନ ସ୍ଥାନରେ ବୋମା ଧମକ ମିଳୁଥିବା ବେଳେ ସେ ସବୁ ଧମକ ଉକ୍ତ ଯୁବତୀ ଜଣକ ଦେଉଥିଲେ ବୋଲି ଜାଣିବାକୁ ମିଳିଛି। ହେଲେ ସେ ନିଜ ନାମରେ ନୁହେଁ ବରଂ ତାଙ୍କ ପ୍ରେମିକଙ୍କ ନାମରେ ମେଲ୍ ଆଇଡି ଖୋଲି ଏହି ଧମକ ଦେଉଥିଲେ ବୋଲି ଜାଣିବାକୁ ମିଳିଛି। ମହିଳା ଇଞ୍ଜିନିୟର ଜଣକ ଜଣେ ପୁରୁଷଙ୍କୁ ବଦନାମ କରିବା ପାଇଁ ଏପରି କରୁଥିବା ଜାଣିବାକୁ ମିଳିଛି। ଯାହା ପରେ ତାଙ୍କୁ ଗିରଫ କରାଯାଇଛି। ଯୁବତୀ ଜଣକ ଜଣେ ପୁରୁଷଙ୍କୁ ଏକତରଫା ପ୍ରେମ କରୁଥିଲେ। ମାତ୍ର ପୁରୁଷ ଜଣ ଗତ ଫେବ୍ରୁଆରିରେ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିବା ପରେ ପ୍ରତିଶୋଧ ପରାୟଣା ହୋଇଗଲେ ଯୁବତୀ ଜଣକ। ଅଭିଯୁକ୍ତା ରେନେ ଜୋଶିଲଦା ପ୍ରେମିକଙ୍କଠାରୁ ପ୍ରତିଶୋଧ ନେବା ପାଇଁ ତାଙ୍କୁ ଫସାଇବା ବିଷୟରେ ଚିନ୍ତା କଲେ। ତା'ପରେ ତାଙ୍କ ନାମରେ ମେଲ୍ ଖୋଲି ବିଭିନ୍ନ ସ୍ଥାନକୁ ବୋମା ଧମକ ପଠାଇଲେ।

ପୁଲିସର କହିବା ଅନୁଯାୟୀ, ସେ ତାଙ୍କର ପରିଚୟ ଏବଂ ସ୍ଥାନ ଲୁଚାଇବା ପାଇଁ ନକଲି ଇମେଲ୍ ଆଇଡି, ଭର୍ଚୁଆଲ୍ ପ୍ରାଇଭେଟ୍ ନେଟୱାର୍କ (ଭିପିଏନ୍) ଏବଂ ଡାର୍କ ୱେବ୍ ବ୍ୟବହାର କରିଥିଲେ। ଜଣେ ଅଧିକାରୀ ସୋମବାର କହିଛନ୍ତି ତାଙ୍କୁ ଅହମ୍ମଦାବାଦ ସାଇବର ଅପରାଧ ଦ୍ୱାରା ଗିରଫ କରାଯାଇଛି। ଯୁଗ୍ମ ପୁଲିସ କମିଶନର (ଅପରାଧ) ଶରଦ ସିଂଘଲ ସୋମବାର କହିଛନ୍ତି ଯେ ଜୋଶିଲଦା ଭିନ୍ନ ଭିନ୍ନ ଇମେଲ୍ ଆଇଡି ତିଆରି କରିଥିଲେ, ଯାହା ମଧରୁ କିଛି ଦିଭି

### ଲଣ୍ଡନରୁ ମୁମ୍ବାଇ ଆସୁଥିଲା ଏୟାର ଇଣ୍ଡିଆ ବିମାନ

## ମଝି ଆକାଶରେ ଅସୁସ୍ଥ ହେଲେ ୧୧




**ମୁମ୍ବାଇ, ୨୪।୬:** ପୁଣି ସମସ୍ୟାରେ ଏୟାର ଇଣ୍ଡିଆ ବିମାନ। ବିମାନ ଯାତ୍ରା ବେଳେ ମଝି ଆକାଶରେ ଯାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଲଣ୍ଡନରୁ ମୁମ୍ବାଇ ଆସୁଥିବା ବିମାନରେ ୧୧ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ୬ ଜଣ କ୍ରୁ ମେମ୍ବରଙ୍କ ସମେତ ୧୧ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ମୁଣ୍ଡ ବୁଲାଇବା ସହ ବିମାନ ଭିତରେ ବାନ୍ତିକଲେ ଯାତ୍ରୀ। ତେବେ ଫୁଡ ପଏଜିଂ ପାଇଁ ଏମାନେ ଅସୁସ୍ଥ ହୋଇଥିବା ଆଶଙ୍କା କରାଯାଉଛି। ଏୟାର ଇଣ୍ଡିଆ ଏକ ବିବୃତ୍ତିରେ କହିଛି ଯେ, ୧୧ ଜଣଙ୍କ ମଧ୍ୟରୁ ଦୁଇଜଣ ଯାତ୍ରୀ ଏବଂ ଦୁଇ ଜଣ କ୍ରୁ ସଦସ୍ୟ ପ୍ରଥମେ ଅସୁସ୍ଥତା ଅନୁଭବ କରୁଥିଲେ। ଏମାନଙ୍କୁ ପ୍ରଥମେ ମେଡିକାଲ ରୁମକୁ ନିଆଯାଇଥିଲା। ଏହାପରେ ଅନ୍ୟମାନେ ଅସୁସ୍ଥ ହୋଇପଡ଼ିଲେ। ବିମାନ ଚଳାଚଳ କମ୍ପାନୀ କହିଛି ଯେ, ବିମାନ ସୁରକ୍ଷିତ ଭାବେ ମୁମ୍ବାଇରେ ଅବତରଣ କରିଛି। ଏହାପରେ ଏୟାର ଇଣ୍ଡିଆର ମେଡିକାଲ ଟିମ ସଙ୍ଗେ ସଙ୍ଗେ ଚିକିତ୍ସା ସହାୟତା ପ୍ରଦାନ କରିବା ଲାଗି ପ୍ରସ୍ତୁତ ଥିଲା। ଏହି ଘଟଣା ବିଷୟରେ ଏୟାର ଇଣ୍ଡିଆ ବିମାନ ସୁରକ୍ଷା ନିୟାମକ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳକୁ ରିପୋର୍ଟ କରିଛି।

ସୂଚନାଯୋଗ୍ୟ, ଜୟପୁରରୁ ଦୁବାଇ ଯିବା ପାଇଁ ଏୟାର ଇଣ୍ଡିଆ ଏକ୍ସପ୍ରେସ ପ୍ଲେନରେ ଯାତ୍ରୀ ବୋର୍ଡିଂ ହେବା ପରେ ଟାକ୍ସି ୱେ ପର୍ଯ୍ୟନ୍ତ ଚାଲିଯାଇଥିଲା। ଏହାପରେ ପାଇଲଟ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ବିମାନରେ ଯାତ୍ରୀ ୪ ଘଣ୍ଟା ବସିବା ପରେ ମଧ ବିମାନଟି ଠିକ୍ ହୋଇପାରିନଥିଲା। ଫଳରେ ବିମାନ ଉଡ଼ାଣକୁ ବାତିଲ କରାଯାଇଥିଲା। ଏହାସହିତ ଯାତ୍ରୀଙ୍କୁ ଆଗାମୀ ଦିନରେ ଟିକେଟ କରାଇବା କିମ୍ବା ରିଫଣ୍ଡ ବିକଳ୍ପ ଦିଆଯାଇଥିଲା। ଜୁନ୍ ୧୨ ତାରିଖରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ହୋଇଥିଲା। ଏଥିରେ ଥିବା ୨୪୧ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ବିମାନ ପଡିଥିବା ସ୍ଥାନରେ ୨୯ ଲୋକଙ୍କ ଜୀବନ ଚାଲିଯାଇଥିଲା। ଏହା ପୂର୍ବରୁ ଗୁରୁବାର ଦିନ ଏୟାର ଇଣ୍ଡିଆ ୩ଟି ଅର୍ନ୍ତରାଷ୍ଟ୍ରୀୟ ରୁଟର ଉଡ଼ାଣକୁ ବାତିଲ କରିଛି। ଜୁନ୍ ୨୧ରୁ ଜୁଲାଇ ୧୫ ଯାଏଁ ଏହି ୩ଟି ରୁଟର ଉଡ଼ାଣ ସେବା ବନ୍ଦ ରହିବ ବୋଲି କହିଛି।

## ମଧ୍ୟପ୍ରାଚ୍ୟକୁ ସମସ୍ତ ବିମାନ ଉଡାଣ ବନ୍ଦ କଲା ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ ୨୪।୬:** ଇରାନ-ଆମେରିକା ଯୁଦ୍ଧ ସ୍ଥିତିକୁ ନେଇ ଏୟାର ଇଣ୍ଡିଆ ଏହାର ସମସ୍ତ ଉଡ଼ାଣକୁ ବାତିଲ କରିଛି। ଇରାନ ଦୋହାରେ ଥିବା ଆମେରିକୀୟ ବାୟୁସେନା ଘାଟି ଉପରେ ମିସାଇଲ୍ ଆକ୍ରମଣ କରିବାର କିଛି ଘଣ୍ଟା ପରେ, ଏୟାର ଇଣ୍ଡିଆ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଉପସାଗରୀୟ ଅଞ୍ଚଳରେ ଏହାର ସମସ୍ତ ଉଡ଼ାଣ ବାତିଲ କରିଛି। ଏହା ପୂର୍ବରୁ କୋଚିନରୁ କତାରରେ ନିର୍ଦ୍ଧାରିତ ଏକ ଉଡ଼ାଣକୁ ବାତିଲ କରିଥିଲା। ଆଞ୍ଚଳିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ, ମଧ୍ୟପ୍ରାଚ୍ୟ, ଉତ୍ତର ଆମେରିକାର ପୂର୍ବ ତଟ ଏବଂ ୟୁରୋପର କିଛି ଅଞ୍ଚଳକୁ ବିମାନ ଉଡାଣ ସେବା ସ୍ଥଗିତ ରଖିଛି। ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ଆମର ଅନ୍ୟ କୌଣସି ବିମାନ କତାରକୁ ଯିବ ନାହିଁ। ସମ୍ପୂର୍ଣ୍ଣ ପରିସ୍ଥିତି ଉପରେ ନଜର ରଖାଯାଇଛି। ଜଣେ ମୁଖପାତ୍ର କହିଛନ୍ତି, ଯାତ୍ରୀ ଏବଂ ଏୟାରଲାଇନ୍ସର ସମସ୍ତ କ୍ରୁ ମେମ୍ବରଙ୍କ ସୁରକ୍ଷାକୁ ଆମେ ପ୍ରାଥମିକତା ଦେଉଛୁ। ଆମର ଅତିଥି ଏବଂ କ୍ରୁଙ୍କ ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବୁ ବୋଲି କହିଛନ୍ତି।

ମଧ୍ୟପ୍ରାଚ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ୟ ବିମାନ କମ୍ପାନୀ ମଧ ସେମାନଙ୍କର ଉଡ଼ାଣକୁ ବାତିଲ, ଡାଇଭର୍ଟ କିମ୍ବା ସେମାନଙ୍କର ମୂଳ ବିମାନବନ୍ଦରକୁ ଫେରାଇ ଆଣିଛନ୍ତି। ସେହିପରି ଇଣ୍ଡିଗୋ ମଧ ବିମାନ ଉଡାଣ ସେବା ସ୍ଥଗିତ ରଖିଛି। ମଧ୍ୟପ୍ରାଚ୍ୟ ସହର ଯେପରିକି ଦୁବାଇ, ଦୋହା, ଆବୁଧାବି, ଜେଦ୍ଦାହ ଏବଂ ଅନ୍ୟାନ୍ୟ ସହରକୁ ଏବଂ ସେଠାରୁ ବିମାନ ଉଡାଣ ସେବା ବନ୍ଦ ରଖିଛି। ଆଜି ସକାଳ ୧୦ଟା ପର୍ଯ୍ୟନ୍ତ ବିମାନ ଉଡାଣ ସେବା ସ୍ଥଗିତ ରଖାଯାଇଛି। ସୁରକ୍ଷା ସୁନିଶ୍ଚିତ କରିବା ପରେ ଧିରେ ଧିରେ ବିମାନ ଉଡାଣ କରାଯିବ ବୋଲି ଇଣ୍ଡିଗୋ କହିଛି। ସେହିପରି ଦୁବାଇର ଏମିରେଟ୍ସ ମଧ ଆଡଭାଇଜରି ଜାରି କରିଛି।

### ବୋଲବମ ଯାତ୍ରା ପାଇଁ ଦିଲ୍ଲୀ ସରକାରଙ୍କ ଘୋଷଣା

## କ୍ୟାମ୍ପକୁ ଦିଆଯିବ ମାଗଣା ବିଜୁଳି କମିଟିଙ୍କୁ ସିଧା ମିଳିବ ଟଙ୍କା



**ନୂଆଦିଲ୍ଲୀ, ୨୪।୬:** ବୋଲବମ ଯାତ୍ରାକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ବଡ଼ ଘୋଷଣା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ସରକାର ବୋଲବମ କମିଟିଙ୍କୁ ବିନା କୌଣସି ଟେଣ୍ଡର ପ୍ରକ୍ରିୟାରେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫରରେ ଟଙ୍କା ପଠାଇବେ। ଏହାଦ୍ୱାରା ଦୁର୍ନୀତି କମ୍ ହେବ। ରେଖା ଗୁପ୍ତା କହିଛନ୍ତି ଶ୍ରାବଣ ମାସରେ ବୋଲବମ୍ ଯାତ୍ରା ଏକ ବଡ଼ ଧାର୍ମିକ ଉତ୍ସବ। ଏଥିପାଇଁ ପୂରା କ୍ୟାବିନେଟ ଐତିହାସିକ ନିଷ୍ପତ୍ତି ନେଇଛି। ପୂର୍ବ ସରକାର ଏହାକୁବି ଦୁର୍ନୀତି ଆଡ୍ଡା କରିଥିଲା। ବୋଲବମ ଆୟୋଜନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା। କିନ୍ତୁ ଜନତାଙ୍କ ପାଖକୁ କିଛି ପହଞ୍ଚୁନଥିଲା। ରେଖା ଗୁପ୍ତା କହିଛନ୍ତି ଏବେ ସିଧାସଳଖ ବୋଲବମ କମିଟିଙ୍କୁ ହାରାହାରି ୫୦ ହଜାର ଟଙ୍କା ଏବଂ ଅଧିକାଂଶ ୧୦ ଲକ୍ଷ ଟଙ୍କା ଦିଆଯିବ। ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଦ୍ୱାରା ପୂରା ଅର୍ଥ ପଠାଯିବ। ରେଜିଷ୍ଟ୍ରେସନ ପ୍ରକ୍ରିୟାକୁ ସୁଲଭ କରାଯିବ। ଏଥିପାଇଁ ଜୁଲାଇ ୩୦ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏହି ଯୋଜନାର ନାଁ ରହିଛି 'ମୁଖ୍ୟମନ୍ତ୍ରୀ ଧାର୍ମିକ ଉତ୍ସବ' ।ମୁଖ୍ୟମନ୍ତ୍ରୀ କହିଛନ୍ତି କପିଲ ମିଶ୍ରାଙ୍କ ସହ ଚାରି ବିଧାୟକ ରହିବେ। ସେମାନେ ସବୁ ତଦାରଖ କରିବେ। ରେଖା ଗୁପ୍ତା ବୋଲବମ କ୍ୟାମ୍ପକୁ ମାଗଣା ବିଜୁଳି ଦିଆଯିବା ନେଇ ଘୋଷଣା ମଧ କରିଛନ୍ତି। ସରକାର ୧୨୦୦ ୟୁନିଟ ଖର୍ଚ୍ଚ ସରକାର ବହନ କରିବେ। ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଯାହାର ନିରୀକ୍ଷଣ ପୂରା ଦାୟିତ୍ୱ ଏସଡିଏମଙ୍କ ରହିବ। ସେ ଜିଓ ଟ୍ୟାଗିଂ କରିବେ।

## ଇରାନରୁ ଫେରିଲେଣି ୨୨୯୫ ଭାରତୀୟ



**ନୂଆଦିଲ୍ଲୀ, ୨୪।୬:** ଯୁଦ୍ଧ ଭୂମିରୁ ଜୀବନ ନେଇ ଫେରିଲେ ଭାରତୀତ। ନିଜ ଦେଶରେ ପହଞ୍ଚିବା ପରେ ଶାନ୍ତିରେ ନିଃଶ୍ୱାସ ମାରିଲେ ଆଉ ତ୍ରିରଙ୍ଗା ଲହରାଇ ଗର୍ବର ସହ କହିଲେ ଆମେ ଭାରତୀୟ। ହଁ ଆଜ୍ଞା, ଇରାନ-ଇସ୍ରାଏଲ ଯୁଦ୍ଧ ଭିତରେ ଫସିଥିବା ଭାରତୀୟ ଯେତେବେଳେ ନିଜ ମାଟିକୁ ଫେରି ଆସିଛନ୍ତି ସେତେବେଳେ କିଛି ଏମିତି ଦୃଶ୍ୟ ଦେଖିବାକୁ ମିଳିଛି। ଏମିତି ଲାଗୁଛି ସତେ କି ସେମାନେ ନୂଆ ଜୀବନ ଫେରି ପାଇଲେ। ନୁହେଁ ବା କେମିତି- ଯୁଦ୍ଧ ଭୂମିରେ ରହି ଜୀବନକୁ ସୁରକ୍ଷିତ କରିବା ମୁସ୍କିଲ ଆଉ ଏପରି ସ୍ଥଳରେ ଦେବଦୂତ ସାଜୁଛି ଅପରେସନ୍ ସିନ୍ଧୁ। ଇରାନ-ଇସ୍ରାଏଲ ଯୁଦ୍ଧ ଭିତରେ ଫସିଥିବା ଭାରତୀୟଙ୍କ ପାଇଁ ନୂଆ ଆଶା ପାଲଟିଛି ଏହି ଅପରେସନ ସିନ୍ଧୁ। ଯୁଦ୍ଧ ଭୂମିରୁ ଫେରୁଛି ଜୀବନ। ଅପରେସନ ସିନ୍ଧୁ ଜରିଆରେ ଇରାନରୁ ସ୍ୱଦେଶ ଫେରୁଛନ୍ତି ଭାରତୀୟ। ସୋମବାର ୨୯୨ଜଣ ଭାରତୀୟଙ୍କୁ ଇରାନରୁ ସୁରକ୍ଷିତ ଭାବେ ଦିଲ୍ଲୀରେ ପହଞ୍ଚିଛନ୍ତି। ସ୍ୱତନ୍ତ୍ର ବିମାରେ ସେମାନେ ସ୍ୱଦେଶ ଫେରିବା ପରେ ଶାନ୍ତିରେ ନିଶ୍ୱାସ ନେଇଛନ୍ତି। ବିମାନ ବନ୍ଦରରେ ପହଞ୍ଚିବା ପରେ କିଏ ଭାରତ ମାତା କି ଜୟ କହୁଛି ତ ଆଉ କିଏ ମାଟିକୁ ମୁଣ୍ଡିଆ ମାରୁଥିବା ଦେଖିବାକୁ ମିଳିଛି। ୨୯୨ ଜଣଙ୍କ ମଧରୁ ୧୯୦ଜଣ କାଶ୍ମୀରର ହୋଇଥିବା ଜଣାପଡ଼ିଛି। ଦିଲ୍ଲୀ, ହରିୟାଣା ଓ କର୍ଣ୍ଣାଟକର ମଧ ଅନେକ ଲୋକ ଅଛନ୍ତି।

### ଅପରେସନ୍ ସିନ୍ଧୁ

ଏହା ପୂର୍ବରୁ ୧୯ ତାରିଖରେ ୧୧୦ଜଣଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଅଣାଯାଇଥିଲା। ତେବେ ଇରାନରୁ ମୋଟ ୨୨୯୫ ଜଣ ଭାରତୀୟ ସ୍ୱଦେଶ ଫେରିଲେଣି। ସେହିପରି ୧୬୧ ଜଣଙ୍କୁ ନେଇ ଇସ୍ରାଏଲରୁ ମଧ୍ଯ ଏକ ସ୍ୱତନ୍ତ୍ର ବିମାନ ଦିଲ୍ଲୀରେ ପହଞ୍ଚିଛି। ଇସ୍ରାଏଲରେ ଫସିଥିବା ଭାରତୀୟ ନାଗରିକ ନିଜ ମାଟିକୁ ଫେରିବା ପରେ ଭଗବାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଇସ୍ରାଏଲରୁ ଫେରିଥିବା ଭାରତୀୟ ନାଗରିକ ଅରବିନ୍ଦ ଶୁକ୍ଳା କୁହନ୍ତି, ମୁଁ ମୁଁ ଗତ ବର୍ଷ ସେପ୍ଟେମ୍ବରରେ ସେଠାକୁ ଯାଇଥିଲି। ସେଠାରେ ଏବେ ପରିସ୍ଥିତି ଭାଲ ନାହିଁ। ଆମେ ଆମ ମୁଣ୍ଡ ଉପରେ କ୍ଷେପଣାସ୍ତ୍ର ଯାଉଥିବାର ଦେଖିଛୁ। ସେଠାରେ ପ୍ରତି ମୁହୂର୍ତ୍ତ ଭୟଙ୍କର। ଆମେ ହଷ୍ଟେଲରେ ରହୁ, ସାରା ରାତି ସାଇରନ ଶୁଣୁ। ଭୟ ଲାଗେ, ମିସାଇଲ୍ ମାଡ ହେବା ପୂର୍ବରୁ ଆମେ ବଙ୍କରକୁ ଦୌଡ଼ି ପଳାଉ।

# କିବ୍ ଅଞ୍ଚଳରେ ରୁଷ୍‌ର ଜୋର୍‌ଦାର ଆକ୍ରମଣ: ୮ ମୃତ

**କିବ୍, ୨୪।୬:** କିବ୍ ଓ ଏହାର ଆଖପାଖ ଅଞ୍ଚଳରେ ରୁଷୀୟ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ରେ ଗତ ରାତିରେ ୮ ଜଣଙ୍କ ମୃତ୍ୟୁ ହେବା ସହ ବହୁ ଲୋକ ଆହତ ହୋଇଛନ୍ତି। ରୁଷ୍ ଆକ୍ରମଣରେ ଆବାସିକ ଅଞ୍ଚଳରେ ନିଆଁ ଲାଗିଯିବାରୁ ରାତି ଆକାଶ ଆଲୋକିତ ହୋଇ ଉଠିଥିଲା। ମେଟ୍ରୋ ଷ୍ଟେସନ୍ ବୋମା ଆଶ୍ରୟସ୍ଥଳର ପ୍ରବେଶପଥ ମଧ୍ୟ ନଷ୍ଟ ହୋଇ ଯାଇଥିଲା ବୋଲି ୟୁକ୍ରେନ୍ ଅଧିକାରୀମାନେ ସୋମବାର କହିଛନ୍ତି।
ଆମେରିକା ଦୂତାବାସଠାରୁ ମାତ୍ର ଏକ କିଲୋମିଟର ଦୂର କିବ୍‌ର ବ୍ୟସ୍ତବହୁଳ ଶେଭଚେନକିଭସ୍କି ଜିଲ୍ଲାର ଏକ ଆପାର୍ଟମେଣ୍ଟ ବ୍ଲକ୍‌ର ଭଗ୍ନାବଶେଷରୁ ଉଦ୍ଧାରକାରୀମାନେ ମୃତଦେହଗୁଡ଼ିକ ବାହାର କରିଥିଲେ। ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜିଲ୍ଲାରେ ଅତି କମ୍‌ରେ ୭ ଜଣଙ୍କର ମୃତ୍ୟୁ ଘଟିଛି। କିବ୍‌ର ସହର ଉପକଣ୍ଠ ଅଞ୍ଚଳରେ ଜଣେ ୬୮ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟୂନ ୮ ଜଣ ଆହତ ହୋଇଛନ୍ତି। ଜରୁରିକାଳୀନ ସେବା କହିଛି ଯେ କିବ୍ ଉପରେ ହୋଇଥିବା ଆକ୍ରମଣରେ ୪ ଜଣ ଶିଶୁଙ୍କ ସମେତ ଅତି କମ୍‌ରେ ୩୪ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ବାୟୁସେନା କହିଛି ଯେ ୟୁକ୍ରେନ୍‌ର ୪ଟି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ରୁଷିଆ ଦ୍ୱାରା ପ୍ରକ୍ଷେପିତ ୩୫୨ଟି ଡ୍ରୋନ୍ ମଧ୍ୟରୁ ୩୩୯ଟି ଓ ୧୬ଟି କ୍ଷେପଣାସ୍ତ୍ର ମଧ୍ୟରୁ ୧୫ଟିକୁ ଖସାଇ ଦିଆଯାଇଛି।



ଯୁଦ୍ଧର ଅନ୍ତ ଘଟାଇବା ପାଇଁ ହୋଇଥିବା ଆଲୋଚନାରେ କିଛି ସୁଫଳ ମିଳି ନ ଥିବାରୁ ମସ୍କୋ ନିକଟ ସପ୍ତାହରେ କିବ୍ ଓ ୟୁକ୍ରେନ୍‌ର ଅନ୍ୟାନ୍ୟ ସହର ଉପରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣକୁ ଜୋରଦାର କରିଛି। ଆଭ୍ୟନ୍ତରୀଣ ମନ୍ତ୍ରୀ ଇହୋର କ୍ଲିମେନକୋ କହିଛନ୍ତି ଯେ ରାତିରେ ହୋଇଥିବା ଆକ୍ରମଣରେ ସହରର ୧୦ଟି ଜିଲ୍ଲା ମଧ୍ୟରୁ ୬ଟି ଜିଲ୍ଲାରେ କ୍ଷୟକ୍ଷତି ହୋଇଥିବା ବେଳେ ବହୁଲୋକ ଏବେ ବି କୋଠା ତଳେ ଚାପି ହୋଇ ରହିଥାଇପାରନ୍ତି। ଗତ ସପ୍ତାହରେ ରୁଷ୍ କିବ୍ ଉପରେ ସବୁଠାରୁ ଭୟଙ୍କର ଆକ୍ରମଣ କରିଥିଲା, ଯେତେବେଳେ ଶହ ଶହ ଡ୍ରୋନ୍‌ରେ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୫୦ରୁ ଅଧିକ ଲୋକ ଆହତ ହୋଇଥିଲେ।



## ପ୍ରଥମ ଟେଷ୍ଟ: ଫେଲ୍ ମାରିଲେ ବୋଲର୍, ୫ ୱିକେଟ୍‌ରେ ହାରିଲା ଭାରତ

# ଇଂଲଣ୍ଡକୁ ସିରିଜ୍ ଅଗ୍ରଣୀ ଦେଲେ ଡକେଟ୍

ଲିଡ୍ସ,୨୪।୬: ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ସିରିଜ୍‌ରେ ଭାରତ ୦-୧ରେ ପଛୁଆ ରହିଛି। କାରଣ ଆଜି ଏଠାରେ ଶେଷ ହୋଇଥିବା ସିରିଜ୍‌ର ପ୍ରଥମ ଟେଷ୍ଟ୍‌ରେ ଦଳ ଘରୋଇ ଦଳଠାରୁ ୫ ୱିକେଟ୍‌ରେ ପରାସ୍ତ ହୋଇଛି। ଦ୍ୱିତୀୟ ଇନିଂସରେ ଇଂଲଣ୍ଡକୁ ୩୭୧ ରନ୍‌ର ଟାର୍ଗେଟ୍ ଦେଇଥିବା ଭାରତର ବୋଲର୍‌ମାନେ ନିରାଶ କରିବା ଫଳରେ ଘରୋଇ ଦଳ ୫ ୱିକେଟ୍ ହରାଇ ୩୭୩ ରନ୍ କରି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ଓପନର ବେନ୍ ଡକେଟ୍ ଦ୍ୱିତୀୟ ଇନିଂସରେ ୧୪୯ ରନ୍‌ର ଦମ୍‌ଦାର ଇନିଂସ ଖେଳି ଦଳର ବିଜୟରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି। ତେଣୁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଗତକାଲି ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ବିନା କୌଣସି କ୍ଷତିରେ ୨୧ ରନ୍ କରିଥିଲା। ଦୁଇ ଓପନର ଡକେଟ୍ ଓ ଜ୍ୟାକ୍ କ୍ରଲି ସେମାନଙ୍କ ବ୍ୟାଟିଂ ଆଜି ସକାଳେ ଆରମ୍ଭ କରି ଉତ୍ତମ ବୁଝାମଣା ପୂର୍ବକ ଇନିଂସକୁ ଆଗକୁ ବଢ଼ାଇନେଇଥିଲେ। ଉଭୟ ୧୮୮ ରନ୍‌ର ବଳିଷ୍ଠ ଭାଗୀଦାରୀ କରି ଭାରତୀୟ ବୋଲରଙ୍କ ଅବସ୍ଥା ଢିଲା କରିଦେଇଥିଲେ। ଭାରତୀୟ ବୋଲର୍‌ମାନେ ୱିକେଟ୍ ପାଇଁ ସଂଘର୍ଷ କରିଥିଲେ।

ଇତିମଧ୍ୟରେ ଉଭୟ ଓପନର ସେମାନଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ପରେ ପ୍ରଥମ ଇନିଂସରେ ୬୪ ରନ୍ କରିଥିବା ଡକେଟ୍ ତାଙ୍କର ଶତକ ବି ହାସଲ କରିଥିଲେ। ତେବେ କ୍ରଲି ୬୫ ରନ୍ କରି ଆଉଟ୍ ହେବା ପରେ ଭାରତକୁ ପ୍ରଥମ ସଫଳତା ମିଳିଥିଲା। ପରେ ଓଲି ପୋପ୍ ଶସ୍ତାରେ ଆଉଟ୍ ହୋଇଥିଲେ ମଧ୍ୟ ଡକେଟ୍ ଗୋଟିଏ ପଟେ ଦୃଢ଼ ଭାବେ ବ୍ୟାଟିଂ ଜାରି ରଖିଥିଲେ। ତାଙ୍କ ସହ ଯୋଗଦେଇ ଜୋ ରୁଟ୍ ୫୩ ରନ୍ କରିଥିଲେ। ଡକେଟ୍ ୧୪୯ ରନ୍‌ରେ ଆଉଟ୍ ହେବା ପୂର୍ବରୁ ୨୨ଟି ଚୌକା ଓ ଗୋଟିଏ ଛକା ମାରିସାରିଥିଲେ। ଡକେଟ୍ ଆଉଟ୍ ହେବା ପରେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଜେମି ସ୍ମିଥ୍ ଷଷ୍ଠ ୱିକେଟ୍‌ରେ ଅବିଭାଜିତ ୭୧ ରନ୍ ଯୋଡ଼ି ଦଳକୁ ବିଜୟୀ କରାଇଥିଲେ। ଷ୍ଟୋକ୍ସ ୩୩ ଓ ସ୍ମିଥ୍ ୪୪ ରନ୍ କରିଥିବା ବେଳେ ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଲ୍ ଠାକୁର ୨ଟି ଲେଖାଏଁ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ୱିକେଟ୍ ନେଇଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୨ରୁ ବର୍ମିଂହାମ୍‌ଠାରେ ଖେଳାଯିବ।

## ପ୍ରଣତି ଓ ସାତ୍ତ୍ୱିକଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ




ଭୁବନେଶ୍ୱର,୨୪।୬ (ସଂଚାର ବ୍ୟୁରୋ): ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନସିପ୍-୨୦୨୫ରେ ବ୍ରୋଞ୍ଜ୍ ପଦକ ଜିତିଥିବା କ୍ରୀଡ଼ାବିତ୍ ପ୍ରଣତି ନାୟକ ଓ ୩୮ତମ ୯ ବର୍ଷରୁ କମ୍ ଜାତୀୟ ଚେସ୍ ଚାମ୍ପିଅନସିପ୍‌ରେ ସଫଳତା ଅର୍ଜନ କରିଥିବା ସାତ୍ତ୍ୱିକ ସ୍ୱାଇଁଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି। ପ୍ରଣତିଙ୍କୁ ୭୫ ହଜାର ଓ ସାତ୍ତ୍ୱିକଙ୍କୁ ୩୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଭୟ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଆଗାମୀ ଦିନରେ ବି ସେମାନେ ନିଜ ନିଜର ବିଜୟ ଯାତ୍ରା ଜାରି ରଖିବା ପାଇଁ ମନ୍ତ୍ରୀ ଆଶା କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ଉପସ୍ଥିତ ଥିଲେ।

## ପ୍ୟାରୀଙ୍କ ୫ ଗୋଲ୍: ଭାରତ ୧୩-୦ରେ ଜିତିଲା

### ଏଏଫ୍‌ସି ଏସୀୟ କପ୍ କ୍ୱାଲିଫାୟର୍ସ



ଭୁବନେଶ୍ୱର, ୨୪।୬ (ସଂଚାର ବ୍ୟୁରୋ): ଥାଇଲାଣ୍ଡରେ ଚାଲିଥିବା ଏଏଫ୍‌ସି ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଭାରତ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଆ ଝିଅ ପ୍ୟାରୀ ଖାଖାଙ୍କ ଚମତ୍କାର ପ୍ରଦର୍ଶନ ବଳରେ ସୋମବାର ମଙ୍ଗୋଲିଆ ବିପକ୍ଷ ନିଜର ପ୍ରଥମ ମ୍ୟାଚ୍‌ରେ ଭାରତ ୧୩-୦ ଗୋଲ୍‌ରେ ବିଜୟୀ ହୋଇଛି। ଚିଆଙ୍ଗ ମାଇ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସଙ୍ଗୀତା ବାସଫୋର୍ (୮ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୨୦ତମ ମିନିଟ୍‌ରେ ସୌମ୍ୟା ଗୁଗୁଲୋଥଙ୍କ ଗୋଲ୍ ଭାରତକୁ ୨-୦ରେ ଆଗୁଆ କରିଥିଲା। ଏହାପରେ ପ୍ୟାରୀଙ୍କ ରାଜ୍ ଚାଲିଥିଲା। ସେ ଲଗାତାର ୫ ଗୋଲ୍ ଦେଇ ଅଗ୍ରଣୀକୁ ୭-୦ କରିଦେଇଥିଲେ। ପ୍ୟାରୀ ୨୯, ୪୫, ୪୬, ୫୨, ୫୫ ମିନିଟ୍‌ରେ ଏହି ୫ ଗୋଲ୍ କରିଥିଲେ। ଗୁଗୁଲୋଥ (୫୯ ମିନିଟ୍) ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ କରିଥିଲା ବେଳେ ପ୍ରିୟଦର୍ଶିନୀ ସେଲାଦୁରାଇ (୭୩, ୮୬ ମିନିଟ୍) ଦୁଇଟି ଏବଂ ରିମ୍ପା ହାଲ୍‌ଦାର୍ (୬୭ ମିନିଟ୍), ମାଳବିକା ପି (୭୧ ମିନିଟ୍) ଓ ଗ୍ରେସ ଡାଙ୍ଗମେଇ (୭୫ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ଭାରତର ଏକପାଖିଆ ବିଜୟରେ ନିଜ ନିଜ ଅବଦାନ ରଖିଥିଲେ। ଏଥିସହ ଭାରତୀୟ ଦଳ ୪ ମାସ ପରେ ପ୍ରଥମ ବିଜୟ ହାସଲ କରିଛି। ବିଶ୍ୱର ୭୦ ନମ୍ବର ଭାରତ ପରବର୍ତ୍ତୀ ମ୍ୟାଚ୍ ୨୯ ତାରିଖରେ ଟିମରଲିଷ୍ଟ (୧୫୮ ମାନ୍ୟତା) ବିପକ୍ଷରେ ଖେଳିବ।

# ଦୁଇ ଜାତୀୟ ରେକର୍ଡ, କିଟ୍ ଛାତ୍ରୀ ମିତାପଲ୍ଲୀଙ୍କୁ ସ୍ୱର୍ଣ୍ଣ

### ଜାତୀୟ ଜଳକ୍ରୀଡ଼ା






ଭୁବନେଶ୍ୱର, ୨୪।୬ (ସଂଚାର ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ସନ୍ତରଣାଗାରଠାରେ ଚାଲିଥିବା ୭୮ତମ ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ଦିନରେ ଓଡ଼ିଶାର ହାତ ଖାଲି ରହିଥିଲା ବେଳେ ଦୁଇଟି ଜାତୀୟ ରେକର୍ଡ ଦେଖିବାକୁ ମିଳିଛି। ଓଡ଼ିଶାର କେବଳ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୩୫.୦୪ ସେକେଣ୍ଡ) ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଯୋଗ୍ୟତା ପର୍ଯ୍ୟାୟରେ ସପ୍ତମ ସ୍ଥାନରେ ରହି ଫାଇନାଲ୍‌ରେ ପ୍ରବେଶ କରିଥିଲେ। ଫାଇନାଲ୍‌ରେ ଦିବ୍ୟଙ୍କା (୩୪.୯୧ ସେକେଣ୍ଡ) ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ତେବେ ମନ୍ନତା ମିଶ୍ର (୩୫.୧୮ ସେକେଣ୍ଡ) ଦଶମ ସ୍ଥାନରେ ରହି ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ପଢ଼ୁଥିବା ତେଲେଙ୍ଗାନାର ମିତାପଲ୍ଲୀ ଋତ୍ୱିକା (୩୩.୯୮) ସ୍ୱର୍ଣ୍ଣ, ଆର୍‌ଏସ୍‌ପିବିର ହର୍ଷିତା ଜୟରାମ (୩୪.୨୧) ରୌପ୍ୟ ଏବଂ ପଞ୍ଜାବର ଅବନୀ ଛାବ୍ରା (୩୪.୫୧) କାଂସ୍ୟ ଜିତିଥିଲେ। ସ୍ୱର୍ଣ୍ଣ ପଦକ ବିଜୟ ପାଇଁ ମିତାପଲ୍ଲୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ୍‌ରେ ପ୍ରତ୍ୟାଶା ରାୟ (୨:୧୨.୬୫), ପୁରୁଷ ୨୦୦ ମିଡ୍‌ଲେରେ ନବୀନ ଶର୍ମା (୨:୨୦.୦୧), ୫୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ସାଇ ସ୍ୱରୂପ ସ୍ୱାଇଁ (୩୩.୫୧) ଏବଂ ୫୦ ମିଟର ଫ୍ରିଷ୍ଟାଇଲ୍‌ରେ ଜଗଜିତ ପ୍ରଧାନ (୨୫.୪୦) ଯୋଗ୍ୟତା ପର୍ଯ୍ୟାୟ ବାଧା ଅତିକ୍ରମ କରି ପାରି ନଥିଲେ। କର୍ଣ୍ଣାଟକର ଧୀନିଧୀ ଦେସିଙ୍ଗୁ ମହିଳା ୨୦୦ ଫ୍ରିଷ୍ଟାଇଲ୍‌ରେ ଏବଂ ଶୋଆନ ଗାଙ୍ଗୁଲି ପୁରୁଷ ୨୦୦ ମିଡ୍‌ଲେରେ ନୂଆ ଜାତୀୟ ରେକର୍ଡ କରିଥିଲେ। ଧୀନିଧୀ (୨:୦୨.୯୭) ନିଜ ନାମରେ ଥିବା ପୂର୍ବ ରେକର୍ଡ ୨:୦.୨୪ ସେକେଣ୍ଡକୁ ଭାଙ୍ଗି ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲେ। ଦିଲ୍ଲୀର ଭବ୍ୟ ସଚଦେବ (୨:୦୭.୪୫) ଓ ମହାରାଷ୍ଟ୍ରର ଅଦିତି ସତୀଶ ହେଗ୍‌ଡ଼େ (୨:୦୭.୫୫) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପାଇଥିଲେ। ଶୋଆନ (୨:୦୪.୩୪) ଶିବ ଏସ୍ (୨:୦୫.୬୪)ଙ୍କ ନାମରେ ଥିବା ଜାତୀୟ ରେକର୍ଡକୁ ଟପି ସ୍ୱର୍ଣ୍ଣ ଜିତିଥିଲେ। ଏସ୍‌ଏସ୍‌ସିବିର ବିନାୟକ ବିଜୟ ଶଙ୍କର (୨:୦୫.୩୪) ରୌପ୍ୟ ଏବଂ କର୍ଣ୍ଣାଟକର ଶିବ ଶ୍ରୀଧର (୨:୦୫.୭୫) କାଂସ୍ୟ ଜିତିଥିଲେ।

# କିମ୍ବଦନ୍ତୀ ସ୍ପିନର୍ ଦିଲୀପ ଦୋଶୀଙ୍କ ପରଲୋକ



ଲଣ୍ଡନ୍, ୨୪।୬: ମହାନ କ୍ରିକେଟର୍ ଦିଲୀପ ଦୋଶୀଙ୍କର ସୋମବାର ରାତିରେ ୭୭ ବର୍ଷ ବୟସରେ ପରଲୋକ ଘଟିଛି। ହୃଦ୍‌ଘାତରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିବା ଜଣାପଡ଼ିଛି। ୧୯୭୯ରୁ ୧୯୮୩ ମସିହା ପର୍ଯ୍ୟନ୍ତ ଭାରତର ପ୍ରତିନିଧିତ୍ୱ କରିଥିବା ଏହି ବାମହାତୀ ସ୍ପିନର୍ ୩୩ ଟେଷ୍ଟ୍ ଓ ୧୫ ଦିନିକିଆ ଖେଳିଥିଲେ। ଘରୋଇ କ୍ରିକେଟ୍‌ରେ ସେ ସୌରାଷ୍ଟ୍ର ପାଇଁ ଖେଳିଥିଲେ। ନିଜ ଦକ୍ଷତା, ସଙ୍କଳ୍ପ ତଥା ଅସାଧାରଣ ପ୍ରତିଭା ପାଇଁ ସେ ବିଶ୍ୱ କ୍ରିକେଟ୍‌ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ନିକଟରେ ସେ ବିସିସିଆଇ ପୁରସ୍କାର ପ୍ରଦାନ ଉତ୍ସବ ଏବଂ ଲର୍ଡସରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ୍ ଚାମ୍ପିୟନସିପ୍ ଫାଇନାଲ୍ ବେଳେ ମଧ ଉପସ୍ଥିତ ଥିଲେ। ୩୩ ଟେଷ୍ଟରୁ ୧୧୪ ୱିକେଟ୍ ଏବଂ ୧୫ ଦିନିକିଆରୁ ସେ ୨୨ ୱିକେଟ୍ ଅକ୍ତିଆର କରିଥିଲେ। ୧୯୮୧ ମସିହାର ମେଲବର୍ଣ୍ଣ ଟେଷ୍ଟ୍‌ରେ ସେ ନେଇଥିବା ୫ ୱିକେଟ୍ ସଫଳତାକୁ ଶ୍ରେଷ୍ଠ ବିବେଚନା କରିଥାନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ କିନ୍ତୁ ସେ ୨୩୮ ମ୍ୟାଚ୍‌ରୁ ୪୩ ଥର ୫ ୱିକେଟ୍ ସହିତ ମୋଟ ୮୯୮ ୱିକେଟ୍ ଅକ୍ତିଆର କରିବା ତାଙ୍କ କ୍ରିକେଟ୍ ଯାତ୍ରାକୁ ପ୍ରତିଫଳିତ କରୁଛି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ସେ ସୌରାଷ୍ଟ୍ର, ବେଙ୍ଗଲ, ନଟିଂହାମସାୟାର, ୱାରୱିକ୍‌ସାୟାର ପାଇଁ ଖେଳିଥିଲେ। ଦିଲୀପ ଦୋଶୀଙ୍କ ପରଲୋକ ଖବର ପାଇ ଭାରତୀୟ କ୍ରିକେଟ୍ ଦୁନିଆ ଶୋକରେ ମ୍ରିୟମାଣ ହୋଇଯାଇଛି। ପୂର୍ବତନ ବିସିସିଆଇ ସଭାପତି ନିରଂଜନ ସାହା, ସୌରାଷ୍ଟ୍ର କ୍ରିକେଟ୍ ସଂଘ ସଭାପତି ଜୟଦେବ ସାହାଙ୍କ ସହ ବହୁ ପୂର୍ବତନ କ୍ରିକେଟର୍ ଶୋକ ପ୍ରକାଶ କରିଛନ୍ତି।

# ଜାତୀୟ ମିନି ଗଲ୍‌ଫ ପାଇଁ ଓଡ଼ିଶା ଦଳର ନାଗପୁର ଯାତ୍ରା




ଭୁବନେଶ୍ୱର, ୨୪।୬ (ସଂଚାର ବ୍ୟୁରୋ): ଜୁନ୍ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ନାଗପୁରଠାରେ ଅନୁଷ୍ଠିତ ହେବାକୁଥିବା ଦଶମ ଜାତୀୟ ବରିଷ୍ଠ ମିନି ଗଲ୍ଫ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ପୁରୁଷ ଓ ମହିଳା ଦଳ ସେଠାକୁ ଯାତ୍ରା କରିଛି। ୫ ଜଣିଆ ପୁରୁଷ ଦଳର ଅଧିନାୟକ ଓ ପ୍ରଶିକ୍ଷକ ଭାବେ ବିକାଶ ଚନ୍ଦ୍ର ପଟ୍ଟନାୟକ ରହିଛନ୍ତି। ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦେବଜିତ ଖେଳାଳି ମନୋନୀତ ହୋଇଛନ୍ତି। ସେହିପରି ମହିଳା ଦଳର ନେତୃତ୍ୱ ସୌମ୍ୟାଶ୍ରୀ ରଥ ନେଉଥିବା ବେଳେ ପ୍ରଶିକ୍ଷକ ଭାବେ ଅଭୀପ୍ସା ପଣ୍ଡା ଓ ପ୍ରବଂଧକ ଭାବେ ଲତା ସମର୍ଥ୍ୟ ଦଳ ସହ ଯାତ୍ରା କରୁଛନ୍ତି। ମହିଳା ଦଳର ଅନ୍ୟ ଖେଳାଳିମାନେ ହେଲେ ଅନିକା ପଟ୍ଟନାୟକ, ଅଦିତି ପାଟିଲ, ରେଶମା ମାଝୀ ଓ ଆଇଶା ଘଟୁଆଳ। ବିଗତ ବର୍ଷ ଭଳି ଚଳିତ ଥର ମଧ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଓଡ଼ିଶା ମିନି ଗଲ୍ଫ ସଂଘର ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି। ବିଶିଷ୍ଟ ଫୁଟ୍‌ବଲ୍ ପ୍ରଶିକ୍ଷକ ଜୟଦେବ ମହାପାତ୍ର ଓ ସଂଘ ସଭାପତି ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସନଜିତ ପତି, ଯୁଗ୍ମସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ଟପ୍‌ସରେ ଅନିମେଷ, ଟ୍ୟାଗ୍‌ରେ ପ୍ରଣତି

ଭୁବନେଶ୍ୱର, ୨୪।୬ (ସଂଚାର ବ୍ୟୁରୋ): ଦେଶର ଦ୍ରୁତତମ ଧାବକ ତଥା ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ରିଲାଏନ୍ସ ଫାଉଣ୍ଡେସନ୍‌ର ଅନିମେଷ କୁଜୁରଙ୍କୁ ଟାର୍ଗେଟ୍ ଅଲିମ୍ପିକ୍ସ ପୋଡ଼ିୟମ୍ ସ୍କିମ୍ (ଟପ୍‌ସ)ରେ ସାମିଲ କରାଯାଇଛି। ସେହଭଳି ଓଡ଼ିଶା ଜିମ୍ନାଷ୍ଟ୍ ପ୍ରଣତି ନାୟକଙ୍କୁ ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟ୍ୟାଗ୍)ରେ ସାମିଲ କରିଛନ୍ତି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ। ଅନିମେଷଙ୍କ ସହ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜେତା ତେଜସ୍ୱିନ ଶଙ୍କରଙ୍କୁ ମଧ୍ୟ ଟପ୍‌ସରେ ସାମିଲ କରାଯାଇଛି। ପ୍ରାୟତଃ ଆମେରିକାରେ ରହୁଥିବା ୨୬ ବର୍ଷୀୟ ତେଜସ୍ୱିନ ପ୍ରଥମ ଭାରତୀୟ ଭାବେ ଏସୀୟ ଦୌଡ଼କୁଦରେ ଦୁଇ ଥର ଡେକାଥଲନ୍ ପଦକ ଜିତିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ବର୍ଷର ପୁରୁଣା...

ବି ଆଉଟସୋର୍ସିଂ ସଂସ୍ଥାକୁ ଦିଆଯାଉଛି। ଯାହା ଏକ ଅସୁସ୍ଥ ପରମ୍ପରା ତିଆରି କରୁଛି। ଏହା ସହ ଏଭଳି ନିଷ୍ପତ୍ତି ସରକାରୀ ଇଞ୍ଜିନିୟରମାନଙ୍କ କାର୍ଯ୍ୟ ଦକ୍ଷତା ଏବଂ ଅଭିଜ୍ଞତା ଉପରେ ପ୍ରଶ୍ନବାଚୀ ଛିଡା କରିଛି। ତେଣୁ ବିଗତ ୧୦ ବର୍ଷରେ କେଉଁ କେଉଁ ବିଭାଗ କେତେ ବେସରକାରୀ ସଂସ୍ଥାକୁ କେତେ ଟଙ୍କାର କାମ ଦେଇଛନ୍ତି, ମୁଖ୍ୟମନ୍ତ୍ରୀ ତା'ର ରିପୋର୍ଟ ମଧ୍ୟ ମାଗିଥିବା ଜଣାପଡିଛି।

ଗତ ମାସରେ ସରକାରୀ କଳରେ ଏହି ଭୁଲ୍ ଧରି ମୁଖ୍ୟ ସଚିବଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଗତ ୧୦ ବର୍ଷର ତଥ୍ୟ ମାଗିବା ସହ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି, କେଉଁ ଉପାୟ ଅବଲମ୍ବନ କଲେ ସରକାରଙ୍କ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ଏସବୁ କାର୍ଯ୍ୟ ପାଇଁ ସକ୍ଷମ ହୋଇପାରିବ। ଏବଂ ଆଉ କଣ ଆଧୁନିକ ଯନ୍ତ୍ରପାତି ଇଞ୍ଜିନିୟରିଂ ବିଭାଗକୁ ଆବଶ୍ୟକ। ସେ ନେଇ ଗଭୀର ସମୀକ୍ଷା କରି ରିପୋର୍ଟ ଦେବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବିଭିନ୍ନ ବିଭାଗକୁ ଏନେଇ ତଥ୍ୟ ବି ମଗାଯାଇଛି। ପୂର୍ତ୍ତ ମନ୍ତ୍ରୀ କହିଛନ୍ତି ଆମ ସରକାର ଆସିବା ପରେ ଇଞ୍ଜିନିୟରିଂ ବିଭାଗକୁ ସକ୍ଷମ କରିବାକୁ ତାଲିମ କାର୍ଯ୍ୟକ୍ରମ ସହ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପୂର୍ବରୁ ବିଭିନ୍ନ ଆଉଟସୋର୍ସିଂ ସଂସ୍ଥା ଏହାକୁ ଦଖଲ କରି ରଖିଥିଲେ।

ବିଶେଷ କରି ଜଳସଂପଦ, ପୂର୍ତ୍ତ, ପଞ୍ଚାୟତିରାଜ ଏବଂ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ନଗର ଉନ୍ନୟନ ବିଭାଗରେ ବର୍ଷ ବର୍ଷ ଧରି ଆଉଟସୋର୍ସିଂ ସଂସ୍ଥା ମାନେ ନିଜ ଦଖଲରେ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଧରପଗଡ ପରେ ଏହି ବ୍ୟବସ୍ଥାରେ କେମିତି ସୁଧାର ଆସି ପାରୁଛି ତା ଉପରେ ନଜର।

### ମୋହନଙ୍କୁ...

ସରକାରଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟର ଅନେକ ବିକାଶମୂଳକ ଯୋଜନା ସମ୍ପର୍କରେ ମଧ ଉଭୟଙ୍କ ମଧରେ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟପାଳଙ୍କୁ ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପ୍ରଦାନ କରିଛନ୍ତି ଏବଂ ସମୃଦ୍ଧ ଓଡିଶା ଗଠନ ପାଇଁ ସରକାରଙ୍କ ରୋଡମ୍ୟାପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି।

### ବର୍ଷକୁ ଲକ୍ଷେ...

୫୦ରୁ କମ ଏବଂ ୨୦୪୭ ସୁଦ୍ଧା ୫ରୁ କମକୁ ହ୍ରାସ କରିବାକୁ ବ୍ଲୁପ୍ରିଣ୍ଟ ହୋଇଛି। ମହିଳା ସାକ୍ଷରତା ହାର ବର୍ତ୍ତମାନ ୭୪ ଥିବା ବେଳେ ୨୦୩୬ ସୁଦ୍ଧା ଶତ ପ୍ରତିଶତ ମହିଳା ସାକ୍ଷରତା ଆଣାଯିବ। ଏବେ ରାଜ୍ୟର ୫୦ ପ୍ରତିଶତ ମହିଳା ମୋବାଇଲ ଫୋନ ନିଜ ପାଇଁ ବ୍ୟବହାର କରୁଥିବା ବେଳେ ୨୦୩୫ ସୁଦ୍ଧା ୮୫ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ମହିଳାମାନେ ମୋବାଇଲ ବ୍ୟବହାର ହାର ୯୫ ପ୍ରତିଶତରୁ ଅଧିକକୁ ବୃଦ୍ଧି କରାଯିବ। ରାଜ୍ୟରେ ଏବେ ଲକ୍ଷପତି ଦିଦିଙ୍କ ହାର ପ୍ରତି ଏକଲକ୍ଷରେ ୨.୭ ଥିବା ବେଳେ ୨୦୩୬ ବେଳକୁ ୩୬ ପ୍ରତିଶତ ଏବଂ ୨୦୪୭ ବେଳକୁ ୫୦ ପ୍ରତିଶତ ମହିଳାଙ୍କୁ ଲକ୍ଷପତି ଦିଦିରେ ପରିଣତ କରାଯିବ। ବଳିଷ୍ଠ ପଦକ୍ଷେପ ଜରିଆରେ ମହିଳାଙ୍କ ପ୍ରତି ହେଉଥିବା ଅପରାଧକୁ ମଧ କମାଯିବ। ଏବେ ପ୍ରତି ଏକ ଲକ୍ଷ ମହିଳାଙ୍କ ମଧରୁ ୧୦୩ଜଣ ଅପରାଧର ଶିକାର ହେଉଥିବା ବେଳେ ୨୦୩୬ ବେଳକୁ ଅପରାଧ ହାରକୁ ୨୦ ଏବଂ ୨୦୪୭ ବେଳକୁ ୫କୁ ହ୍ରାସ କରାଯିବ।

ପ୍ରାଥମିକ ଶିକ୍ଷାରେ ସେହିଭଳି ଏବେ ନାମଲେଖା ହାର ୯୭.୯ ଥିବା ବେଳେ ୨୦୩୬ ଓ ୨୦୪୭ ବେଳକୁ ଶତପ୍ରତିଶତ ନାମଲେଖା ହାର ହାସଲ କରାଯିବ। ଉଚ୍ଚମାଧ୍ୟମିକରେ ଡ୍ରପଆଉଟ ହାର ଏବେ ୭.୩ ପ୍ରତିଶତ ଥିବା ବେଳେ ୨୦୪୭ ସୁଦ୍ଧା ଡ୍ରପଆଉଟ ଶୂନ କରିବାକୁ ଲକ୍ଷ୍ୟ ରଖାଯାଇଛି। ମାଧମିକ ସ୍ତରରେ ସେହିଭଳି ଡ୍ରପଆଉଟ ୨୭.୩ ପ୍ରତିଶତ ଥିବା ବେଳେ ୨୦୩୬ ବେଳକୁ ୧୪ ଏବଂ ୨୦୪୭କୁ ୪ ପ୍ରତିଶତକୁ ଡ୍ରପଆଉଟ ହ୍ରାସ କରାଯିବ। ପ୍ରାଥମିକ ଓ ମାଧମିକ ସ୍ତରରେ ୨୦୪୭ ବେଳକୁ ସାକ୍ଷରତା ଶତ ପ୍ରତିଶତ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର। ଉଚ୍ଚଶିକ୍ଷାରେ ସେହିଭଳି ବିଶ୍ୱର ୫୦୦ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମଧରେ ସ୍ଥାନ ପାଇବ ଓଡିଶାର ଶିକ୍ଷାନୁଷ୍ଠାନ। ୨୦୩୬ ବେଳକୁ ରାଜ୍ୟର ପ୍ରତି ଜିଲ୍ଲାରେ ଗୋଟିଏ ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୭୫ ପ୍ରତିଶତ ସ୍ନାତକ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି କିମ୍ବା ଆତ୍ମନିଯୁକ୍ତି ସୁନିଶ୍ଚିତ କରାଯିବ। ରାଜ୍ୟର ସବୁ ସରକାରୀ ଅନୁଷ୍ଠାନକୁ ଏହି ସମୟ ମଧ ନାକ କିମ୍ବା ଏନବିଏ ମାନ୍ୟତା ପ୍ରଦାନ କରାଯିବ।

ଦକ୍ଷତା ବିକାଶରେ ମଧ ରାଜ୍ୟ ସରକାର ଏକ ଉଚ୍ଚାଭିଳାଷୀ ସ୍ୱପ୍ନ ଦେଖିଛନ୍ତି। ୨୦୩୬ ସୁଦ୍ଧା ବିଶ୍ୱ ଦକ୍ଷତା କେନ୍ଦ୍ରର ୭ଟି କ୍ୟାମ୍ପସ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରିବା ସହ ବାର୍ଷିକ ଏକ ଲକ୍ଷ ଛାତ୍ରଛାତ୍ରୀ ବିଦେଶରେ କିଭଳି ନିଯୁକ୍ତି ପାଇବେ ସେନେଇ ଯୋଜନା କରାଯାଇଛି। ବାର୍ଷିକ ୨.୫ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଦକ୍ଷତା ବିକାଶ ତାଲିମ ଦିଆଯିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସେହିଭଳି ରାଜ୍ୟର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିପର୍ଯ୍ୟୟ ନିରୋଧୀ ଭାବେ ରୂପାନ୍ତରିତ କରାଯିବ। ଶିଶୁ ମୃତ୍ୟୁହାରକୁ ବର୍ତ୍ତମାନର ୩୬ରୁ ୨୦୪୫ ସୁଦ୍ଧା ୨କୁ ହ୍ରାସ କରାଯିବ। ଏବେ ରାଜ୍ୟର ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ୨.୭ଟି ସରକାରୀ ଡାକ୍ତରଖାନା ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୩.୫ ଏବଂ ୨୦୪୭ ସୁଦ୍ଧା ୪କୁ ବୃଦ୍ଧି କରାଯିବ। ବର୍ତ୍ତମାନ ରାଜ୍ୟର ପ୍ରତି ହଜାରେ ଲୋକଙ୍କ ପାଇଁ ୦.୨ଜଣ ଡାକ୍ତର ଥିବା ବେଳେ ୨୦୪୭ ସୁଦ୍ଧା ଏହି ହାର ୧କୁ ବୃଦ୍ଧି କରାଯିବ। ସେହିଭଳି ରାଜ୍ୟରେ ବର୍ତ୍ତମାନ ଲୋକଙ୍କ ଆୟୁଷ ୭୦.୩ ବର୍ଷ ଥିବା ବେଳେ ୨୦୩୬ ବେଳକୁ ଏହାକୁ ୭୫ ଓ ୨୦୪୭ ବେଳକୁ ୮୦ ବର୍ଷକୁ ବୃଦ୍ଧି କରାଯିବ।

### ତିଆରି ହେବ...

ଖୁବଶୀଘ୍ର ସେଣ୍ଟ୍ରାଲ ପ୍ରୋଜେକ୍ଟ ମ୍ୟାନେଜ ୟୁନିଟ୍ (ସିପିଏମଓୟୁ) ସହ ବୈଷୟିକ ପରାମର୍ଶ ଲାଗି ବୁଝାମଣା ସ୍ୱାକ୍ଷର ହେବ। ହୀରାକୁଦର ବାମପାର୍ଶ୍ୱରେ ସ୍ପିଲୱେ ନିର୍ମାଣ ହେବ। ପୂର୍ବରୁ ଏକ ଉଚ୍ଚସ୍ତରୀୟ ଟିମ ହୀରାକୁଦର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସ୍ପିଲୱେ ନିର୍ମାଣ ପାଇଁ ୮୮୪ କୋଟି ଟଙ୍କା ଖର୍ଚ୍ଚ ହେବ। ହୀରାକୁଦର ଭୂତଳ ଜଳସ୍ତର ବୃଦ୍ଧି ପାଇଁ ମଧ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। କୌଣସି ସମ୍ଭାବ୍ୟ ଅଘଟଣକୁ ଏଡାଇବା ଲାଗି ଡ୍ୟାମରେ ଥିବା ଆଂଶିକ ଫାଟର ମରାମତି କରିବାକୁ ମଧ ନିଷ୍ପତ୍ତି ହୋଇଛି। ଏବେଠାରୁ ବିଶ୍ୱର ଏହି ଲମ୍ବା ବନ୍ଧକୁ ସୁରକ୍ଷିତ କରାନଗଲେ ଆଗକୁ ସ୍ଥିତି ଆହୁରି ଉତ୍କଟ ହେବାର ଆଶଙ୍କା ରହିଛି। ଫଳସ୍ୱରୂପ ଜଳ ଓ ବିଦ୍ୟୁତ ସଙ୍କଟ ଭଳି ସାଂଘାତିକ ସ୍ଥିତିର ସମ୍ମୁଖୀନ ହେବ ଓଡ଼ିଶା। ତେଣୁ ଏପରି ବିପଦ ସମ୍ଭାବନାକୁ ଦୂର କରିବା ସକାଶେ ସରକାର ତୁରନ୍ତ ପଦକ୍ଷେପ ସ୍ୱରୂପ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି।

### ମହାପ୍ରଭୁଙ୍କ...

ଏହାକୁ ଦୀଘା ପଠାଯାଇଥିବା କଥା ମିଛ। ସରକାର ଏହି ଛୋଟମୋଟ କଥାରେ ନ ମାତି ଶୃଙ୍ଖଳିତ ରଥଯାତ୍ରା ଅନୁଷ୍ଠିତ କରିବା ଦିଗରେ ଚିନ୍ତା କରନ୍ତୁ ବୋଲି ଜଗୁନି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀଜୀଉଙ୍କ ଲାଗି ଉଦ୍ଦେଶ୍ୟରେ ଆସିଥିବା ମୋଦକ ଚୋରିଥିବା ନେଇ ପ୍ରଭୁ ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର ଅଭିଯୋଗ କରିଥିଲେ। ରାଜବୈଦ୍ୟ ୩୧୩ଟି ଅମୁଣିଆ ମୋଦକ ବଡ଼ ଠାକୁରଙ୍କ ପାଇଁ ପ୍ରସ୍ତୁତ କରିଥିଲେ। ଏହାକୁ କମାଣ୍ଡରଙ୍କ ସୁରକ୍ଷାରେ ଶ୍ରୀମନ୍ଦିରକୁ ଅଣାଯାଇ ଗାରଦ ଘରେ ରଖାଯାଇଥିଲା। ହେଲେ ଲାଗି ହେବା ପୂର୍ବରୁ ଏଥିରୁ ୭୦ଟି ମୋଦକ କମ୍ ଥିଲା । ଯେହେତୁ ମୋଦକ ଚୋରି ହୋଇଥିଲା ତେଣୁ ବାକି ଥିବା ମୋଦକ ମାରା ହୋଇଯାଇଥିଲା ଏବଂ ଏହି ମାରା ମୋଦକ ଶ୍ରୀବିଗ୍ରହଙ୍କ ପାଖରେ ଲାଗି ହୋଇଥିଲା ବୋଲି ଅଭିଯୋଗ କରିଥିଲେ ବାଡ଼ଗ୍ରାହୀ । ଏହି ମୋଦକ ଚୋରି ଅଭିଯୋଗରେ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ କହିଥିଲେ, କିଛି ସେବାୟତ ବାହାଦୂରୀ ନେବା ପାଇଁ ଏଭଳି ବିଭ୍ରାନ୍ତିକର ଖବର ସୃଷ୍ଟି କରିଛନ୍ତି। ମୋଦକ ଚୋରି ହୋଇ ନଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିସାରିଛନ୍ତି । ମୋଦକ କେବେ ବି ଗଣାଯାଏ ନାହିଁ । ଯିଏବି ବାହାଦୁରୀ ନେବା ପାଇଁ ଏଭଳି କରିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

### ସୁରକ୍ଷା...

ଅଧିକ କଡାକଡି କରିବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କ ଗୁଡିକ ନିଜର ନିଜର ସେଣ୍ଟ୍ରାଲାଇଜ ଡାଟା ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ସହ ଅଧିକ ତାଲିମପ୍ରାପ୍ତ ସୁରକ୍ଷା କର୍ମୀଙ୍କ ନିୟୋଜନ ସାଙ୍ଗକୁ ଆଲାର୍ମ ବ୍ୟବସ୍ଥାର ଆଧିନିକିକରଣ କରିବା ଏବଂ ନିୟମିତ ଅଡିଟ କରିବାକୁ ପ୍ରରାମର୍ଶ ଦେଇଛନ୍ତି ପୂର୍ବାଞ୍ଚଳ ଡିଆଇଜି।

### ରଥଯାତ୍ରାରେ...

ଭାବେ ଉଭା ହେଉଛି। ଭାରତ ସରକାର ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ସାମଗ୍ରୀକୁ ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଆଗ୍ରହର ବିଷୟ ଥିଲା ' ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଜୀବନ ସୁରକ୍ଷା'। ଏହି ଲକ୍ଷ୍ୟ ହାସଲ ପାଇଁ ହେଲେ ଆମକୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ନିୟମିତ ବ୍ୟବଧାନରେ ଆହ୍ୱାନ ଦେଇଆସିଛନ୍ତି। ଏଥିପାଇଁ ଆମେ ସମସ୍ତେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ କମ କରିବା ନିହାତି ଜରୁରୀ। ତେଣୁ ଆସନ୍ତୁ ସମସ୍ତେ ପୁରୀରେ ଆସନ୍ତା ୨୭ରେ ହେବାକୁ ଥିବା ରଥଯାତ୍ରାରୁ ଜୁଲାଇ ୫ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକକୁ ବର୍ଜନ କରିବା। ପୁରୀକୁ ଆସୁଥିବା ଜନସାଧାରଣ ତଥା ଭକ୍ତଙ୍କ ମଧ୍ୟରେ ଏଥିପ୍ରତି ସଚେତନତା ସୃଷ୍ଟି କରିବା ମଧ୍ୟ ଆମର ଦାୟିତ୍ୱ। ଭକ୍ତିଭାବ ଓ ନିଷ୍ଠା ସହକାରେ ପୁରୀର ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ସଂକଳ୍ପ ନେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ସେହିପରି ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ପୁନଃବ୍ୟବହାର ଓ ପୁନଃଚକ୍ର ପାଇଁ ପୁଣିଥରେ ବ୍ୟାପକ ଜନଆନ୍ଦୋଳନ ଆରମ୍ଭ କରିବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିବା ସହ ଏ ଦିଗରେ ସାମାଜିକ ସଂଗଠନ ବିଶେଷକରି ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଆଗେଇ ଆସିବାକୁ କହିଛନ୍ତି। ଏହି ପ୍ରୟାସ ଆଗାମୀ ପିଢିର ଭବିଷ୍ୟତକୁ ସୁରକ୍ଷିତ ରଖିବା ଦିଗରେ ଏକ ବଡ଼ ଓ ପ୍ରଭାବଶାଳୀ ପଦକ୍ଷେପ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ରାଜ୍ୟବାସୀଙ୍କ ଜୀବନ ସୁଖୀ ଓ ସମୃଦ୍ଧମୟ ହେଉ ବୋଲି ମଧ୍ୟ ଶ୍ରୀ ପ୍ରଧାନ କାମନା କରିଛନ୍ତି।

### ୧ରୁ ବଢ଼ିବ...

ନିୟମରେ ମଧ କିଛି ପରିବର୍ତ୍ତନ କରାଯାଇଛି। ଏହି ଅନୁସାରେ ଆସନ୍ତା ୧ରୁ ତତ୍କାଳ ଟିକେଟ୍ ପାଇଁ ଆଧାର ପ୍ରମାଣୀକରଣ ବାଧତାମୂଳକ ହେବ। ଏହାଦ୍ୱାରା ଦଲାଲଙ୍କ ପରିବର୍ତ୍ତେ ପ୍ରକୃତ ଯାତ୍ରୀଙ୍କୁ ଟିକେଟ୍ ଦିଆଯାଇପାରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

ଏଥିସହ ରେଳ ନିୟମ ଲାଗୁ କରିବା ପାଇଁ ରେଳ ମନ୍ତ୍ରଣାଳୟ ସେଣ୍ଟର ଫର ରେଲୱେ ଇନଫରମେସନ ସିଷ୍ଟମ୍ସ ଏବଂ ଆରଆରସିଟିସିରେ ଜରୁରୀ ଟେକନିକରେ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରେଲୱେ ସମସ୍ତ ଜୋନାଲ ଡିଭିଜନକୁ ପରିବର୍ତ୍ତନ କରିବା ପାଇଁ ସୂଚନା ଦେଇଛି। ରେଳ ମନ୍ତ୍ରଣାଳୟ ଘୋଷଣା କରିଛି ଯେ ଏବେ ଯେକୌଣସି ଟ୍ରେନରେ ୱେଟିଂ ଲିଷ୍ଟ ସଂଖ୍ୟା ଟ୍ରେନର ମୋଟ କ୍ଷମତାର ୨୫ ପ୍ରତିଶତ ପର୍ଯ୍ୟନ୍ତ ସୀମିତ ରହିବ। ଏହି ନୂତନ ନିୟମର ଲକ୍ଷ୍ୟ ହେଉଛି ଯାତ୍ରୀମାନଙ୍କୁ ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ଏବଂ ଅଧିକ ବୁକିଂ ସମସ୍ୟାକୁ ହ୍ରାସ କରିବା । ଏବେ ରେଳବାଇ ପ୍ରତ୍ୟେକ ଟ୍ରେନର ଫାଷ୍ଟ କ୍ଲାସ ଏସି, ସେକେଣ୍ଡ କ୍ଲାସ ଏସି, ଥାର୍ଡ କ୍ଲାସ ଏସି, ସ୍ଲିପର ଏବଂ ଚେୟାର କାର୍‌ରେ ମୋଟ ସିଟ୍‌ର ସର୍ବାଧିକ ୨୫ ପ୍ରତିଶତ ୱେଟିଂ ଟିକେଟ ଭାବେ ପ୍ରଦାନ କରିବ। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ମହିଳାଙ୍କ ପାଇଁ ସଂରକ୍ଷିତ ସିଟ୍ ଭଳି ବିଭିନ୍ନ କୋଟାକୁ ଧ୍ୟାନରେ ରଖି ଏହି ପରିବର୍ତ୍ତନ କରାଯାଇଛି।

### ପ୍ରତିଷ୍ଠା ହେବ...

ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁରରେ ଏମ୍‌ବିବିଏସ୍ କଲେଜ ପ୍ରତିଷ୍ଠା ହେବ। ସେହିପରି ବୁର୍ଲା, ବ୍ରହ୍ମପୁର, କେନ୍ଦୁଝର ଓ ବଲାଙ୍ଗିରରେ ୪ଟି ଡେଣ୍ଟାଲ୍ କଲେଜ ଖୋଲାଯିବା ଦିଗରେ ପଦକ୍ଷେପ ନିଆଯିବ। ଆହୁରି ମୟୂରଭଞ୍ଜରେ ଗୋଟିଏ ଆୟୁର୍ବେଦ କଲେଜ ପ୍ରତିଷ୍ଠା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି। ଉପରୋକ୍ତ ସ୍ଥାନରେ ମେଡିକାଲ କଲେଜ ନଥିବାରୁ ଅନେକ ସମସ୍ୟା ଭୋଗୁଥିଲେ ମେଡିକାଲ ଛାତ୍ରଛାତ୍ରୀ। ଦୀର୍ଘ ଦିନ ଧରି ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦାବି ହୋଇଆସୁଥିଲା।

ଚିକିତ୍ସା ପାଇଁ ଆଉ ଜିଲ୍ଲା ବାହାରକୁ ଯିବାକୁ ପଡ଼ିବ ନାହିଁ। ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଥିବା ବେଳେ ଆଜି ଅତ୍ୟାଧୁନିକ କର୍ମଶକ୍ତି ପରିଚାଳନା, ସାମର୍ଥ୍ୟର ଅପ୍ଟିମାଇଜେସନ୍ ଓ ନବସୃଜନ ତଥା ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ରଖି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲଜାଇଲ୍ ଓଡ଼ିଶାରେ ତା'ର ନୂତନ ସହାୟକ କମ୍ପାନୀ ଓ ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ଉଦଘାଟନ କରିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲଜାଇଲର ପ୍ରତିଷ୍ଠାତା ତଥା ସିଇଓ ପୂର୍ଣ୍ଣ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ କମ୍ପାନିର ଯାତ୍ରା ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ କମ୍ପାନୀ ଏପରି ଲୋକଙ୍କର ଆବଶ୍ୟକତା କରୁଛି, ଯେଉଁମାନେ କମ୍ପାନୀ ସହ ଦୀର୍ଘ ସମୟ ଧରି କାମ କରିପାରିବେ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଆଜି ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ

**ନୟାଗଡ଼, ୨୪।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ଛାତ୍ରୀଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । ଯାହାକୁ ନେଇ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଏବଂ ପୂର୍ବତନ ଛାତ୍ର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଆସନ୍ତା ଜୁନ ୨୫ ତାରିଖ ସାରା ରାଜ୍ୟରେ ଛାତ୍ର ଆନ୍ଦୋଳନ ପାଇଁ ଡାକରା ଦେଇଛନ୍ତି ।




ଏହି ଅବସରରେ ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ପରାମର୍ଶ କ୍ରମେ ଆସନ୍ତାକାଲି ସକାଳ ୧୦ ଘଟିକା ସମୟରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସାମ୍ନାରେ ରାସ୍ତାରୋକ ଓ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ନୟାଗଡ଼ ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ ସମ୍ପାଦକ ଅନୱାର ଅଲ୍ଲୀ, ଜିଲ୍ଲା ଯୁବ ଉପ ସଭାପତି ରବୀନ୍ଦ୍ର ଜେନା, ଜିଲ୍ଲା ଛାତ୍ର ଉପ ସଭାପତି ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମା' କୋଳକୁ ଫେରିଲା ୪ବର୍ଷର ପୁଅ

**ଗୋପ, ୨୪।୬ (ସଂଚାର ବ୍ୟୁରୋ):** ଗୋପ ଡଭାର ପଞ୍ଚାୟତ ଭଦିଶ ଗ୍ରାମର ବିଜୟ କୁମାର ଦକ୍ଷିତ ତାଙ୍କ ଝିଅ ଶ୍ରାବଣୀଙ୍କୁ ପାଞ୍ଚବର୍ଷ ତଳେ ଗୋପ ବେଦପୁର ପଞ୍ଚାୟତ ବେଦପୁର ଗ୍ରାମର କୈଳାଶ ଚନ୍ଦ୍ର ପରିଡାଙ୍କ ପୁତ୍ର ଦେବୀପ୍ରସାଦ ପାଢ଼ୀଙ୍କୁ ବୈଦିକ ରୀତି ନୀତି ଅନୁସାରେ ବିବାହ କରିଥିଲେ। ସ୍ୱାମୀ ଦେବୀପ୍ରସାଦ କଲିକତା କାଳୀମନ୍ଦିରରେ ପୂଜକ ଭାବେ ଦୀର୍ଘ ଦିନ ହେବ ସେବା କରି ଆସୁଛନ୍ତି। ବିବାହ ବର୍ଷେ ପରେ ଶ୍ରାବଣୀଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପରେ ଶାଶୁ ଓ ଶଶୁର ଶ୍ରାବଣୀଙ୍କୁ ତା ବାପଘରୁ ଟଙ୍କା ଆଣିବାପାଇଁ ବାରମ୍ବାର ଚାପ ପକାଇଥିଲେ କିନ୍ତୁ ଶ୍ରାବଣୀ ରାଜି ନହେବାରୁ ଶାଶୁ ଶଶୁର ଶ୍ରାବଣୀଙ୍କୁ ମାର ପିଟ କରିବା ସହ ନାନାଦି ଯନ୍ତ୍ରଣା ହେଉଥିଲେ ବୋଲି ଶ୍ରାବଣୀ ଗୋପ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏପଟେ ସ୍ୱାମୀ ଦେବୀପ୍ରସାଦ ମଝିରେ ମଝିରେ ଆସି ବାପା ମା'ଙ୍କ କଥାରେ ମଧ ଶ୍ରାବଣୀଙ୍କୁ ମାରପିଟ କରନ୍ତି ବୋଲି ଶ୍ରାବଣୀ ଅଭିଯୋଗ କରିଛନ୍ତି।

ଗତ ୨୦ ତାରିଖ ଦିନ ସକାଳୁ ଶାଶୁ ଶଶୁର ଶ୍ରାବଣୀଙ୍କୁ ଯୌତୁକ ନିର୍ଯ୍ୟାତନା ଏବଂ ମାନସିକ ଯନ୍ତ୍ରଣା ଦେବାସହ ମାରପିଟ କରିବାରୁ ଶ୍ରାବଣୀ ୨୦ ତାରିଖ ସକାଳ ୯ଟା ରେ ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ୧୯୭/୨୦୨୫ରେ ଏକ ମାମଲା ରୁଜୁ କରିଥିଲା ଗୋପ ପୋଲିସ। ମାମଲା ରୁଜୁ ହେବା ପରେ ଶ୍ରାବଣୀଙ୍କ ୪ବର୍ଷର ପୁତ୍ରକୁ ଦେଇନଥିଲେ ଶାଶୁ ଶଶୁର। ପରେ ଏନେଇ ଗୋପ ଥାନାର ଦ୍ୱାରସ୍ତ ହୋଇଥିଲେ ଶ୍ରାବଣୀଙ୍କ ପିତା ମାତା। ଆଜି ଗୋପ ଥାନା ଉପ ନିରୀକ୍ଷକ ଦେବସ୍ମିତା ସିଂ ଏକ ଟିମ ନେଇ ଶ୍ରାବଣୀଙ୍କ ଶାଶୁ ଘରେ ପହଞ୍ଚି ୪ବର୍ଷର ଶିଶୁ ପୁତ୍ରକୁ ଉଦ୍ଧାର କରି ମା'କୁ ଦେଇଥିଲେ। ଏପଟେ ମା' ପୁଅକୁ ପାଇ ଭାବବିଭୋର ହୋଇ ପଡ଼ିଥିବା ବେଳେ ପୁଲିସ ଶିଶୁ ପୁତ୍ରକୁ ଦେବା ବେଳେ ଶ୍ରାବଣୀଙ୍କ ପିତାମାତା ଉପସ୍ଥିତ ଥିଲେ।




# ଅଗ୍ନିଶମ ବାହିନୀର ମକ୍ ଡ୍ରିଲ କାର୍ଯ୍ୟକ୍ରମ



**ନାଉଗାଁ, ୨୪।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗାରୋଇ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ତିରୁଣାସ୍ଥିତ ଗୋପବନ୍ଧୁ ସ୍ମାରକୀ ଉଚ୍ଚ ବିଦ୍ୟାଳୟ ଓ ଗଙ୍ଗାହାଟସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ନାଉଗାଁ ଅଗ୍ନିଶମ ବାହିନୀ ପକ୍ଷରୁ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ସୁରକ୍ଷିତ ରଖିବା ସହିତ ପଡୋଶୀମାନଙ୍କୁ ସୁରକ୍ଷିତ ରଖିପାରିବେ ସେବିଷୟରେ ସଚେତନ କରାଇବା ସହ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲେ କିପରି ନିଆଁକୁ ଆୟତ କରାଯାଇପାରିବ ଏହାପରେ ସଚେତନ କରିଥିଲେ। ଏଏସଓ ଅଶୋକ କୁମାର ପଢ଼ିଆରୀଙ୍କ ତତ୍ୱାବଧାନରେ ଫାୟାର ଫାଇଟର ପ. ମୁଦୁଲି, ଡି.କେ ସାହୁ ଓ ବସନ୍ତ ବିଶ୍ୱାଳ ଆଦି ଯୋଗ ଦେଇ ଉପସ୍ଥିତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ।

# ନାଉଗାଁରେ ଖାଦ୍ୟ ନିରପତ୍ତା ଅଧିକାରୀଙ୍କ ଚଢ଼ାଉ

**ନାଉଗାଁ, ୨୪।୬ (ସଂଚାର ବ୍ୟୁରୋ):** ରାଜ୍ୟର ଅଧିକାଂଶ ଜିଲ୍ଲାରେ ହଇଜା ବ୍ୟାପିଛି। ଏହାକୁ ପ୍ରତିହତ କରିବା ପାଇଁ ପ୍ରଶାସନ ପକ୍ଷରୁ ମୁଖ୍ୟତଃ ଖାଦ୍ୟ ଓ ପାନୀୟ ଜଳ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାକୁ ନେଇ ଜିଲ୍ଲା ଖାଦ୍ୟ ନିରପତା ଅଧିକାରଣୀ ସମିତା ଦାସ ନାଉଗାଁ ବ୍ଲକର ବିଭିନ୍ନ ଜଳଖିଆ ଦୋକାନ ଓ ହୋଟେଲ ଉପରେ ମଙ୍ଗଳବାର ଅପରାହ୍ନରେ ଅଚାନକ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ବିଶେଷ କରି ହୋଟେଲ ଓ ଜଳଖିଆ ଦୋକାନକୁ ସଂଯୋଗ କରୁଥିବା ନାଳ ନର୍ଦ୍ଦମାକୁ ସଫା ରହିଛି କି ନାହିଁ, ଯେଉଁଠି ଖାଦ୍ୟ ପ୍ରଦାର୍ଥ ରୋଷେଇ ହେଉଛି ସେହି ସ୍ଥାନ ସଫା କରାଯାଇଛି କି ନାହିଁ, ଖାଦ୍ୟର ମାନ ଆଦି ତଦାରଖ କରି ଦୋକାନୀମାନଙ୍କୁ ଜୋରିମାନା କରିଥିଲେ। ସେହିପରି ରାସ୍ତା ପାର୍ଶ୍ୱରେ ଠେଲାରେ ଦୋକାନ କରିଥିବା ଦୋକାନୀମାନଙ୍କୁ ହାତରେ ଗ୍ଲୋବସ୍ ବ୍ୟବହାର କରିବା ସହିତ ଖାଦ୍ୟ ପ୍ରଦାର୍ଥକୁ ଘୋଡାଇ ରଖିବା ପାଇଁ ସଚେତନ କରାଇଥିଲେ।

# ତାଲା ଭାଙ୍ଗି ଦୁର୍ବୃତ୍ତ ଲୁଟିନେଲେ




**କାକଟପୁର/ଅସ୍ତରଙ୍ଗ, ୨୪।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି ନିକଟବର୍ତ୍ତୀ ଅଂଚଳର ସ୍ୱପ୍ନେଶ୍ୱର ପାଳଙ୍କ ଘର ନିକଟରେ ଥିବା ହେରିଟେଜ କ୍ଷୀର ସୋସାଇଟିରୁ ସୋମବାର ବିଳମ୍ବିତ ରାତ୍ରରେ ତାଲା ଭାଙ୍ଗି ହେରିଟେଜ କମ୍ପାନୀର ବ୍ୟାଟେରୀ ଓ ଡ୍ରରେ ଥିବା ୪ହଜାର ୭ଶହ ଟଙ୍କା ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ଯାହା ଫଳରେ ମଙ୍ଗଳବାର ପ୍ରତ୍ୟୁଷରୁ ଦେଖିବା ପରେ ସ୍ୱପ୍ନେଶ୍ୱର ପାଳ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଘଟଣା ସ୍ଥଳରେ ଅସ୍ତରଙ୍ଗ ପୁଲିସ ପହଂଚି ସ୍ଥିତି ଅନୁଧ୍ୟାନ କରି ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଭାରସାମ୍ୟ ହରାଇ ଓଲଟିଲା ଅଟୋ, ୪ ଆହତ



**ଆଳି, ୨୪।୬ (ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତା ର ପେଟ୍ରୋଲ ପମ୍ପ ଛକ ନିକଟରେ ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ଅଟୋ ଭାରସାମ୍ୟ ହରାଇ ପଲଟିଯିବା ଫଳରେ ଅଟୋରେ ଥିବା ୪ ଜଣ ଆହତ ହୋଇଥିବା ବେଳେ ଜଣେ ବୃଦ୍ଧା ଓ ଜଣେ ଶିଶୁ ଗୁରୁତର ଆହତ ହୋଇଛନ୍ତି । ଆହତ ବୃଦ୍ଧା ଓ ଶିଶୁ ଜଣଙ୍କ ହେଉଛନ୍ତି ମେଂଢପୁର ପଞ୍ଚାୟତର ଆଳକଣା ଗ୍ରାମର ଲକ୍ଷ୍ମୀ ମଲିକ(୪୪) ଏବଂ ଶ୍ରାବଣୀ ମଲିକ (୮) । ସେ ଏକ ଅଟୋ ଯୋଗେ ରାଜକନିକାରୁ କାର୍ଯ୍ୟ ସାରି ନିଜ ଘର ଆଳିକୁ ଫେରୁଥିବା ସମୟରେ ଏଚପି ତେଲ ଟାଙ୍କି ନିକଟରେ ଅଟୋଟି ଭାରସାମ୍ୟ ହରାଇ ପଲଟି ଯିବା ଫଳରେ ଲକ୍ଷ୍ମୀଙ୍କର ହାତ, ଆଣ୍ଠୁ, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଶ୍ରାବଣୀଙ୍କର ଆଣ୍ଠୁ, ଛାତି, ମୁହଁ ଓ ହାତରେ ଗଭୀର ଆଘାତ ଲାଗିଛି । ଉଭୟଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଡାକ୍ତରତାଙ୍କର ଆଶୁ ଚିକିତ୍ସା କରାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି । ଖବର ସୂତ୍ରରୁ ପ୍ରକାଶ ଅପରାହ୍ନ ସମୟ ରେ କଟକ - ଚାନ୍ଦବାଲି ରାସ୍ତା ର ଦୁର୍ଘଟଣା ବହୁଳ ଏଚପି ତେଲ ଟାଙ୍କି ଛକ ନିକଟରେ ଏକ ବାଇକ ହଠାତ ଅଟୋ ସାମ୍ନାକୁ ଆସିଯିବା ଫଳରେ ବାଇକକୁ ଦୁର୍ଘଟଣାରୁ ବଞ୍ଚେଇବା ଯାଇ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା ।

## ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

# ହତ୍ୟା ସନ୍ଦେହରେ ଥାନାରେ ଅଭିଯୋଗ

**ନୟାଗଡ଼, ୨୪।୬ (ସଂଚାର ବ୍ୟୁରୋ):** ଦାଦନ ଖଟିବାକୁ ଯାଇ ବାଙ୍ଗାଲୋରୁ ଜଣେ ଯୁବକ ନିଖୋଜକୁ ନେଇ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି । ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପରିବାର ଲୋକେ ପୁଲିସ ଓ ଶ୍ରମ ବିଭାଗ ସହାୟତା ଲୋଡ଼ିଛନ୍ତି। ଏନେଇ ଶରଣକୁଳ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଛି ।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ହରିହରପୁର ପଞ୍ଚାୟତ ହରିହରପୁର ଗ୍ରାମର ଯୋଗି ପ୍ରଧାନଙ୍କ ପୁଅ କାହ୍ନୁ ଚରଣ ପ୍ରଧାନକୁ କର୍ଣ୍ଣାଟକ ରାଜ୍ୟ ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ କାମ କରିବାକୁ ଗତ ୬ ତାରିଖରେ ଗାଁରୁ ଯାଇଥିଲେ । ସେଠାରେ କିଛି ଦିନ କାମ କରିବା ପରେ କୌଣସି କାରଣରୁ କାହ୍ନୁଙ୍କୁ ବାଙ୍ଗାଲୋର ଡାକି ନେଇଥିବା ପ୍ରିୟବ୍ରତ ସହ ତାର ଝଗଡା ଲାଗିଥିଲା । କାହ୍ନୁ ଆହତ ହୋଇଥିବାର ଭିଡିଓ ଯୋଗୀ ପ୍ରଧାନଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲା । କାହ୍ନୁଠାରୁ ତାର ବାପାମାଆ ଫୋନରେ ଘଟଣା ଶୁଣି ତାକୁ ବୁଝାସୁଝା କରିଥିଲେ । ଘଟଣା ପରେ କାହ୍ନୁକୁ ପ୍ରିୟବ୍ରତ ପାଖରେ ନରଖି ସେହି ଗ୍ରାମର ଶୁଭେନ ଜେନା ଓରଫ ରାକେଶଙ୍କ ପାଖରେ ଛାଡ଼ି ଦେଇଥିଲା । ଗତ ରବିବାର ସକାଳେ ଯୋଗୀ ପ୍ରଧାନଙ୍କ ପୁତୁରା ପାଖକୁ ରାକେଶ ଫୋନ କରି କହିଲା, କାହ୍ନୁ ଗାଁକୁ ଯିବାକୁ କହିବାରୁ ତାକୁ କିଛି ନଗଦ ଟଙ୍କା ଏବଂ ତାର ଫୋନ ପେକୁ କିଛି ପଠାଇ ରେଲୱେ ଷ୍ଟେସନ ଯିବାକୁ ଏକ ବସରେ ବସାଇ ଦେଇଥିବା କହିଥିଲେ । କାହ୍ନୁ ପାଖକୁ ଫୋନ କରିବାରେ କୌଣସି ଉତ୍ତର ମିଳି ନଥିଲା । କାହ୍ନୁ ରାକେଶ ରୁମରେ ଫୋନ ଛାଡି ଦେଇ ଆସିଥିବା ଅପରାହ୍ନରେ ସେଠାରୁ ଜାଣିବା ପରେ ପରିବାର ଲୋକଙ୍କ ମନରେ ସନ୍ଦେହ ଆସିଥିଲା । କାହ୍ନୁର ବାପା ମାଆ ପୁଅ ନିଖୋଜ ହୋଇଥିବା ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ୪ବର୍ଷ ବିତିଯାଇଥିଲେ ମଧ୍ୟ ସରୁନି ଅଙ୍ଗନବାଡି ଗୃହ ନିର୍ମାଣ

**ସାଲେପୁର, ୨୪।୬ (ସଂଚାର ବ୍ୟୁରୋ):** ୪ବର୍ଷ ହେବ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କର ଅନୁମୋଦନ ପରେ ମଧ ଅଦ୍ୟାବଧି ଅଙ୍ଗନୱାଡି ଗୃହ ନିର୍ମାଣ ହୋଇପାରିନଥିବାରୁ କୋମଳମତି ଶିଶୁମାନେ ମନ୍ଦିର ବାରଣ୍ଡା, ଅଙ୍ଗନୱାଡି ଦିଦିଙ୍କ ଘରେ ପାଠ ପଢୁଥିବା ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ସଉରୀ ପଞ୍ଚାୟତ ଓଷଦ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ କଟକ ଜିଲ୍ଲାପାଳଙ୍କ ଚିଠି ନଂ-୧୬୪, ୧୨.୦୧.୨୦୨୧ରେ ଅନୁମୋଦନ କରିଥିଲେ ମଧ ଅଦ୍ୟାବଧି ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ। ଫଳରେ ଏହି ଅଙ୍ଗନୱାଡି କେନ୍ଦ୍ରର କୋମଳମତି ଶିଶୁମାନେ ମନ୍ଦିର ବେଢ଼ା ଓ ଅଙ୍ଗନୱାଡି ଦିଦିଙ୍କ ଘରେ ବସି ପାଠ ପଢୁଛନ୍ତି। ଏ ସମ୍ପର୍କରେ ଗତ ୩.୦୨.୨୫ରିଖରେ ସାଲେପୁର ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ସମାଜସେବୀ ଅବତନ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ତୁରନ୍ତ ଓଷଦ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ବିଜେପି କାର୍ଯ୍ୟାଳୟରେ 'ବଳୀଦାନ ଦିବସ' ପାଳିତ



**ଉମରକୋଟ, ୨୪।୬ (ସଂଚାର ବ୍ୟୁରୋ):** ସୋମବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟ ଠାରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟ ତିଥିକୁ ଭାଜପାର ବଳୀଦାନ ଦିବସ ରୂପେ ପାଳନ କରାଯାଇଛି। ଶ୍ୟାମା ପ୍ରସାଦ ମୁଖାର୍ଜୀ ତାଙ୍କ ବ୍ୟକ୍ତିତ୍ୱ ଜଣେ ବିଚାରକ, ଶିକ୍ଷାବିତ ଏବଂ ରାଷ୍ଟ୍ରବାଦ ନେତା। ଧର୍ମୀୟ ଆଧାରରେ ଦେଶ ବିଭାଜନର କଠୋର ବିରୋଧି ଥିଲେ ଓ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଥିଲେ ଯାହା ଆଜି ଭାରତୀୟ ଜନତା ପାର୍ଟି ନାମରେ ପରିଚିତ। ସେ ମାନବତାବାଦର ଉପାସକ ଓ ସିଦ୍ଧାନ୍ତବାଦି ଥିଲେ। ତାଙ୍କ ଜୀବନୀ ବିଷୟରେ ସମସ୍ତ ଉପସ୍ଥିତ ନେତୃବୃନ୍ଦ ସ୍ମୃତି ଚାରଣ କରିଥିଲେ । ଏହି ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମାନ୍ୟବର ଉମରକୋଟ ବିଧାୟକ ତଥା ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ବିଧାନସଭା କ୍ଷେତ୍ର ସଂଯୋଜକ ଶୁରେସ ଆଚାର୍ଯ୍ୟ, ପୂର୍ବତନ ନଗର ସଭାପତି ଗୋପୀନାଥ ସାହୁ, ୱାର୍ଡ ନଂ ୧୦ କାଉନସିଲର କନକଲତା ନାୟକ, ସମସ୍ତ ନେତୃ ମଣ୍ଡଳୀ ସ୍ୱର୍ଗତ ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିବାସହ ଏହି ସଭାକୁ ନଗର ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ ପରିଚାଳନା କରିଥିଲେ । ଏଥିରେ ବାବୁଲା ସାହୁ, ସନ୍ତୋଷ ସରକାର, ସନତ ଠାକୁର, ପ୍ରଦୀପ ମିଶ୍ର, ନୃସିଂହ ସାହୁ, ମିଲୁ ପଣ୍ଡା, ଦୁକାଲୁ ମେହେର, ରାମ ଗଣ୍ଡ ଏଭଳି ସତାଧିକ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇ ସ୍ୱର୍ଗତ ମୁଖାର୍ଜୀ ଙ୍କ ଜୀବନୀ ଚରିତ୍ର ଉପରେ ପ୍ରେରଣା ପାଇ ଅନୁପ୍ରାଣିତ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ଭାଜପାର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ କିଛି ନୂଆ କାର୍ଯ୍ୟକର୍ତ୍ତା ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ ।

# ମନ୍ଦିର ଓ ଔଷଧ ଦୋକାନରୁ ଚୋରି

**ନୀଳଗିରି, ୨୪।୬ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଦକ୍ଷିଣନରସିଂହପୁର ପଞ୍ଚାୟତ ଖଡ଼ିପଦା ଗ୍ରାମରେ ଥିବା ହନୁମାନ ମନ୍ଦିରରୁ ଲୁଟ୍ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଗତ କାଲି ରାତିରେ କିଛି ଲୁଟେରା ମନ୍ଦିରରୁ ଠାକୁରଙ୍କ ସୁନା ଗହଣା ଓ ଦାନବାକ୍ସ ଲୁଟି ନେଇ ଥିବା ବେଳେ ପାଖ ପଡ଼ିଆ ରେ ଦାନବାକ୍ସ ଟିକୁ ଫୋପାଡି ଦେଇଥିଲେ। ସକାଳେ କିଛି ଗ୍ରାମବାସୀ ମାନେ ମନ୍ଦିର ଚାବି ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଜାରି ରଖିଛି। ଠିକ ସେହିଭଳି ଗତ କାଲି ବିଳମ୍ବିତ ରାତିରେ ନୀଳଗିରି କଚେରୀ ବଜାର ଦୁର୍ଗା ମନ୍ଦିର ସ୍ଥିତ ରଘୁନାଥ ମେଡ଼ିସିନ ଷ୍ଟୋର ର ସ୍କାଏ ଲାଇଟ ଭାଙ୍ଗି ଦୁର୍ବୃତ୍ତ ଦୋକାନରେ ଥିବା ନଗଦ ୪୦ ହଜାର ଟଙ୍କା ନେଇଯାଇଥିଲେ। ରାତିରେ ଗୃହରକ୍ଷୀ ମାନଙ୍କର କଡ଼ା ସୁରକ୍ଷା ବଳୟ ଭିତରୁ ଏଭଳି ଚୋରି କୁ ନେଇ ଅଞ୍ଚଳ ବାସି ଅବାକ ହୋଇ ଯାଇଛନ୍ତି। ଅପର ପକ୍ଷେ ଏଭଳି ସୁରକ୍ଷା ଭିତରେ ଚୋରି କୁ ନେଇ ଦୋକାନୀ ମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି।

# ବୈଜୟନ୍ତ ପଣ୍ଡାଙ୍କୁ ଭେଟି ଦାବି ଜଣାଇଲେ ପ୍ରତିନିଧିଦଳ

**ପଟ୍ଟାମୁଣ୍ଡାଇ, ୨୪।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ସମସ୍ୟା ନେଇ ଦାବୀ ଜଣାଇଲେ ବିଜେପି ପ୍ରତିନିଧିଦଳ । ନରସିଂହପୁର ସରପଞ୍ଚ ଦିପ୍ତିମୟୀ ପରିଡାଙ୍କ ନିର୍ଦ୍ଦେଶରେ ତାଙ୍କ ପ୍ରତିନିଧି ବିଜେପି ନେତା ସୁଶୀଲ ପରିଡା ଓ ଶିକ୍ଷାବିତ ଗିରିଜା ଶଙ୍କର ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ତାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ଠାରେ ଭେଟି କେନ୍ଦ୍ରାପଡ଼ା ଠାରେ ମେଡିକାଲ କଲେଜ ପ୍ରତିଷ୍ଠା, ପଟ୍ଟାମୁଣ୍ଡାଇରେ ଖୋଲା ପାଠାଗାର ନିର୍ମାଣ, ପଟ୍ଟାମୁଣ୍ଡାଇ ବଜାର ଠାକୁରାଣୀ ନିକଟ କେନାଲ ଉପରେ ଦ୍ୱିତୀୟ ପୋଲ ନିର୍ମାଣ, ନରସିଂହପୁର-ସିମୁଳିଆ ପୋଲ ନିର୍ମାଣ, ୧୫ନଂ କେନାଲ ପୁନଃରୁଦ୍ଧାର ସହ କେନାଲ ଉପରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ, ନରସିଂହପୁର ପଂଚାୟତ ଅଇନିପଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ, ଅଠରବାଟିଆ ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣ ଆଦି ବିଭିନ୍ନ ଦାବୀ ସମ୍ପର୍କରେ ଆଲୋଚନା କରିବା ସହିତ ଏହି ସମସ୍ତ ଦାବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ଶେଷରେ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ବିକାଶ ପାଇଁ ପାରାଦ୍ୱୀପ -ଧାମରା ରେଳପଥ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ସାଂସଦ ଶ୍ରୀ ପଣ୍ଡା ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ।



# ବଡ଼ମୂଳବସନ୍ତ ପଞ୍ଚାୟତ ଅଫିସରୁ ବଡ଼ଧରଣର ଚୋରି



**ପଟ୍ଟାମୁଣ୍ଡାଇ, ୨୪।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ପଂଚାୟତ କାର୍ଯ୍ୟାଳୟରୁ ଗତକାଲି ବିଳମ୍ବିତ ରାତିରେ ବଡ଼ ଧରଣର ଚୋରୀ ହୋଇଛି । ଚୋରମାନେ ପଂଚାୟତ କାର୍ଯ୍ୟାଳୟ ମୁଖ୍ୟ ଗେଟ ଗ୍ରିଲ ତାଲା ଭାଙ୍ଗି ପଂଚାୟତ କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି ପ୍ରଥମେ ସରପଞ୍ଚଙ୍କ କାର୍ଯ୍ୟାଳୟ ତାଲା ଭାଙ୍ଗି ଏମବି ବୁକ ଓ ନଥି ପତ୍ର ଫୋପାଡ଼ି ଦେଇଥିଲେ । ଏ ଡି ଇ ଓ ରୁମରେ ଲାଗିଥିବା ବି ବି ଏନ ଏଲ ମ୍ୟାସିନ ବକ୍ସ ଚୋରାଇ ନେବା ସହ ପଂଚାୟତ ଜେରକ୍ସ ମ୍ୟାସିନ ମଧ ଚୋରାଇ ନେଇଛନ୍ତି । ଏଥି ସହିତ ପଂଚାୟତ କାର୍ଯ୍ୟାଳୟ ମଧ୍ୟରେ ଥିବା ଶାଖା ପୋଷ୍ଟ ଅଫିସ ତାଲା ଭାଙ୍ଗି ବିଜେ ମିଟର ମ୍ୟାସିନ ଓ ପ୍ରିଣ୍ଟର ଚୋରାଇ ନେଇଛନ୍ତି । ଏଥି ସହିତ ସରପଞ୍ଚ କାର୍ଯ୍ୟାଳୟ ମଧରେ ଥିବା ମହିଳା ମହାସଂଘ କେ ଲାପଟପ ଓ ଜେରକ୍ସ ମ୍ୟାସିନ ମଧ ଚୋରୀ କରି ନେଇଛନ୍ତି । ଚୋରୀ ହୋଇଥିବା ସମସ୍ତ ମୂଲ୍ୟବାନ ସାମଗ୍ରୀ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଉଛି । ଏ ସମ୍ପର୍କରେ ଜାଣିବା ପରେ ବଡ଼ମୂଳବସନ୍ତ ସରପଞ୍ଚ ବ୍ଲକ ଅଧକ୍ଷ, ବିଡ଼ିଓ ଓ ପୋଲିସକୁ ଜଣାଇଥିଲେ । ପଟ୍ଟାମୁଣ୍ଡାଇ ବିଡ଼ିଓ ଅଶୋକ ମହାନ୍ତି, ଏ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ଜି ପି ଡି ଓ ରଂଜିତ ପରିଡା ଓ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀଙ୍କ ଲିଖିତ ଏତଲାକୁ କାର୍ଯ୍ୟାନୁଷ୍ଠାନ ପାଇଁ ପଟ୍ଟାମୁଣ୍ଡାଇ ବିଡ଼ିଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ସୁପାରିଶ କରିଛନ୍ତି ।

## ଓଳାଭର ବଜାରରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଯାଞ୍ଚ୍

# ତାଗିଦରେ କାମ ସାରିଦେଲେ

**ରାଜକନିକା, ୨୪।୬ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକରେ ବଢୁଛି ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା। ଏନେଇ ସେମିତି ଠୋସ୍ ପଦକ୍ଷେପ ଅଥବା ସଚେତନତା ଅଭାବରୁ ଆଜି ଏଭଳି ଦୁର୍ଦ୍ଦଶା ହେଲା ବୋଲି ଅଭିଯୋଗ ହେଉଛି। ହେଲେ ଧର୍ମକୁ ଆଖିଠାର ସଦୃଶ କେବଳ ଯାଞ୍ଚ୍ ଆଳରେ ହୋଟେଲ ଆଉ ଜଳଖିଆ ଦୋକାନରେ ପହଞ୍ଚି ଖାଦ୍ୟ ସୁରକ୍ଷା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ, ତହସିଲ ପ୍ରଶାସନ ତାଗିଦ୍ କରିବା ସାଧାରଣରେ ପ୍ରହସନ ବୋଲି ଚର୍ଚ୍ଚା ହେଉଛି ।

ସୂଚନା ଅନୁଯାୟୀ ରାଜକନିକା ଅଞ୍ଚଳରେ ଦିନକୁ ଦିନ ଝାଡାବାନ୍ତି ସଂକ୍ରମଣ ସଂଖ୍ୟା ବଢିବାରେ ଲାଗିଛି । ଆଗୁଆ ଏନେଇ କୈଣସୀ ପଦକ୍ଷେପ ନିଆ ଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଆଲୋଚନା ହେଉଛି । ପ୍ରଥମତ ବଜାରର ଖୋଲାମେଲା ଫାଷ୍ଟଫୁଡ୍ ଦୋକାନ,ଲସି ଦୋକାନ,ଜଳଖିଆ ଦୋକାନ, ହୋଟେଲ ଭଳି ଖାଦ୍ୟ ପରଷୁଥିବା ସମସ୍ତ ଦୋକାନ ଗୁଡିକରେ ଅପମିଶ୍ରଣ, ବାସି ଖାଦ୍ୟ, ରାସାୟନିକ ରଙ୍ଗ, ପୋଡା ତେଲର ବ୍ୟବହାର ସହ ଦୂଷିତ ପରିବେଶରେ ଖାଦ୍ୟ ତିଆରି ପେଟରୋଗକୁ ଆମନ୍ତ୍ରଣ କରୁଛି।।ଫଳରେ ଝାଡାବାନ୍ତି ବ୍ୟାପୁଛି ବୋଲି ଅଭିଯୋଗ ହେଉଛି। ଏହା ସହିତ ଏହି ଦୋକାନ ମାନଙ୍କରେ ପିଇବା ପାଣିର ମାନ ବି ଠିକ୍ ରହୁନାହିଁ। ଆଜି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ, କନିକା ତହସିଲର ଅତିରିକ୍ତ ତହସିଲଦାର,ଜନ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ,ପୁଲିସ ପ୍ରଶାସନ ସହିତ ସ୍ୱାସ୍ଥ୍ୟକର୍ମୀ ଓଳାଭର ବଜାରର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ,ଫାଷ୍ଟଫୁଡ ଦୋକାନ ଓ ବୋତଲ ପାଣି ନିର୍ମାଣ କରୁଥିବା କମ୍ପାନୀରେ ନମୁନା ଯାଞ୍ଚ୍ କରିବା ସହିତ ପିଇବା ପାଣିର ବ୍ୟବସ୍ଥା ପ୍ରତି ଟିକିନିଖି ଯାଞ୍ଚ୍ କରିଥିଲେ। କିଛି ଦିନ ଆଗେ ଓଳାଭର ବଜାରର ଏକ ଜଳଖିଆ ଦୋକାନରେ ଗୋଡରେ ଆଳୁ ଚକଟା ହେବା ଅଭିଯୋଗ ପରେ ଖାଦ୍ୟ ସୁରକ୍ଷା ଅଧିକାରୀ ଆସି ତାଗିଦ୍ କରିଥିଲେ। ହେଲେ ରାଜକନିକାରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ଖବର ପ୍ରମେୟରେ ପ୍ରକାଶ ପାଇବା ପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ,ତହସିଲ,ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ପ୍ରକାଶ ପାଇଛି । କେବଳ ଯେ ଓଳାଭର ବଜାରର ନୁହେଁ ବରଂ ନମତରା ବଜାର, କଣ୍ଡିଆ, ଚରପଡା ସହ ଛୋଟମୋଟ ଯେତେ ଗ୍ରାମ୍ୟ ବଜାର ରହିଛି ସବୁଠି ଏଭଳି ଅନିୟମିତତା । ଫଳରେ ପେଟରୋଗ,ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲୁଛି । ଯଦିଓ ଆଜିର ଏହି ଯାଞ୍ଚ୍ ସ୍ୱାଗତଯୋଗ୍ୟ ହେଲେ ରିତିମତ ଏଭଳି ଯାଞ୍ଚର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



ସଂଚାର THE SANCHAR

### ଜାତୀୟ ଶକ୍ତି ମନ୍ତ୍ରୀ ଓ ସଚିବ ସମ୍ମିଳନୀରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ

# ଓଡ଼ିଶା ଏବେ ଏକ ଶକ୍ତି-ସଶକ୍ତ ରାଜ୍ୟ




**ବିଭିନ୍ନ କ୍ଷେତ୍ରରେ ଲୋଡ଼ିଲେ କେନ୍ଦ୍ର ସରକାରଙ୍କ ସହଯୋଗ**

ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲଙ୍କ ଅଧ୍ୟକ୍ଷତାରେ ବିହାରର ପାଟନାରେ ପୂର୍ବାଞ୍ଚଳ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଶକ୍ତି ମନ୍ତ୍ରୀ ଓ ସଚିବମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ର ଉପରେ ଆଲୋକପାତ କରିଛନ୍ତି। ଶ୍ରୀ ସିଂହଦେଓ କହିଛନ୍ତି ଯେ ଓଡ଼ିଶା ଏକ ସ୍ଥିର, ସବୁଜ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରତିବଦ୍ଧ। ନବୀକରଣୀୟ, ସୁଦୃଢ଼ ପରିବହନ ଯୋଜନା, ସାଇବର ସୁରକ୍ଷା ଏବଂ ଆର୍ଥିକ ସଂସ୍କାରରେ ରଣନୈତିକ ନୀତି ମାଧ୍ୟମରେ ରାଜ୍ୟ ଶକ୍ତି କ୍ଷେତ୍ରରେ ଏକ ମଡେଲ ରାଜ୍ୟ ହେବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ସଫଳତାର ସହ ଏକ ଶକ୍ତି-ପର୍ଯ୍ୟାପ୍ତ ରାଜ୍ୟରୁ ଏକ ଶକ୍ତି-ସଶକ୍ତ ରାଜ୍ୟରେ ପରିଣତ ହୋଇଛି। ରାଜ୍ୟର ସର୍ବାଧିକ ୬,୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦା ପୂରଣ କରାଯାଇଛି। ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶାର ୬୧ ପ୍ରତିଶତ ବିଦ୍ୟୁତ୍ ଅଣଜୀବାଶ୍ମ ଉତ୍ସରୁ ଉତ୍ପାଦନ ଲକ୍ଷ୍ୟ ରହିଛି। ରାଜ୍ୟ ୨୦୩୬ ସୁଦ୍ଧା ମୋଟ ୧୧,୨୯୪ ମେଗାୱାଟ୍ ବିଦ୍ୟୁତ୍ ଯୋଡ଼ିବାକୁ ଯୋଜନା କରିଛି। ଏଥିରେ ସୌର, ପବନ, ଜଳ ଏବଂ ପମ୍ପଡ୍ ଷ୍ଟୋରେଜ୍ ସାମିଲ୍। ଏଥିରୁ ୩,୯୦୪ ମେଗାୱାଟ୍ ଶକ୍ତି ଉତ୍ପାଦନ ପାଇଁ ପାଇଁ ପୂର୍ବରୁ ଚୁକ୍ତିନାମା ହୋଇସାରିଛି। ଗ୍ରୀଡ୍ ବିଫଳତା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଆଇଲ୍ୟାଣ୍ଡିଂ ଯୋଜନା ମାଧ୍ୟମରେ ଓଡ଼ିଶା ଗ୍ରୀଡ୍ ସ୍ଥିରତା ହାସଲ କରିଛି। ୨୦୩୦ ସୁଦ୍ଧା ରାଜ୍ୟରେ ୨୨୫ଟି ସବଷ୍ଟେସନ୍ ଓ ୨୦,୯୩୯ ସିକେଏମ୍ ଟ୍ରାନ୍ସମିସନ୍ ଲାଇନ୍ ରହିବ ଯାହାର ମୋଟ ପରିବର୍ତ୍ତନ କ୍ଷମତା ୪୫,୩୭୯ ଏମ୍‌ଭିଏ ହେବ। ସେହିପରି ରାଜ୍ୟରେ ନବୀକରଣୀୟ ଶକ୍ତି ନିଷ୍କାସନ କରିଡର ବିକଶିତ କରାଯାଉଛି, ଯେଉଁଥିରେ ହୀରାକୁଦ-କୋଲାବିରା-ଢୁବୁରୀ, ଇନ୍ଦ୍ରାବତୀ-ଥେରୁବାଲି-ଗୋପାଳପୁର, ଥେରୁବାଲି-ଜୟନଗର ୪୦୦କେଭି ଲିଲୋ ଜୟପୁର ପୁଲିଂ ଷ୍ଟେସନଠାରେ, ବାଲିମେଳାରୁ କୋଲାବରୁ ଜୟନଗର ସାମିଲ୍ ରହିଛି। ସେହିପରି ଡିସକମ୍‌ର ଆର୍ଥିକ ସ୍ୱାସ୍ଥ୍ୟ ବିଷୟରେ ଶ୍ରୀ ସିଂହଦେଓ କହିଛନ୍ତି ଯେ ବୈଷୟିକ ଓ ବାଣିଜ୍ୟ କ୍ଷତି ଆର୍ଥିକ ବର୍ଷ ୨୦୨୧ରେ ୨୯.୫ ପ୍ରତିଶତରୁ ଆର୍ଥିକ ବର୍ଷ ୨୦୨୫ ମଧ୍ୟରେ ୧୬.୫ ପ୍ରତିଶତକୁ ହ୍ରାସ ପାଇଛି।

### ମଣ୍ଡିରେ ଅବ୍ୟବସ୍ଥା

## ଧାନବସ୍ତା ପକାଇ ରାସ୍ତା ରୋକିଲେ ଚାଷୀ



ଅତାବିରା,୨୪।୬ (ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ୫ ଦିନ ପରେ ଦେଢ଼ମାସ ପୂରିବ। କିନ୍ତୁ ଏହାସତ୍ତ୍ୱେ ଜିଲ୍ଲାରେ ଧାନ କିଣାବିକା ସମସ୍ୟାରେ ପୂର୍ଣ୍ଣଚ୍ଛେଦ ପଡିବାର ନାଁ ନାହିଁ। ବିକ୍ରି ପାଇଁ ଚାଷୀମାନେ ଧାନ ମଣ୍ଡିରେ ପକାଇ ଜଗିରହିଥିଲେ ମଧ୍ୟ କିଣା ପ୍ରତି କେହି ବି ଗୁରୁତ୍ୱ ଦେଉନାହାନ୍ତି। ଅନ୍ୟପକ୍ଷରେ ମଣ୍ଡିକୁ ଆସିନଥିବା ଧାନ ବେପାରୀଙ୍କ ମାଧ୍ୟମରେ ସିଧାସଳଖ ଜିଲ୍ଲାର କେତେକ ରାଇସ୍ ମିଲକୁ ଯାଉଥିବା ଓ ମଣ୍ଡିରେ ଫଲ୍ସ ଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ିଥିବା ଧାନକୁ ଉଠାଇବା ପାଇଁ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ନିଆଯାଉନଥିବାରୁ ସେମାନେ ଶେଷରେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ତଥାପି ସ୍ଥାନୀୟ ପ୍ରଶାସନ ଓ ଜନ ପ୍ରତିନିଧି ନିର୍ବିକାର ରହୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଅପରପକ୍ଷରେ ମୌସୁମୀ ପ୍ରବେଶ କରିସାରିଥିବାରୁ ନିୟମିତ ବର୍ଷା ଜିଲ୍ଲାର ଚାଷୀଙ୍କ ଚିନ୍ତାକୁ ବହୁଗୁଣିତ କରିଛି। ଏହି କ୍ରମରେ ମଙ୍ଗଳବାର ଜିଲ୍ଲାର ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ମାର୍କେଟ ୟାର୍ଡ ସମ୍ମୁଖରେ ଧାନ ବସ୍ତା ପକାଇ ଚାଷୀମାନେ ୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିବା ଜଣାପଡ଼ିଛି। ଏହି ଆନ୍ଦୋଳନ କାରଣରୁ ବରଗଡ଼- ସମ୍ବଲପୁର ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହାନ ଅଟକି ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ନଥିବା ଜଣାପଡ଼ିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ଅବସରରେ ବିଧାନସଭା ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

### ଗଞ୍ଜାମ ଜିଲ୍ଲାରେ ପୁଣି ଏକ ଦୁଷ୍କର୍ମ ଘଟଣା

## ନକଲି ଡାକ୍ତରଙ୍କ ସମେତ ୩ ଗିରଫ



ବ୍ରହ୍ମପୁର,୨୪।୬(ସଂଚାର ବ୍ୟୁରୋ): ଗଞ୍ଜାମ ଗୋପାଳପୁର ନାବାଳିକା ଦୁଷ୍କର୍ମ ଘଟଣା ନେଇ ତନାଘନା ଚାଲିଥିବା ବେଳେ ଏବେ ଜିଲ୍ଲାରେ ପୁଣିଥରେ ଏକ ଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ନକଲି ଡାକ୍ତର ଭବାନୀ ଶଙ୍କର ଦାଶଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନାନୁସାରେ, ବାଜପେୟୀ ଆରୋଗ୍ୟଧାମ ମାଲିକ ଡା. ଦାଶ ଜଣେ ଉତ୍ତମ ବ୍ୟକ୍ତି ବୋଲି ପୀଡ଼ିତାଙ୍କ ମା'ଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଅଙ୍ଗନବାଡ଼ି କର୍ମୀ କହିଥିଲେ। ପୀଡ଼ିତା ଜଣଙ୍କ ଡାକ୍ତର ହେବାକୁ ଚାହୁଁଥିବା ବେଳେ ଡା. ଦାଶ ତାଙ୍କୁ ବିଏସସି ବିନା ଖର୍ଚ୍ଚରେ ନର୍ସିଂ ବିଷୟରେ ପାଠ ପଢ଼ାଇପାରିବେ ବୋଲି ପୀଡ଼ିତାଙ୍କ ମା'ଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ତେଣୁ ଡା ଦାଶଙ୍କ କଥାରେ ରାଜି ହୋଇ ନାବାଳିକାଙ୍କୁ କୋର୍ଟପେଟା ଛକରେ ଥିବା ରାଜାରାଣୀ ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଥିବା ଆରୋଗ୍ୟଧାମରେ ମା' ଛାଡିଥିଲେ। ତେବେ ପରେ ସେଠାକାର ତୃତୀୟ ମହଲାରେ ଥିବା ୩୦୨ ନମ୍ବର ରୁମରେ ପୀଡ଼ିତାଙ୍କୁ ନିଶା ଦେଇ ଡା. ଦାଶ ଦୁଷ୍କର୍ମ କରିଥିଲେ। ଏନେଇ ପରେ ନାବାଳିକା ଜଣଙ୍କ ତାଙ୍କର ଜଣେ ସମ୍ପର୍କୀୟ ମାଉସୀଙ୍କୁ ଜଣାଇଥିଲେ। ଏନେଇ ଗତକାଲି ଥାନାରେ ମାମଲା ରୁଜୁ ପରେ ପୁଲିସ ଘଟଣାର ତଦନ୍ତ କରି ଉକ୍ତ ନକଲି ଡାକ୍ତରଙ୍କ ଆହୁରି ୨ ଜଣ ମହିଳାଙ୍କୁ ଗିରଫ କରିଛି। ଉକ୍ତ ମହିଳାମାନେ ଭବାନୀଙ୍କୁ ସହଯୋଗ କରିଥିଲେ। ଜଣେ ପରିଚିତ କରାଇଥିବା ବେଳେ ଅନ୍ୟ ଜଣେ ନାବାଳିକାଙ୍କୁ ପାଣି ପିଇବାକୁ ଦେଇଥିଲେ। ତେବେ ତଦନ୍ତ ସମୟରେ ଭବାନୀଙ୍କ ହୋମିଓପ୍ୟାଥିକ ଡାକ୍ତରୀ ସାର୍ଟିଫିକେଟ ମଧ୍ୟ ନକଲ ବୋଲି ଜଣାପଡ଼ିଛି। ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା କହିଛନ୍ତି ବ୍ରହ୍ମପୁର ଏସପି।

### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ



ବ୍ରହ୍ମପୁର,୨୪।୬(ସଂଚାର ବ୍ୟୁରୋ): ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଆଜି କ୍ରାଇମ୍ ବ୍ରାଞ୍ଚ୍ ୬ ଅଭିଯୁକ୍ତଙ୍କୁ ଦୁଇଦିନିଆ ରିମାଣ୍ଡରେ ନେଇଛି। ଏଥିପାଇଁ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟ ଅନୁମତି ଦେଇଛନ୍ତି। ରିମାଣ୍ଡ୍ ଅବଧି ମଧ୍ୟରେ କ୍ରାଇମ୍ ବ୍ରାଞ୍ଚ୍ ଅଭିଯୁକ୍ତମାନଙ୍କୁ ନେଇ କ୍ରାଇମ ସିନ୍‌ର ରିକ୍ରିଏସନ୍ କରିବ। ୧୫ ଦିନ ମଧ୍ୟରେ ତଦନ୍ତ ସାରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିବାକୁ କ୍ରାଇମ୍ ବ୍ରାଞ୍ଚ୍ ଲକ୍ଷ୍ୟ ରଖିଛି। ଗୋପାଳପୁର ବେଳାଭୂମିରେ କ'ଣସବୁ ଘଟିଥିଲା, କେଉଁ ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଲା, ସେନେଇ କ୍ରାଇମ୍ ବ୍ରାଞ୍ଚ୍ ଖୋଳତାଡ଼ କରୁଥିବା ବେଳେ ରାଜ୍ୟରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିବା ଏହି ମାମଲାରେ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ବିଧାନ ଦିଗରେ ବ୍ୟାପକ ପ୍ରମାଣ ଯୋଗାଡ଼ କରିବାକୁ ଉଦ୍ୟମ ଚଳାଇଛି। ଏହି ମାମଲାରେ ୪ ଜଣ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୬ ଜଣଙ୍କୁ କିଛି ଦିନ ପୂର୍ବେ ଜେଲ ଭିତରେ ପୀଡିତା ଜଣଙ୍କ ଟିଆଇ ପରେଡରେ ଚିହ୍ନଟ କରିଥିଲେ। ମାମଲାର ଦ୍ରୁତ ଫଇସଲା ପାଇଁ ଏହାର ବିଚାର ଫାଷ୍ଟଟ୍ରାକ କୋର୍ଟରେ କରାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ସେତିକି ନୁହେଁ, ମାମଲା ପରିଚାଳନା ପାଇଁ ସ୍ୱତନ୍ତ୍ର ତଥା ଜଣେ ଅଭିଜ୍ଞ ସରକାରୀ ଓକିଲଙ୍କୁ ନିୟୋଜିତ କରିବା ପାଇଁ ମଧ୍ୟ କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ରଜ ପର୍ବରେ ନିଜର ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିବା ସମୟରେ ସମ୍ପୃକ୍ତ ଯୁବତୀ ଜଣଙ୍କ ଏହି ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୪ ଜଣ ନାବାଳକ ହୋଇଥିବା ବେଳେ ୬ ଜଣଙ୍କ ଭିତରୁ ୩ ଜଣ ଗଣଦୁଷ୍କର୍ମ କରିଥିଲେ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ ନାଁରେ ପୂର୍ବରୁ ମଧ୍ୟ ୨ଟି ମାମଲା ରହିଛି। ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଓ କୁନାଲ ପ୍ରଧାନ। ୪ ନାବାଳକଙ୍କୁ ୧୭ ବର୍ଷ ହୋଇଥିବାରୁ ସେମାନଙ୍କୁ ସାବାଳକ ଭାବେ ବିଚାର କରି କଠୋର ଦଣ୍ଡ ବିଦାନ ନିମନ୍ତେ କୋର୍ଟଙ୍କୁ ନିବେଦନ କରାଯିବ ବୋଲି ପୂର୍ବରୁ ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ. କହିସାରିଛନ୍ତି।

## କୋରେଇରେ ଭୁଶୁଡ଼ିଲା ବିଜେଡି ଗଡ଼

● ଦଳବଳ ସହ ବିଜେପିରେ ମିଶିଲେ ସରପଞ୍ଚ ଓ ସମିତି ସଭ୍ୟ



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କୋରେଇରେ ବିଜେଡିର ଗଡ଼ ଭୁଶୁଡିଛି। ବିଜେଡି ସହ ଥିବା ସରପଞ୍ଚ ଓ ସମିତିସଭ୍ୟମାନେ ଦଳବଳ ସହ ବିଜେପିରେ ସାମିଲ ହୋଇଛନ୍ତି। କୋରେଇର ବିଜେପି ବିଧାୟକ ଆକାଶଙ୍କ ଉପରେ ସେମାନେ ଆସ୍ଥା ପ୍ରକଟ କରିଥିବା ବେଳେ ଆକାଶ ବି ସେମାନଙ୍କ ସହିତ ଦୃଢ଼ ଭାବେ ଛିଡା ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କୋରେଇ ବିଜେପିର ଏହି ମିଶ୍ରଣ ପର୍ବ ଯାଜପୁର ରାଜନୀତିରେ ହଲଚଲ୍ ସୃଷ୍ଟି କରିଛି। କୋରେଇ ବ୍ଲକର ୪ ଜଣ ସରପଞ୍ଚ, ଜଣେ ସମିତି ସଭ୍ୟଙ୍କ ସହ ଅନ୍ୟ ଦଳର ଶତାଧିକ କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ଡାକରା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୁର୍ନୀତିମୁକ୍ତ ଶାସନରେ ଆକୃଷ୍ଟ ହୋଇ ବିଜେପିରେ ସାମିଲ ହୋଇଛନ୍ତି। ବ୍ୟାସନଗର ପୌର ପରିଷଦର ସଂସ୍କୃତି ଭବନ ପରିସରରେ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ଉପସ୍ଥିତିରେ ବଡବିରୁଆଁ ସରପଞ୍ଚ ତପନ କୁମାର ମାଝୀ, କନ୍ତୋର ସରପଞ୍ଚ ସାରଙ୍ଗଧର ପ୍ରଧାନ, ନାଏବ ସରପଞ୍ଚ ଉସମାନ ଖାଁ, ପଛିକୋଟ ସରପଞ୍ଚ ଗୀତାଞ୍ଜଳୀ ସେଠୀ, ନାଏବ ସରପଞ୍ଚନୀଳମଣି ବେହେରା ପ୍ରମୁଖ ବିଜେପି ହାତ ଧରିଥିଲେ। ଏହି ଅବସରରେ ବିଧାୟକ ବିଜେପି ସାମିଲ ହୋଇଥିବା ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହିତ ବିଜେପି ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ବିଜେଡିର ଏହି ନେତାମାନେ ବିଜେପିରେ ସାମିଲ ହେବା ପରେ କୋରେଇ ନିର୍ବାଚନମଣ୍ଡଳୀରେ ପଦ୍ମଦଳର ସ୍ଥିତି ମଜବୁତ ହେବ। ଦୀର୍ଘଦିନରୁ କୋରେଇକୁ ବିଜେଡିର ଯେଉଁ ଗଡ଼ କୁହାଯାଇଥିଲା ଆଜି ତାହାର ପ୍ରଥମ ପତନ ଘଟିଲା ବୋଲି କୁହାଯାଉଛି । ଆଗାମୀ ଦିନରେ ଏହି ଗଡ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ । ଉଲ୍ଲେଖନୀୟ ଯେ ଗତ ନିର୍ବାଚନରେ କୋରେଇରେ ହାଇଭୋଲଟେଜ ଲଢ଼େଇ ହୋଇଥିବା ବେଳେ ଆକାଶ ବାଜି ମାରିନେଇଥିଲେ। ବିଜେଡି ପ୍ରାର୍ଥୀନୀ ସନ୍ଧ୍ୟାରାଣୀ ଦାସଙ୍କୁ ହରାଇ ଆକାଶ ଏଠାରେ ଏକପ୍ରକାର ଇତିହାସ ରଚିଥିଲେ। କାରଣ ସନ୍ଧ୍ୟାରାଣୀ ବରିଷ୍ଠ ରାଜନେତା ସ୍ୱର୍ଗତଃ ଅଶୋକ ଦାସଙ୍କ ପତ୍ନୀ ଓ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମା'। ବିଜେଡିର ସମସ୍ତ କଳ ବଳ ଆକାଶଙ୍କ ରଣନୀତି ଓ ଲୋକପ୍ରିୟତା ଆଗରେ ଫିକା ପଡିଯାଇଥିଲା। ଏବେ ପୁଣିଥରେ କୋରେଇର ବିଜେଡି ନେତାମାନେ ଯେଭଳି ଆକାଶଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେପିରେ ସାମିଲ ହେଉଛନ୍ତି, ତାହା ଆଗାମୀ ଦିନରେ କୋରେଇରୁ ବିଜେଡିକୁ ନିଶ୍ଚିହ୍ନ କରିଦେବ ବୋଲି ଆଲୋଚନା ହେଉଛି ।

## ଇସ୍ରାଏଲରୁ ଫେରିଲେ ଓଡ଼ିଆ ଛାତ୍ରଛାତ୍ରୀ



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ଯୁଦ୍ଧ ଭୂମିରୁ ଫେରିଲେ ଇସ୍ରାଏଲରେ ଫଶିଥିବା ଓଡ଼ିଆ ଛାତ୍ରଛାତ୍ରୀ । ଭାରତର ଅପରେସନ ସିନ୍ଧୁ ଜରିଆରେ ଇସ୍ରାଏଲରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଛନ୍ତି ଛାତ୍ରଛାତ୍ରୀ । ଓଡ଼ିଶା ମାଟିରେ ପାଦ ଥାପିବା ପରେ କିପରି ଯୁଦ୍ଧଭୂମିର ବଙ୍କର୍ ଭିତରୁ ନିଜ ଜନ୍ମମାଟିରେ ପହଞ୍ଚିଲେ ତା'ର ଭୟଙ୍କର କାହାଣୀ ବଖାଣିଛନ୍ତି। ଖୁସି ବ୍ୟକ୍ତ କରିବା ସହ ଉଦ୍ଧାର ପାଇଁ ଭାରତ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଇରାନ ଓ ଇସ୍ରାଏଲ ଭିତରେ ଯୁଦ୍ଧ ସମୟରେ ମିସାଇଲ୍ ମାଡ଼ର ଶବ୍ଦ ଶୁଣି ଡର ଲାଗୁଥିଲା । କିନ୍ତୁ ଇସ୍ରାଏଲର ଆଣ୍ଟିମିସାଇଲ୍ ସିଷ୍ଟମ୍ ଯୋଗୁ ସେମାନେ ବଞ୍ଚିଯାଇଥିଲେ ।

● ତାଳ କାଟିବା ବେଳେ ଅଘଟଣ

## ବିଦ୍ୟୁତ ସଂସ୍ପର୍ଶରେ ଆସି ମା' ମୃତ, ୩ ଆହତ

ଛତ୍ରପୁର,୨୪।୬(ସଂଚାର ବ୍ୟୁରୋ): ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦପୁର ଗାଁରେ ସଜନା ଗଛ ଡାଳ କାଟି ବାହାର କରୁଥିବା ସମୟରେ ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦମୟନ୍ତୀ ରେଡ୍ଡୀ ନାମ୍ନୀ ମହିଳାଙ୍କର ମୃତ୍ୟୁ ହୋଇଛି। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଝିଅ ବାସନ୍ତୀ ରେଡ୍ଡୀ, ବୁଲି ରେଡ୍ଡୀ (୨୨) ଓ ବାପା ନାରାୟଣ ରେଡ୍ଡୀ ଆହତ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ବାସନ୍ତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଛତ୍ରପୁର ମେଡିକାଲରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କୁ ଛତ୍ରପୁର ମେଡିକାଲକୁ ଅଣାଯାଇଥିଲା ବେଳେ ଦମୟନ୍ତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ନାରାୟଣ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଯାଇଛନ୍ତି। ତେବେ ବୁଲି ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ମେଡିକାଲକୁ ଆସିନାହାନ୍ତି। ଖବର ପାଇ ମେଡିକାଲରେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ପ୍ରଭାବିତ ପରିବାରର ସଦସ୍ୟଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି।

## ପ୍ରବଳ ବର୍ଷାରେ ଦାରିଙ୍ଗବାଡ଼ି ରାସ୍ତା କୁହୁଡ଼ିମୟ




ଦାରିଙ୍ଗବାଡି,୨୪।୬(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡିରେ ଲଘୁଚାପଜନିତ ବର୍ଷାରେ ବେହାଲ ହୋଇପଡ଼ିଛି। କେଉଁଠି ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ଯାତାୟାତ ଠପ୍ ହୋଇଯାଇଥିବା ବେଳେ ଏକାଧିକ ଗାଁ ରାସ୍ତା କର୍ଦ୍ଦମାକ୍ତ ଯୋଗୁ ଯାତାୟାତ ସମସ୍ୟା ବଢ଼ିଛି। ସେହିପରି ମଙ୍ଗଳବାର ମଧ୍ୟାହ୍ନରେ ପ୍ରବଳ ଘନ କୁହୁଡି ଯୋଗୁ ଯାତାୟାତରେ ବାଧାପ୍ରାପ୍ତ ହୋଇଛି। ଦାରିଙ୍ଗବାଡ଼ି ସମେତ ପାଙ୍ଗାଲି, ବ୍ରାହ୍ମଣୀଗାଁ ଯିବା ଘାଟିରାସ୍ତାରେ କୁହୁଡ଼ି ଯୋଗୁ ଗାଡ଼ିମୋଟର ଚଳାଚଳ ଅସୁବିଧା ହେଉଥିବା ଜଣାପଡିଛି। ତେବେ ପର୍ଯ୍ୟଟକମାନେ ଏହି କୁହୁଡ଼ି ଯୋଗୁ ସୁନ୍ଦର ପରିବେଶର ମଜା ନେଉଛନ୍ତି। ଦାରିଙ୍ଗବାଡିର ପର୍ଯ୍ୟଟନ କ୍ଷେତ୍ର ଡୁଲୁରୀ ପାଇନବଣ, ହିଲଭିୟୁ ପାର୍କ, ମିଡିୟୁବ୍ଧା ଏବଂ କିସୁବାଡ଼ି ଜଳପ୍ରପାତରେ କୁହୁଡି ଯୋଗୁ ସୁନ୍ଦର ପରିବେଶ ସୃଷ୍ଟି ହୋଇଥିବା ବେଳେ ପର୍ଯ୍ୟଯକମାନେ ଏହାର ମଜା ନେଉଛନ୍ତି।

## ବନ୍ଧୁକ ମୂନରେ ବ୍ୟାଙ୍କ ଲୁଟ୍

● ହାର୍ଡ ଡିସ୍କ ବି ନେଇଗଲେ

ବାରିପଦା,୨୪।୬(ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲାର କୁଳିଅଣା ଥାନା ଅନ୍ତର୍ଗତ କୁଚେଇ ଗ୍ରାମ୍ୟ ବ୍ୟାଙ୍କରୁ ମଙ୍ଗଳବାର ଦିନଦ୍ୱିପ୍ରହରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ମୂନରେ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଲୁଟିନେବା ସହ ହାର୍ଡଡିସ୍କ ଧରି ଫେରାର୍ ହୋଇଯାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମିଳିଥିବା ସୂଚନାନୁସାରେ, ୫ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ। ସେମାନେ ପରେ ବ୍ୟାଙ୍କରେ ପଶି ସେଠାରେ ଥିବା କର୍ମଚାରୀ ଓ ଗ୍ରାହକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ସହ ଲକ୍ଷାଧିକ ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଥିଲେ। ଏଥିସହ ସେମାନେ ପ୍ରମାଣ ନଷ୍ଟ କରିବା ସକାଶେ ସଙ୍ଗରେ ବ୍ୟାଙ୍କ୍‌ରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କ ମଧ୍ୟ ନେଇଯାଇଛନ୍ତି। ଦୁର୍ବୃତ୍ତମାନେ ଯିବା ସମୟରେ ବ୍ୟାଙ୍କ ଗେଟ୍‌ରେ ତାଲା ପକାଇ ଚମ୍ପଟ୍ ମାରିଥିବାରୁ କର୍ମଚାରୀ ଓ ଗ୍ରାହକମାନେ ଭିତରେ ରହିଯାଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତାଲା ଖୋଲିବା ସହ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କ ସମ୍ପର୍କରେ କୌଣସି ସୁରାକ୍ ମିଳିପାରିନାହିଁ।

## ବିଜେଡି-ବିଜେପି କର୍ମୀ ମୁହାଁମୁହିଁ



ଆଠଗଡ଼,୨୪।୬(ସଂଚାର ବ୍ୟୁରୋ): ପଞ୍ଚାୟତ ବୈଠକ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଉଭୟ ଭାଜପା ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଆଠଗଡ ବ୍ଲକରେ ଆଜି ପଞ୍ଚାୟତ ବୈଠକରେ ଆଠଗଡ ବିଧାୟକ ଯୋଗ ଦେବାର ଥିଲା। ବିଧାୟକ ଯୋଗ ଦେବା ପୂର୍ବରୁ ଉଭୟ କର୍ମୀ ନାରାବାଜି ଦେଇ ବ୍ଲକ ସମ୍ମୁଖରେ ହୋହଲ୍ଲା କରୁଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିରେ ରଖି ପ୍ରଶାସନ ପକ୍ଷରୁ ବିଏନଏସ ୧୬୩ ଧାରା ଲାଗୁ କରାଯାଇଛି। ଘଟଣାସ୍ଥଳରେ ତିନି ପ୍ଲାଟୁନ ପୋଲିସ ଫୋର୍ସ ସମେତ ଜଣେ ଅତିରିକ୍ତ ଏସପି, ୨ ଡିଏସପି ଓ ୮ରୁ ଉର୍ଦ୍ଧ୍ୱ ଆଇଆଇସି ମୁତୟନ କରାଯାଇଛି।

## ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର୍ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

### ପାରମ୍ପରିକ ଚିନ୍ତାଧାରାଠୁ ଆଗକୁ ବଢ଼ିବାକୁ ପଡିବ



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରଙ୍କ ନିମନ୍ତେ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା, କନ୍‌ଫରେନ୍ସ ହଲ୍‌ରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ସହରାଞ୍ଚଳଗୁଡ଼ିକର ସ୍ଥାୟୀ ଓ ସାମଗ୍ରିକ ବିକାଶ ନିମନ୍ତେ ପ୍ରଣୀତ ବିଭିନ୍ନ ସରକାରୀ ଯୋଜନା ଏବଂ ଅଭିଯାନ ସମ୍ପର୍କରେ ଅବଗତ କରାଯାଇଛି। ଏହି ତାଲିମପ୍ରାପ୍ତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକମାନେ ଆଗାମୀ ଦିନରେ ଜିଲ୍ଲା ସ୍ତରରେ କାଉନସିଲର ଓ କର୍ପୋରେଟରଙ୍କୁ ଏହିସବୁ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇପାରିବେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟକର୍ତ୍ତା ଏବଂ ପାଣ୍ଠି (୩ଏଫ୍)ର କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସରକାରୀ ଯୋଜନାଗୁଡ଼ିକ ବାବଦରେ ସଠିକ୍ ସୂଚନା ଜିଲ୍ଲା ସ୍ତରରେ ପହଞ୍ଚାଇବା ପାଇଁ ସେ ମାଷ୍ଟର ଟ୍ରେନରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ସହରାଞ୍ଚଳ ପରିଚାଳନାରେ ଏକ ଆଦର୍ଶଗତ ପରିବର୍ତ୍ତନର ଆବଶ୍ୟକତା ରହିଛି। ଆମକୁ ପାରମ୍ପରିକ ଚିନ୍ତାଧାରାଠାରୁ ଆଗକୁ ବଢ଼ିବାକୁ ପଡ଼ିବ। ଏକ ପ୍ରଗତିଶୀଳ, ଯୋଜନାଚାଳିତ ଓ ନବସୃଜନମୁଖୀ ଆଭିମୁଖ୍ୟ ଅତ୍ୟନ୍ତ ଜରୁରୀ। ପାରମ୍ପରିକ ଆଭିମୁଖ୍ୟଠାରୁ ଆଗକୁ ବଢ଼ିବାର ସମୟ ଏବେ ଉପନୀତ ହୋଇଛି। ଆମର ସହରାଞ୍ଚଳ ବ୍ୟବସ୍ଥା ନବସୃଜନ, ଅନ୍ତର୍ଭୁକ୍ତି ଓ ଭବିଷ୍ୟତ-ପ୍ରସ୍ତୁତିରେ ମୂଳ ହେବା ଆବଶ୍ୟକ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ଏହି ଅବସରରେ ଶ୍ରୀମତୀ ପାଢ଼ୀ ଅଂଶଗ୍ରହଣକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସହଯୋଗ ଓ ଅଙ୍କୁର ଭଳି ପ୍ରମୁଖ ସହରାଞ୍ଚଳ ମିଶନ କାର୍ଯ୍ୟକ୍ରମ ସହ ସକ୍ରିୟ ଭାବେ ଜଡିତ ହୋଇ ପରିବର୍ତ୍ତନର ଭାବନାକୁ ଆଗେଇନେବାକୁ ଆହ୍ୱାନ ଦେଇଥିଲେ। ସହରୀ

## ସାପ କାମୁଡ଼ାରେ ଦେଢ଼ ବର୍ଷର ଶିଶୁକନ୍ୟା ମୃତ

ବାରିପଦା,୨୪।୬(ସଂଚାର ବ୍ୟୁରୋ): ଚାଲିଛି ବର୍ଷା ଋତୁ । ବର୍ତ୍ତମାନ ପ୍ରଜନନାର ଋତୁ । ସାପମାନେ ଖାଦ୍ୟ ଓ ଗାତରେ ପାଣି ପଶୁଥିବାରୁ ସାପମାନେ ବାହାରକୁ ଖାଦ୍ମ ଅନ୍ୱେଷଣରେ ବାହାରୁଛି । କିନ୍ତୁ ଦୁର୍ଗମ ଇଲାକାରେ ବସବାସ କରୁଥିବା ଅଂଚଳୱାସୀ ବିଶେଷତଃ ଆଦିବାସୀମାନେ ସଚେତନ ଅଭାବ ଓ ଗରୀୱତାକୁ ନେଇ ସେମାନେ ଶୋଇବା ପାଇଁ ଖଟ କିଣି ପାରୁ ନାହାଁନ୍ତି । ଯାହାଫଳରେ ଚଟାଣରେ ଶୋଉଛନ୍ତି ଗରୀବ ଗୁରୁବା ଜନସାଧାରଣ । ପାହାଡିଆ ଅଂଚଳରେ ଗୋଖର,ନାଗ,ଚିତି,ରଣା ସାପ ବିଶେଷତଂଃ ଦେଖା ଯାଆନ୍ତି । ଅନ୍ଧାରି ସୁଯୋଗ ଦେଖି ସେମାନେ ଘର ଭିତରେ ପଶି ଯାଆନ୍ତି। ତାଙ୍କ ହାବୁଡ଼ାରେ ଯିଏ ପଡନ୍ତି ସେମାନେ ଦଂଶନ କରିବାକୁ ଛାଡନ୍ତି ନାହିଁ ।ସାପ କାମୁଡ଼ାରେ ୱାମନଘାଟୀ ଉପଖଣ୍ଡରେ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ସୂଚନାଯୋଗ୍ୟ ସୋମବାର ରାତିରେ ତିରିଂ ଥାନା ଅନ୍ତର୍ଗତ ବଡଡାଳିମା ଗ୍ରାମର କାର୍ତ୍ତିକ ସିଂ ପରିବାରଲୋକେ ଖାଇପିଇ ଶୋଇଥିଲେ । ରାତିରେ ଏକ ବିଷାକ୍ତ ସାପ କାର୍ତିକର ଦେଢ ବର୍ଷର କୁନି ଝିଅ ଲକ୍ଷ୍ମୀ ସିଂ କୁ କାମୁଡି ଦେଇଥାଲା ,ଯାହାଫଳରେ ପିଲାଟି କାନ୍ଦି ଉଠିଥିଲା । ପିଲାର କାନ୍ଦ ଶୁଣି ଘର ଲୋକେ ଉଠିପଡ଼ିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଅଟୋରେ ରାଇରଙ୍ଗପୁର ଚିକାତ୍ସାଳୟକୁ ଆଣିଥିଲେ । ଡାକ୍ତର ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପୁଞ୍ଜି ବ୍ୟୟରେ ଓଡ଼ିଶା ପଞ୍ଚମ ଶ୍ରେଷ୍ଠ

**ଭୁବନେଶ୍ୱର, ୨୪।୬(ସଂଚାର ବ୍ୟୁରୋ):** ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି କରିବା ଲାଗି ସରକାର କରୁଥିବା ବ୍ୟୟକୁ ପୁଞ୍ଜି ବ୍ୟୟ କୁହାଯାଏ, ଯାହାର ଦୀର୍ଘକାଳୀନ ଲାଭ ମିଳିଥାଏ। ସେହି ବ୍ୟୟ କରୁଥିବା ଦେଶର ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ଭିତରେ ଓଡ଼ିଶା ରହିଛି। ବ୍ୟାଙ୍କ ଅଫ୍ ବରୋଦାର ଏକ ରିପୋର୍ଟ ଅନୁସାରେ ୨୦୨୫-୨୬ରେ ୨୬ଟି ରାଜ୍ୟ ପୁଞ୍ଜି ବ୍ୟୟ ଆକାରରେ ୧୦.୨ ଲକ୍ଷ କୋଟି ଟଙ୍କା ବ୍ୟୟ କରିବେ। ସେଥିରୁ ପ୍ରାୟ ୫୦ ହଜାର କୋଟି ଟଙ୍କା ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ବ୍ୟୟ କରିବେ। ସେଥିରୁ ୧୬.୯ ପ୍ରତିଶତ ରାଶି ଉତ୍ତରପ୍ରଦେଶ, ୧୦.୯ ପ୍ରତିଶତ ମହାରାଷ୍ଟ୍ର, ୮.୧ ପ୍ରତିଶତ ଗୁଜରାଟ, ୭.୫ ପ୍ରତିଶତ ମଧ୍ୟପ୍ରଦେଶ ଓ ୬.୪ ପ୍ରତିଶତ ଓଡ଼ିଶା ବ୍ୟୟ କରିବ।

ରିପୋର୍ଟ ଅନୁଯାୟୀ, ୨୦୨୪-୨୫ରେ ରାଜ୍ୟଗୁଡ଼ିକ ୮,୭୧,୫୧୪ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଥିଲେ। ୨୦୨୬-୨୭ରେ ସେମାନେ ୧୦,୧୬,୬୫୨ କୋଟି ଟଙ୍କା ବ୍ୟୟ କରିବାକୁ ବଜେଟ୍‌ରେ ଘୋଷଣା କରିଛନ୍ତି।



ଏହି ଦୁଇ ଆର୍ଥିକ ବର୍ଷରେ ଓଡ଼ିଶାର ପୁଞ୍ଜି ବ୍ୟୟ ଯଥାକ୍ରମେ ୫୫, ୩୯୨ କୋଟି ଟଙ୍କା ଓ ୬୫,୦୧୨ କୋଟି ଟଙ୍କା ରହିଛି। ପୂର୍ବବର୍ଷ ତୁଳନାରେ ଓଡ଼ିଶା ପ୍ରାୟ ୧୦ ହଜାର କୋଟି ଟଙ୍କା ଅଧିକ ବ୍ୟୟ କରିବାକୁ ବଜେଟ୍‌ରେ ଘୋଷଣା କରିଛି। ବିଭିନ୍ନ ରାଜ୍ୟର ବଜେଟ୍ ତଥ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି ଯେ ରାଜ୍ୟଗୁଡ଼ିକର ମୋଟ୍ ରାଜସ୍ୱ ପ୍ରାପ୍ତି ୨୦୨୫-୨୬ରେ ୪୯.୭ ଲକ୍ଷ କୋଟି ଟଙ୍କା ରହିବ। ଏଥିରେ ନିଜସ୍ୱ ଅଣ ଟିକସ ରାଜସ୍ୱରେ ଓଡ଼ିଶାର ଭାଗ ସର୍ବାଧିକ ୧୪.୫ ପ୍ରତିଶତ ରହିଛି। ଓଡ଼ିଶା ପଛକୁ ମହାରାଷ୍ଟ୍ର, ତେଲେଙ୍ଗାନା, ତାମିଲନାଡୁ ଓ ରାଜସ୍ଥାନ ରହିଛନ୍ତି। ୨୦୨୫-୨୬ରେ ଅନୁଦାନ ରାଶି ପାଇବାକୁ ଥିବା ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ଭିତରେ ଓଡ଼ିଶା ରହିଛି। ମୋଟ୍ ରାଶିରୁ ଓଡ଼ିଶାକୁ ୬.୪ ପ୍ରତିଶତ ମିଳିବ। ସର୍ବାଧିକ ଅନୁଦାନ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶକୁ ପ୍ରଦାନ କରାଯିବ।

ଦେଶରେ ଓଡ଼ିଶା ସମେତ ୧୩ଟି ରାଜସ୍ୱ ବଳକା ରାଜ୍ୟ ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ହେଉଛି ମଧ୍ୟପ୍ରଦେଶ, ଗୁଜରାଟ, ଛତିଶଗଡ଼, ଝାଡ଼ଖଣ୍ଡ, ସିକିମ୍, ମେଘାଳୟ ଓ ଉତ୍ତରପ୍ରଦେଶ। ରାଜ୍ୟଗୁଡ଼ିକର ଯେଉଁ ପ୍ରତିବଦ୍ଧ ଖର୍ଚ୍ଚ ରହିଛି, ସେଥିରେ ପେନ୍‌ସନ୍ ଉପାଦାନରେ ଓଡ଼ିଶା, ତେଲେଙ୍ଗାନା, ହିମାଚଳପ୍ରଦେଶ, ନାଗାଲ୍ୟାଣ୍ଡ ଓ ବିହାର ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ମଧ୍ୟରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ ରାଜ୍ୟଗୁଡ଼ିକର ୮୯.୬ ପ୍ରତିଶତ ନିଜସ୍ୱ ଟିକସ ଜିଏସ୍‌ଟି, ବିକ୍ରି କର ଓ ଅବକାରୀ ଟିକସରୁ ଆସୁଛି।

### କେଉଁ ରାଜ୍ୟର କେତେ

| ରାଜ୍ୟ | ପୁଞ୍ଜି ବ୍ୟୟ (କୋଟିରେ) |
|---|---|
| ଉତ୍ତରପ୍ରଦେଶ | ୧,୬୫,୨୪୩ |
| ଗୁଜରାଟ | ୯୫,୪୭୨ |
| ମହାରାଷ୍ଟ୍ର | ୮୪,୪୫୭ |
| ମଧ୍ୟପ୍ରଦେଶ | ୮୨,୫୧୩ |
| ଓଡ଼ିଶା | ୬୫,୦୧୨ |

# ଆୟକର ବ୍ୟବସ୍ଥା ଆଣିଲା ଓମାନ୍




**୨୦୨୮ରୁ ପ୍ରଥମ ଗଲ୍ଫ ଦେଶ ଭାବେ କରିବ ଲାଗୁ**

ନୂଆଦିଲ୍ଲୀ, ୨୪।୬: ୨୦୨୮ ଆରମ୍ଭରୁ ଓମାନ ଲାଗୁ କରିବ ଆୟ କର ବ୍ୟବସ୍ଥା। ଏହା କରିବାରେ ଓମାନ ହେବ ପ୍ରଥମ ଗଲ୍ଫ ଦେଶ। ବାର୍ଷିକ ୪୨,୦୦୦ ରିଆଲ୍ ବା ୧୦୯,୦୦୦ ଡଲାର କିମ୍ବା ତଦ୍ଧ୍ୱର୍ ଆୟ ଉପରେ ହିଁ ନୂଆ ୫% ଟିକସ ଲାଗିବ। ଏହାଦ୍ୱାରା ଶୀର୍ଷ ୧% ଆୟକାରୀ ପ୍ରଭାବିତ ହେବେ। ଦେଶର ଅର୍ଥନୀତି ମନ୍ତ୍ରୀ ସାଏଦ୍ ବିନ୍ ମହମ୍ମଦ ଅଲ୍-ସାକ୍ରି କହିଛନ୍ତି ଯେ, ତୈଳ ରାଜସ୍ୱ ଉପରେ ନିର୍ଭରତା କମାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ୬ ରାଷ୍ଟ୍ରଙ୍କୁ ନେଇ ଗଠିତ ଗଲ୍ଫ କୋପରେଶନ୍ କାଉନ୍‌ସିଲ୍(ଜିସିସି)ର କୌଣସି ସଦସ୍ୟ ରାଷ୍ଟ୍ର ଆୟ କର ଲାଗୁ କରି ନ ଥିଲେ।

# ଅଶୋଧିତ ତେଲ ଦର ୧୫୦ ଡଲାରରେ ପହଞ୍ଚିବ !

ନୂଆଦିଲ୍ଲୀ, ୨୪।୬: ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନାକୁ ନଜରରେ ରଖି ପ୍ରମୁଖ ଜଳପଥ ହୋର୍ମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ଇରାନ ନିଷ୍ପତ୍ତି ନେଇଛି। ଏହାର ପ୍ରଭାବରେ ତୈଳ ପରିବହନ ଗୁରୁତର ଭାବେ ପ୍ରଭାବିତ ଏବଂ ଅଶୋଦିତ ତୈଳର ବ୍ୟାରେଲ୍ ପିଛା ଦର ଆଗାମୀ କିଛି ଦିନ ଭିତରେ ୧୫୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବା ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ଏହାର ଦାମ୍ ୮୦ ଡଲାର ପାଖାପାଖି ରହିଛି। ଯଦି ଅଶୋଧିତ ତେଲ ଦର ବୃଦ୍ଧି ଅନୁସାରେ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ୍ ଓ ଡିଜେଲ୍ ଦର ବଢ଼ାଇବାକୁ ନିଷ୍ପତ୍ତି ନେବେ ତେବେ ପେଟ୍ରୋଲ୍‌ର ଲିଟର ପିଛା ଦାମ୍ ୧୨୦ ଟଙ୍କାକୁ ବୃଦ୍ଧି ପାଇବା ଆଶଙ୍କା ରହିଛି। କିନ୍ତୁ, ଅଶୋଧିତ ତୈଳ ଦର କମ୍ ଥିବା ବେଳେ ଯେହେତୁ କମ୍ପାନିଗୁଡ଼ିକ ଦାମ୍ କମ୍ କରିନଥିଲେ, ତେଣୁ ଦରବୃଦ୍ଧି ବେଳେ ସେମାନେ ଦାମ୍ ବଢ଼ାଇବାର ଆଶଙ୍କା ମଧ୍ୟ କମ୍ ରହିଛି। ଇତି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକୁ ଦର ନ ବଢ଼ାଇବା ଲାଗି ଧମକ ଦେଇଛନ୍ତି।




# ଡିଅନ୍ ଗ୍ରୁପ୍‌ର 'କୋଡ୍‌ନେମ୍ ନ୍ୟୁଟାଉନ୍' ପାଇଁ ବ୍ୟାଙ୍କର୍ସ ମିଟ୍



**ଭୁବନେଶ୍ୱର, ୨୪।୬:** ଡିଅନ୍ ଗ୍ରୁପ୍ ପକ୍ଷରୁ ତ୍ରୀଶୂଳିଆରେ ନିର୍ମାଣ ହେବାକୁ ଥିବା 'କୋଡ୍‌ନେମ୍ ନ୍ୟୁଟାଉନ୍' ପ୍ରକଳ୍ପକୁ ନେଇ ଏକ ବ୍ୟାଙ୍କର୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ରଣୀ ବ୍ୟାଙ୍କଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବହୁ ବ୍ୟାଙ୍କ ଗୃହ ଋଣ ଓ ପ୍ରକଳ୍ପ ଉପରେ ଆଗ୍ରହ ପ୍ରକାଶ କରିଥିଲେ। କୋଡ୍‌ନେମ୍ ନ୍ୟୁଟାଉନ୍ ହେଉଛି ରାଜ୍ୟର ପ୍ରଥମ ପ୍ରିମିୟମ୍ ସମନ୍ୱିତ ନଦୀପାର୍ଶ୍ୱ ଟାଉନ୍‌ସିପ୍। ଏହାକୁ ୧୨ ଏକର ଜମିରେ ନିର୍ମାଣ କରାଯିବ ଓ ସେଥିରେ ୯୫୨ଟି ଆପାର୍ଟମେଣ୍ଟ ରହିବ। ପ୍ରତି ଆପାର୍ଟମେଣ୍ଟରୁ ନଦୀ ଦେଖାଯିବ। ଏହି ପ୍ରକଳ୍ପରେ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍, ତାରକା ହୋଟେଲ୍, ବଡ଼ ସପିଂ ମଲ୍, ମଲ୍ଟିପ୍ଲେକ୍ସ, ୨୯ ହଜାର ବର୍ଗଫୁଟର କ୍ଲବ୍ ହାଉସ୍, ବାଙ୍କୁଏଟ୍ ହଲ୍, କ୍ରୀଡ଼ା ଜୋନ୍ ରହିବ। ପ୍ରକଳ୍ପରେ ୨,୩ ଓ ୪ ବିଏଚ୍‌କେର ପ୍ରିମିୟମ୍ ଆପାର୍ଟମେଣ୍ଟ ନିର୍ମାଣ କରାଯିବ। ଏହି ପ୍ରକଳ୍ପର ପ୍ରାକ୍ ବୁକିଂ ଆରମ୍ଭ ହୋଇଥିବା ବେଳେ ତାହାକୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଦୁଇ ମାସ ଭିତରେ ୧୨୭ଟି ବୁକିଂ ହୋଇଛି।

## ସେପ୍ଟେମ୍ବର ସୁଦ୍ଧା ସରିବ ମୁମ୍ବାଇ-ଝାରସୁଗୁଡ଼ା ଗ୍ୟାସ୍ ପାଇପ୍‌ଲାଇନ୍

**ନୂଆଦିଲ୍ଲୀ, ୨୪।୬:** ଗେଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ସୂଚିତ କରାଯାଇଛି ଯେ ୧୭୦୨ କିଲୋମିଟର ବ୍ୟାପୀ ମୁମ୍ବାଇ-ନାଗପୁର-ଝାରସୁଗୁଡ଼ା ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପ କାର୍ଯ୍ୟକୁ ନିର୍ଧାରିତ ସମୟ ପୂର୍ବରୁ ଶେଷ କରାଯିବ। ଏହି ପ୍ରକଳ୍ପକୁ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ପ୍ରାୟ କାମ ଶେଷ ହୋଇଯାଇଥିବାରୁ ଏହି ପ୍ରକଳ୍ପ ଜୁନ୍ ୩୦ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବା ଆଶା କରାଯାଉଛି। ପ୍ରକଳ୍ପର ଅଂଶ ଥିବା ୬୯୩ କିମି ବିଶିଷ୍ଟ ମୁମ୍ବାଇ-ନାଗପୁର ସେକ୍ସନର ମାତ୍ର ଗୋଟିଏ କିମି କାମ ବାକି ଅଛି। ସେହିପରି ୬୯୨ କିମି ବିଶିଷ୍ଟ ନାଗପୁର-ଝାରସୁଗୁଡ଼ା ପାଇପ୍‌ଲାଇନ୍‌ର ୯୮ ପ୍ରତିଶତ କାମ ଶେଷ ହୋଇସାରିଛି। ଏହି ପ୍ରକଳ୍ପରେ ୭୮୪୪.୨୫ କୋଟି ଟଙ୍କା ନିବେଶ ହେବ ବୋଲି ଯୋଜନା ହୋଇଥିଲା। ମାତ୍ର ସଂଶୋଧିତ ଯୋଜନା ଅନୁସାରେ ଖର୍ଚ୍ଚ ୪୧୧.୧୨ କୋଟି ଟଙ୍କା ବୃଦ୍ଧି ପାଇ ୮୨୫୫.୩୭ କୋଟି ଟଙ୍କା ହେବ। ସେହିପରି, ଶ୍ରୀକାକୁଲମ-ଅନୁଗୁଳ ପାଇପ୍‌ଲାଇନ୍ କାମ ଜୁନ୍‌ରେ ସରିବା ବଦଳରେ ଡିସେମ୍ବର ପର୍ଯ୍ୟନ୍ତ ବଢ଼ିଯିବା ଆଶା କରାଯାଉଛି।

# ଇପିଏଫଓ ଅଟୋସେଟେଲମେଣ୍ଟ ଲିମିଟ୍ ୫ ଲକ୍ଷକୁ ବୃଦ୍ଧି

ନୂଆଦିଲ୍ଲୀ: ଇପିଏଫଓ ସବସ୍କ୍ରାଇବରମାନଙ୍କ ପାଇଁ ଏକ ଖୁସି ଖବର। ଇପିଏଫଓ ଆଗୁଆ ଦାବି ପାଇଁ ଅଟୋ-ସେଟେଲମେଣ୍ଟ ସୀମା ୧ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହା ଇପିଏଫଓ ସଦସ୍ୟମାନଙ୍କୁ ବିଶେଷକରି ଜରୁରୀ ଆବଶ୍ୟକତା ସମୟରେ ପାଣ୍ଠିର ଶୀଘ୍ର ଉପଲବ୍ଧତା ପାଇବାକୁ ସକ୍ଷମ କରିବ। କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିୟ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ପ୍ରମୁଖ ସେବା ବୃଦ୍ଧି ଲକ୍ଷ ଲକ୍ଷ ସଦସ୍ୟଙ୍କୁ ଲାଭ ଦେବାର ଆଶା କରାଯାଉଛି। ସଦସ୍ୟମାନଙ୍କୁ ଶୀଘ୍ର ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଇପିଏଫଓ ପ୍ରଥମ ଥର ପାଇଁ ଅଗ୍ରିମ ଦାବିର ସ୍ୱୟଂ-ସେଟେଲମେଣ୍ଟ ଆରମ୍ଭ କରିଛି। ଇପିଏଫଓ ସଂପର୍କିତ ଆଉ ଏକ ଖବର ଅନୁସାରେ ଗତ ଏପ୍ରିଲ ମାସରେ ଇପିଏଫଓ ପ୍ରାୟ ୧୯ ଲକ୍ଷ ନୂଆ ସବସ୍କ୍ରାଇବର ସଂଯୋଗ କରିଥିଲା। ଏହା ଏପ୍ରିଲ ୨୦୨୪ ତୁଳନାରେ ପ୍ରାୟ ୧.୧୭% ଅଧିକ। ଏହାର ଅର୍ଥ ହେଉଛି ସଂଗଠିତ କ୍ଷେତ୍ରରେ ପ୍ରାୟ ୧୯ ଲକ୍ଷ ଲୋକ ପ୍ରବେଶ କରିଛନ୍ତି।

# କେମ୍ବ୍ରିଜ୍ ଚେକ୍‌ପଏଣ୍ଟ ୨୦୨୫ରେ ଓକ୍ରିଜ୍ ଛାତ୍ରଛାତ୍ରୀଙ୍କ ସଫଳତା



ବିଶାଖାପାଟଣା, ୨୩/୬: କେମ୍ବ୍ରିଜ୍ ଚେକ୍‌ପଏଣ୍ଟ୍ ୨୦୨୫ ଅନୁଶୀଳନରେ ଓକ୍ରିଜ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ପ୍ରାଥମିକ ଓ ନିମ୍ନ ମାଧ୍ୟମିକ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଜ୍ଞାନ ଓ ଗଣିତରେ ସେମାନେ ଅନ୍ତର୍ଜାତୀୟ ହାରାହାରି ସ୍ତରକୁ ଅତିକ୍ରମ କରି ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଜେନ୍ୟା ସାଲାଦୁଲା ଇଂରାଜୀ, ଗଣିତ ଓ ବିଜ୍ଞାନରେ ୫୦ରୁ ୫୦ ମାର୍କ ରଖିଛନ୍ତି। ଶୈଳୀ ଗନ୍ତା ୫୦ରୁ ୪୮ ନମ୍ବର ରଖିଛନ୍ତି। କଲ୍ୟାଣୀ ଝା ବିଜ୍ଞାନରେ ୫୦ରୁ ୫୦ ମାର୍କ ରଖିଛନ୍ତି। ରିଆ ମହାଲକ୍ଷ୍ମୀ ପିନାପତୁର୍ଣ୍ଣି ୫୦ରୁ ୪୦ ନମ୍ବର ରଖିଛନ୍ତି।ଏ ସମ୍ପର୍କରେ ସ୍କୁଲ୍‌ର ଅଧ୍ୟକ୍ଷା ଶୈଳା ଭାମିଡିପତି କହିଛନ୍ତି ଯେ ଏହି ସଫଳତା ଆମ ଛାତ୍ରଛାତ୍ରୀଙ୍କ ସମର୍ପଣ, ସ୍ଥିରତା ଓ ଶିକ୍ଷାଗତ ଉତ୍କର୍ଷ ହାସଲ କରିବାର ପ୍ରତିଫଳନ। ଆମେ ଆମ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ମଧ୍ୟ ଗର୍ବିତ, ଯେଉଁମାନେ ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଉଛନ୍ତି। ଓକ୍ରିଜ୍‌ରେ ଆମେ ଭବିଷ୍ୟତ ଲାଗି ପ୍ରସ୍ତୁତ ବିଶ୍ୱସ୍ତରୀୟ ନାଗରିକ ଗଠନ କରିବା ଉପରେ ବିଶ୍ୱାସ କରୁଛୁ। ଏହି ସଫଳତା ସେହି ବିଶ୍ୱାସକୁ ଦୃଢ଼ କରିଛି ବୋଲି ସେ କହିଛନ୍ତି।

# ବାସୁମତୀ ଚାଉଳକୁ ପ୍ରଭାବିତ କଲା ଇରାନ-ଇସ୍ରାଏଲ ଯୁଦ୍ଧ

**ନୂଆଦିଲ୍ଲୀ,୨୩।୬:** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦର ପ୍ରଭାବ ଏବେ ଭାରତର ବାସୁମତୀ ଚାଉଳ ଶିଳ୍ପ ଉପରେ ଦେଖାଯାଉଛି। ଇରାନକୁ ପଠାଯିବାକୁ ଥିବା ପ୍ରାୟ ୧ ଲକ୍ଷ ଟନ୍ ବାସୁମତୀ ଚାଉଳ ଗୁଜୁରାଟର କାଣ୍ଡଲା ଏବଂ ମୁନ୍ଦ୍ରା ବନ୍ଦରରେ ଫସି ରହିଛି। କାରଣ ଇରାନ ପାଇଁ ନା ପରିବହନ ଜାହାଜ ଉପଲବ୍ଧ ଅଛି ନା ବୀମା କମ୍ପାନୀଗୁଡ଼ିକ ସେହି ପରିବହନକୁ କଭର କରୁଛନ୍ତି। ଇରାନ୍ ଭାରତର ଦ୍ୱିତୀୟ ବୃହତମ ଗ୍ରାହକ: ସାଉଦି ଆରବ ଭାରତରୁ ବାସୁମତୀ ଚାଉଳ ଆମଦାନୀ କରିବା କ୍ଷେତ୍ରରେ ସବୁଠାରୁ ବଡ଼ ଗ୍ରାହକ ହୋଇଥିବା ବେଳେ ଇରାନ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ମାର୍ଚ୍ଚ ସୁଦ୍ଧା, ଭାରତ ଇରାନକୁ ପ୍ରାୟ ୧୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଥିଲା। ଏଥିମଧ୍ୟରୁ, ବର୍ତ୍ତମାନ ୧୮-୨୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ ଲକ୍ଷ ଟନ୍ ଚାଉଳ ବନ୍ଦରଗୁଡ଼ିକରେ ଫସି ରହିଛି। ପିଟିଆଇରେ ଦେଇଥିବା ଏକ ସାକ୍ଷାତକାରରେ ଅଲ୍ ଇଣ୍ଡିଆ ରାଇସ୍ ଏକ୍ସପୋର୍ଟର୍ସ ଆସୋସିଏସନ୍‌ର ସଭାପତି ସତୀଶ ଗୋୟଲ୍ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ, ଏହା ବ୍ୟବସାୟୀମାନଙ୍କ ପାଇଁ ଏକ ବଡ଼ କ୍ଷତି ହୋଇପାରେ। ଜାହାଜ ମିଳୁନି କି ବୀମା ମିଳୁନି: ସତୀଶ ଗୋୟଲ ପିଟିଆଇକୁ କହିଛନ୍ତି ଯେ ବର୍ତ୍ତମାନ ଇରାନ ପାଇଁ କୌଣସି ଜାହାଜ ଉପଲବ୍ଧ ନାହିଁ ଏବଂ ବୀମା କଭରେଜ୍ ମଧ୍ୟ ଉପଲବ୍ଧ ନାହିଁ। ପ୍ରକୃତରେ, ଯୁଦ୍ଧ ପରି ପରିସ୍ଥିତିରେ ଅନ୍ତର୍ଜାତୀୟ ବୀମା ପଲିସିଗୁଡ଼ିକ କଭରେଜ୍ ପ୍ରଦାନ କରୁ ନାହିଁ ଏବଂ ଏହି କାରଣରୁ ବ୍ୟବସାୟୀମାନଙ୍କୁ ଚାଉଳ ପଠାଯିବାକୁ ଅନୁମତି ଦିଆଯାଉନାହିଁ। ଏବେ କେବଳ ଚାଉଳ ଅଟକି ଯାଇଛି ତାହା ନୁହେଁ, ବରଂ ଦେୟ ଅନିଶ୍ଚିତତା ମଧ୍ୟ ବୃଦ୍ଧି ପାଇଛି। ଘରୋଇ ବଜାରରେ ହ୍ରାସ ପାଉଛି ମୂଲ୍ୟ: ଏହି ପରିସ୍ଥିତିର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ଦେଖାଯାଉଛି। ବାସୁମତୀ ଚାଉଳର ମୂଲ୍ୟ କିଲୋ ପିଛା ୪ ରୁ ୫ ଟଙ୍କା ହ୍ରାସ ପାଇଛି। ଯେହେତୁ ଚାଉଳ ବିଦେଶକୁ ଯାଉନାହିଁ, ତେଣୁ ସ୍ଥାନୀୟ ଯୋଗାଣ ବୃଦ୍ଧି ପାଇଛି ଏବଂ ଏହା ଯୋଗୁଁ ମୂଲ୍ୟ ହ୍ରାସ ପାଉଛି। ବ୍ୟବସାୟୀମାନେ




## ହ୍ରାସ ପାଇଲା କିଲୋଗ୍ରାମ ପିଛା ମୂଲ୍ୟ

ଭୟ କରୁଛନ୍ତି ଯେ ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିପାରେ, ବିଶେଷକରି ଯେଉଁ ବ୍ୟବସାୟୀମାନେ ଇରାନ ସହିତ ଚୁକ୍ତି ଚୂଡ଼ାନ୍ତ କରିସାରିଛନ୍ତି। କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରିବାକୁ ପ୍ରୟାସ: ପରିସ୍ଥିତିର ଗମ୍ଭୀରତାକୁ ବିଚାର କରି, ଅଖିଳ ଭାରତୀୟ ଚାଉଳ ରପ୍ତାନିକାରୀ ସଂଘ ଏପିଇଡିଏ ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସହିତ ନିରନ୍ତର ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗରେ ଜୁନ୍ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଏକ ବୈଠକ ପ୍ରସ୍ତାବିତ ହୋଇଛି। ଏହି ବୈଠକରେ କେବଳ ବର୍ତ୍ତମାନର ସଙ୍କଟ ଉପରେ ଆଲୋଚନା ହେବ ନାହିଁ, ବରଂ ଭବିଷ୍ୟତରେ ଏପରି ପରିସ୍ଥିତିକୁ ରୋକିବା ପାଇଁ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇପାରେ।

## ଉଠାଣିରେ ସୁନା ଦର



ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯,୮୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ହଜାର ୫୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯,୮୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୫୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯, ୮୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୦୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯, ୮୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୮୭୦ ଓ ୯୧, ୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୯ , ୦୦୦ ଟଙ୍କା ହୋଇଛି।

## ଉଠାଣିରେ ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ମିନି ଷ୍ଟାଡିୟମ ଓପନ ଜିମ୍ ପରିସରରେ ଗଡୁଛି ମଦ ବୋତଲ

# ଚିନ୍ତାରେ ପ୍ରାତଃ ଭ୍ରମଣକାରୀ

**ହିଞ୍ଜିଳିକାଟୁ,୨୪।୬ (ସଂଚାର ବ୍ୟୁରୋ):** ଯୁଆଡେ ଦେଖିଲେ ମଦ ବୋତଲ । କେଉଁଟି ଭଙ୍ଗା ପଡିଛି ତ ଆଉ କେଉଁଟି ପଲିଥିନରେ ଭର୍ତ୍ତି କରି ଥୋଇ ଦିଆଯାଉଛି । ଏ ଚିତ୍ର ହେଉଛି ହିଞ୍ଜିଳିକାଟୁ ମିନିଷ୍ଟାଡିୟମ ସ୍ଥିତ ଓପନ ଜିମ୍ ପରିସରର । ଏହି ପ୍ରମୁଖ ପଡିଆ ଏବେ ତାର ମୂଳ ଲକ୍ଷ୍ୟଠୁ ଦୂରେଇବାରେ ଲାଗିଛି ।

ଉକ୍ତ ସହରର କ୍ରିକେଟର କଥା କହୁଥିବା ଏହି ପଡିଆ ଏବେ ସଞ୍ଜ ନଇଁଲେ ପାଲଟି ଯାଉଛି ଏକ ପ୍ରକାର ଓପନ୍ ବାର । ରାତି ସାରା ପଡିଆ ଗେଟ ମୁକୁଳା ପଡୁଥିବାରୁ ଲୋକଙ୍କ ଅବାଧ ଯାତାୟାତ କରୁଛନ୍ତି । ଜଗିବାକୁ କି କହିବାକୁ କେହି ନଥିବାରୁ କେବଳ ଅସାମଜିକ ଆଡ୍ଡା ଜମୁଥିବା ବେଳେ ପଡିଆ ତାର ପୂର୍ବ ଗାରିମା ହରାଇବା ସହ କ୍ରୀଡା ଭିତ୍ତିଭୂମି ମାଟିରେ ମିଶିବାକୁ ବସିଲାଣି। ଏହି ପଡିଆରେ ଉକ୍ତ ସହର ସମେତ ଏହାର ଆଖପାଖର ବହୁ ଛାତ୍ର ଓ ବୟସ୍କ ବ୍ୟକ୍ତି ମାନେ ଦୈନିକ ପ୍ରାତଃ ଭ୍ରମଣରେ ଆସନ୍ତି । ପ୍ରଶାସନ ବି ଏଠାରେ ବ୍ୟାୟାମ ପାଇଁ ଆସୁଥିବା ଲୋକ ମାନଙ୍କ ପାଇଁ ମୁକ୍ତାକାଶ ବ୍ୟାୟାମଶାଳା ଖୋଲିଛି। କିନ୍ତୁ ସଞ୍ଜ ନଇଁବା ପରେ ଅନ୍ଧାରର ସୁଯୋଗରେ ଏହି ପଡିଆରେ ବହୁ ଆସାମାଜିକ ଯୁବକଙ୍କ ଭିଡ ଜମୁଛି। ନିୟମିତ ଭାବରେ ଏହି ଯୁବକ ମାନେ ଦଳ ବଳ ହୋଇ ପଡିଆରେ ବସି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ସେବନ କରୁଛନ୍ତି। ନିଶା ସେବନ ପରେ ସେମାନେ ବ୍ୟବହାର କରିଥିବା ମଦ ବୋତଲ , ପାଣି ପାଉଚ, ପ୍ଲାଷ୍ଟିକ୍ ଗ୍ଲାସ୍ ସେଇ ପଡିଆରେ ପକାଇ ପଳାଉଛନ୍ତି। ପଡିଆର ବିଭିନ୍ନ ସ୍ଥାନରେ ଏହି ପରିତ୍ୟକ୍ତ ନିଶା ସାମଗ୍ରୀର ଦୃଶ୍ୟ ଦେଖିବାକୁ ମିଳୁଛି।

ସକାଳ ହେଲେ ପଡିଆକୁ ଶାରୀରିକ ବ୍ୟାୟାମ୍ ପାଇଁ ଆସୁଥିବା ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏହି ଦୃଶ୍ୟ ଦେଖି ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରୁଛନ୍ତି । ତେଣୁ ଏହି ସୁନ୍ଦର ପଡିଆର ସ୍ୱତନ୍ତ୍ରତା କିପରି ରକ୍ଷା ହୋଇପାରିବ, ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବହୁ କ୍ରୀଡାପ୍ରେମୀ ଦାବି କରିଛନ୍ତି ।



## ବର୍ଷାପାଣିରେ ଯୋଗାଣ ଅଧିକାରୀ ଓ ମିଶନଶକ୍ତି କାର୍ଯ୍ୟାଳୟର ରେର୍କଡ ନଷ୍ଟ

**କଣାସ, ୨୪।୬ (ସଂଚାର ବ୍ୟୁରୋ):** କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉପରମହଲ୍ଲାରେ ଥିବା ଯୋଗାଣ ବିଭାଗ ଅଧିକାରୀ ଓ ମିଶନଶକ୍ତି ବିଭାଗର କାର୍ଯ୍ୟାଳୟରେ ଛାତରୁ ବର୍ଷା ପାଣି ଗଳୁଥିବାରୁ ଦୁଇ କାର୍ଯ୍ୟାଳୟରେ ଥିବା ରେର୍କଡପତ୍ର ବର୍ଷାପାଣିରେ ବୁଡି ନଷ୍ଟ ହେଉଥିଲେ ମଧ ଏହା କିପରି ଅଧିକାରୀମାନଙ୍କର ଦୃଷ୍ଟିଗୋଚର ହେଉନାହିଁ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ଉକ୍ତ କାର୍ଯ୍ୟାଳୟର କର୍ମଚାରୀମାନେ କହିନାହାନ୍ତି। ମୁଁ ଦେଖୁଛି ବର୍ଷା ସମୟରେ କିପରି ପାଣି ଅଫିସ୍‌କୁ ପଶୁଛି, ପାଣି ପସିବାର ବାଟ ବନ୍ଦ କରାଯିବ।



## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

**ଫୁଲବାଣୀ, ୨୪।୬ (ସଂଚାର ବ୍ୟୁରୋ):** ବିଜେପି ଫୁଲବାଣୀ ଗ୍ରାମୀଣ ମଣ୍ଡଳ ତରଫରୁ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ବଳିଦାନ ଦିବସ ପାଳିତ ହୋଇଯାଇଛି। ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁରଙ୍କ ପୌରୋହିତ୍ୟରେ ଗୁମାଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ବକ୍ତା ଭାବେ ଯୋଗଦେଇ ମହାନ୍ ରାଷ୍ଟ୍ରଭକ୍ତ,ପ୍ରବୀଣ ଶିକ୍ଷାବିତ୍, ଜନସଂଘର ସଂସ୍ଥାପକ ଡ. ଶ୍ୟାମାପ୍ରସାଦଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସାଧାରଣ ସମ୍ପାଦକ ଲଳିତ କୁମାର ଦିଗାଲ, ବିଧାୟକଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି କରୁଣା କର ସାହୁ, ଗୁମାଗଡ଼ ଗ୍ରାମ ପଞ୍ଚାୟତ ପ୍ରମୁଖ ରାମଚନ୍ଦ୍ର କହଁର, ରାଜେଶ ଦିଗାଲ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ସ୍ମୃତିଚାରଣ କଲେ ବିଜେପି କର୍ମକର୍ତ୍ତା



**ଭବାନୀପାଟଣା, ୨୪।୬ (ସଂଚାର ବ୍ୟୁରୋ):** ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲା କୋକସରା ଭାରତୀୟ ଜନତା ପାର୍ଟି ଆମପାଣି ମଣ୍ଡଳ ପକ୍ଷରୁ ଡେଙ୍ଗାଗୁଡା ଧାନ ମଣ୍ଡି ଠାରେ ଜନ ନାୟକ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀ ଙ୍କ ବଳିଦାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତା ମାନେ ଡ଼. ମୁଖାର୍ଜୀ ଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର ଙ୍କ ସଭାପତିତ୍ୱରେ ବରିଷ୍ଠ ନେତା ଗରୁଡ଼ ଧ୍ୱଜ ମାଝୀ, ନକୁଳ ନାଏକ, ସାଧାରଣ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ପୁଝାରି, ତୁଳାରାମ ନାଏକ, ଚକ୍ରଧର ବେଶ୍ରା, ମକରନ୍ଦ ବାଗ, ସନାତନ ସୁନାନୀ, ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା,ନାରିନେତ୍ରୀ ଧରିତ୍ରୀ ବାଗ, ପ୍ରାଞ୍ଜଳି ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଡ଼. ମୁଖରେ ଙ୍କ ସ୍ମୃତି ଚାରଣ ସହ ତାଙ୍କ ଦେଇଥିବା ମାର୍ଗ ଦର୍ଶନରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

## କଣାସ ଥାନାଧିକାରୀଙ୍କୁ ବଡାସ ଗ୍ରାମବାସୀଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା



**କଣାସ, ୨୪।୬ (ସଂଚାର ବ୍ୟୁରୋ):** କଣାସ ଥାନାରେ ୭ମାସ ତଳେ କାର୍ଯ୍ୟରେ ଯୋଗଦେଇଥିବା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ଯୁଝାରସିଂହ ଆସନ୍ତା ୩୦ତାରିଖ ଦିନ ଅବସର ନେଉଥିବାରୁ ତାଙ୍କର ଲୋକପ୍ରିୟତା ଯୋଗୁଁ ଆଜି କଣାସ ବ୍ଲକ ବଡାସ ଗ୍ରାମପଞ୍ଚାୟତର ବାବା ବୈଦ୍ୟନାଥ ଦେବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୈଦ୍ୟନାଥଙ୍କ ପୀଠରେ ସମ୍ବର୍ଦ୍ଧିତ କରାଯାଇଛି। ଚାରି ଟେବୁଲ୍ ଟ୍ରଷ୍ଟର ସଭାପତି ହାଡିବନ୍ଧୁ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧିନା ସଭାରେ କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ମହାରାଜ, ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକ, ବଡାସ ଗ୍ରାମ୍ୟ କମିଟି ସଭାପତି ସୁବଧ କୁମାର ଦାଶ, ଅବସର ନେବାକୁ ଯାଉଥିବା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ଯୁଝାରସିଂହ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ୭ମାସ ଧରି ଭାରପ୍ରାପ୍ତ ଅଧିକାରୀଙ୍କ କାର୍ଯ୍ୟକଳାପକୁ ଭୁରିଭୁରି ପ୍ରଂଶସା କରିବା ସହିତ ନିକଟରେ ଅନୁଷ୍ଠିତ ହୋଇଥିବା ଦଶଦୋଳ ମେଳଣରେ ଆଇନ୍ ଶୃଙ୍ଖଳା ରକ୍ଷା କରିବାର ପ୍ରଂଶସା କରିଥିଲେ। ଶ୍ରୀଯୁଝାରସିଂହଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଟ୍ରଷ୍ଟର କର୍ମକର୍ତ୍ତମାନେ ପ୍ରଦାନ କରି ତାଙ୍କ ଦୀର୍ଘମୟ ଜୀବନ କାମନା କରିଥିଲେ। ଏହି ସଭାରେ ବଡାସ ସରପଞ୍ଚ ବ୍ରଜବନ୍ଧୁ ପାଢ଼ୀ, ପୂର୍ବତନ ସରପଞ୍ଚ ବଳରାମ ପଲାଇ, ପୋଲିସ୍ ଅଧିକାରୀ ସର୍ବେଶ୍ୱର ପରିଡ଼ା, ଟ୍ରଷ୍ଟର ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ବିଏସଏଫ କ୍ୟାମ୍ପ ପରିଦର୍ଶନ କଲେ ସିଦ୍ଧାନ୍ତ ମହାପାତ୍ର

**ଜୟପୁର, ୨୪।୬ (ସଂଚାର ବ୍ୟୁରୋ):** ଭାରତୀୟ ସେନା ବାହିନୀ ଯବାନଙ୍କୁ ଭେଟିଲେ ସିଦ୍ଧାନ୍ତ ମହାପାତ୍ର। ଆଜି ପ୍ରାୟ ୪ଟା ସମୟରେ ସେଠାରେ ପହଞ୍ଚି ସେ ବିଏସ୍‌ଏଫ୍ ଡିଜି ସତ୍ୟବାନ ଖାନଚି, ବିଏସ୍‌ଏଫ୍‌ର ଅଧିକାରୀ ଏବଂ ଯବାନମାନଙ୍କ ସହିତ ସାକ୍ଷାତ କରିଥିଲେ। ଜବାନମାନଙ୍କୁ ସମ୍ବୋଧିତ କରିବା ସମୟରେ ସେ କର୍ତ୍ତବ୍ୟ ପାଳନ ସମୟରେ ବିଏସ୍‌ଏଫ୍ ଦ୍ୱାରା କରାଯାଇଥିବା ବଳିଦାନ ପାଇଁ କୃତଜ୍ଞତା



ପ୍ରକାଶ କରିଥିଲେ। ସେ କ୍ୟାମ୍ପସରେ ସହିଦ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। 'ଏକ ପେଡ ମା କେ ନାମ' ଭାବରେ ଏକ ଅଶୋକ ଗଛ ଲଗାଇଥିଲେ। ତା'ପରେ ସେ ଯବାନଙ୍କ ସହିତ ଚା ପିଇଥିଲେ ଏବଂ ସନ୍ଧ୍ୟା ପ୍ରାୟ ୫ ଟାରେ କ୍ୟାମ୍ପସ ଛାଡିବା ପୂର୍ବରୁ ସେମାନଙ୍କ ସହିତ ଫଟୋ ସେସନ୍ ମଧ କରିଥିଲେ।



## ଜୟ ଜଗନ୍ନାଥ ଯୁବକ ସଂଘ ତରଫରୁ ଯବାନ ସମ୍ମାନିତ

**ସୁନ୍ଦରଗଡ, ୨୪।୬ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡା ବ୍ଲକ ଗୁଣ୍ଡିଆଡ଼ିହି ପଞ୍ଚାୟତ ଅନ୍ତର୍ଗତ ହରସମରା ଗ୍ରାମର ମନୋହର ଖାଲକୋ, ଜମ୍ମୁରେ ବିଏସଏଫ ଯବାନ ଭାବେ କାର୍ଯ୍ୟରତ ଥିଲେ। ମାସକ ପୂର୍ବରୁ ହୋଇଥିବା ଅପରେସନ ସିନ୍ଦୁରରେ ଦେଶ ପକ୍ଷରୁ ନିଜର ପରାକ୍ରମ ଦେଖାଇଥିଲେ ଏପରିକି ଶତ୍ରୁର ବୋମା ମାଡ଼ରେ ତାଙ୍କର ଡାହାଣ ହାତ ଗୁରୁତର ହୋଇଛି। ଏହି ବୀର ଯବାନଙ୍କୁ ମଙ୍ଗଳବାର ସୁନ୍ଦରଗଡ଼ ବିଜୟା ଟକିଜ ରୋଡ଼ରେ ଥିବା ଜୟ ଜଗନ୍ନାଥ ଯୁବକ ସଙ୍ଘ ପକ୍ଷରୁ ସମ୍ମାନୀତ କରାଯାଇଛି। କମିଟି ସଭାପତି ସଂଗ୍ରାମ ମହାନ୍ତିଙ୍କ ନେତୃତ୍ୱରେ ଯବାନ ମନୋହର ଖାଲକୋଙ୍କୁ ତାଙ୍କ ବୀରତ୍ୱ ପାଇଁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେବା ସହ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ।

## ପୋଲ ଓ ପକା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି



**ଫିରିଙ୍ଗିଆ, ୨୪।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମହାଗୁଡ଼ା ଠାରୁ ବିନାରା ଅଡ଼ା ଦେଇ ମଗଡ଼ିଙ୍ଗିଆ ପଦାସାହି କୁ ପକା ରାସ୍ତା ସହ ବିନାରା ଅଡ଼ା ନାଳ ଉପରେ ପୋଲ ଓ ପକା ରାସ୍ତା ନିର୍ମାଣ କରିବା ପାଇଁ ଦୀର୍ଘ ବର୍ଷ ହେବ ମହାଗୁଡ଼ା ଓ ପଦାସାହି କପୁଗୁଡ଼ା ଗ୍ରାମବାସୀ ଦାବି କରି ଆସୁଛନ୍ତି ମହାଗୁଡ଼ା ଠାରୁ ପଦାସାହି ଯିବାକୁ ହେଲେ ବର୍ତ୍ତମାନ ଗ୍ରାମବାସୀ ଦୁଇ କିଲୋମିଟର ଦେଇ ଯିବା ଆସିବା କରୁଛନ୍ତି ଏଥିପାଇଁ ସେମାନଙ୍କୁ ବହୁତ ସମୟ ଲାଗିଥାଏ ମାମାଗୁଡ଼ା ଠାରୁ ପଦାସାହି ଯିବାପାଇଁ ମଝିରେ ବିନାରା ଅଡ଼ା ନାଳ ପଡୁଛି ଏହି ନାଳ ଉପରେ ପୋଲ ନିର୍ମାଣ କରାଗଲେ କପୁଗୁଡ଼ା କଟାବାଲି ପଦାସାହି ମଗଡ଼ିଙ୍ଗିଆ ଆଦି ଗ୍ରାମବାସୀ ଯିବା ଆସିବା କରିପାରିବେ

## ପୋଖରୀରେ ବୁଡ଼ି ଜଣେ ମୃତ

**ବୈଶିଙ୍ଗା, ୨୪।୬ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଉଲଡିହ ଗ୍ରାମରେ ଆଜି ସକାଳେ ଗ୍ରାମ ନିକଟସ୍ଥ ପୋଖରୀରେ ଜଣଙ୍କର ଶବ ଭାସୁଥିବାର ପୋଲିସ ଉଦ୍ଧାର କରିଥିବା ଜଣାଯାଇଛି। ଖବର ନେବାରୁ ଜଣାଗଲା ଯେ ଉଲଡିହ ଗ୍ରାମର ରେଷ୍ଟା ଟୁଡୁ (୬୫)ବୋଲି ଜଣା ପଡିଛି । ସୋମବାର ସନ୍ଧ୍ୟା ପରେ ସେ ନିଖୋଜ ରହିଥିବା ଘର ଲୋକଙ୍କ ଠାରୁ ପ୍ରକାଶ । ଗ୍ରାମର ପ୍ରାୟ ସମସ୍ତ ଙ୍କ ଘର ଖୋଜା ଖୋଜି କରାଯାଇଥିଲେ ମଧ ପତ୍ତା ମିଳି ନ ଥିଲା ।ଆଜି ସକାଳେ ଶୌଚ କରିବାକୁ ଯାଇଥିବା ଲୋକ ଙ୍କ ଠାରୁ ଖବର ମିଳିବା ପରେ ବୈଶିଙ୍ଗା ଥାନାକୁ ଖବର ଦିଆ ଯାଇଥିଲା । ପ୍ରକାଶ ଥାଉକି ମୃତକ ରେଷ୍ଟା ସୋମବାର ଏକ ବିବାହ ଭୋଜିରେ ଯୋଗଦେଇ ବିଳମ୍ବିତ ରାତିରେ ଫେରି ଶୌଚ ପାଇଁ ଯାଇଥିବା ବେଳେ ପାଣିରେ ବୁଡିଯାଇ ଆଉ ଉଠି ପାରି ନାହିଁ। ମୃତକ ରେଷ୍ଟାର ସ୍ତ୍ରୀ କାପୁରା ର ଲିଖିତ ଅଭିଯୋଗ ଅନୁଯାଇ ବୈଶିଙ୍ଗା ପୋଲିସ ଶବ ଉଦ୍ଧାର କରିବା ପରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି । ଅପରାହ୍ନରେ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## କଣାସରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ନିୟମିତ ଖୋଲୁନି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**କଣାସ, ୨୪।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ଏହି ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧ଲକ୍ଷ ୬୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କର ସ୍ୱାସ୍ଥ୍ୟ ସେବା ପାଇଁ କଣାସ ଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମନ୍ଦାରବସ୍ତ, ସାହୁପଡ଼ା, ଗଡ଼ିଶାଗୋଦା, ନନ୍ଦିଗୋଦା, ବିରକେଶରପୁର ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନ ଖୋଲାଯାଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୪ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ମାତ୍ର ୪ଜଣ ଡାକ୍ତର ଥିବାରୁ ରୋଗୀଙ୍କ ଅବସ୍ଥା କହିଲେ ନ ସରେ। ଜଣେ ରୋଗୀ ଦୁଇରୁ ତିନି ଘଣ୍ଟା ଧରି ଧାଡିରେ ଛିଡା ହୋଇ ଡାକ୍ତରଙ୍କୁ ଦେଖା କରୁଥିବାରୁ ରୋଗୀମାନଙ୍କ ମଧରେ ତିବ୍ର ଆସନ୍ତୋଷ ଦେଖାଦେଇଛି।

ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସକାଳ ୮ରୁ ୧୨ଟା, ଅପରାହ୍ଣ ୩ଟାରୁ ୬ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିୟମ ଥିବା ବେଳେ ଡାକ୍ତର ଓ ଫାର୍ମାସିଷ୍ଟି ନିୟମିତ ସମୟରେ ଆସୁନଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଉପରବେଳା ମନ୍ଦାରବସ୍ତ, ଗଡ଼ିଶାଗୋଦା, ବିରକେଶରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରାହ୍ଣ ୪ଟା ସମୟରେ ଚାବି ପଡ଼ିଥିବା ଦେଖିବାକୁ ମିଳିଥିଲା।

ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷେମାନିଧି ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ବାରମ୍ବାର ମୁଁ ସେମାନଙ୍କୁ ତାଗିଗିଦ୍ କରିଲାଣି ସେମାନେ ଆସୁନାହାଁନ୍ତି। ଆପଣମାନେ ଲେଖନ୍ତୁ। ଗତ କିଛି ଦିନ ତଳେ ରୋଗୀକଲ୍ୟା ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଡାକ୍ତର ନ ଥିବା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ନିୟମିତ ଖୋଲୁନଥିବା ଅଭିଯୋଗ ହେବାରୁ ସ୍ଥାନୀୟ ବିଧାୟକ ଓମ ପ୍ରକାଶ ମିଶ୍ର ଉଦ୍‌ବେଗ ପ୍ରକାଶ କରିଥିଲେ।




## ବିଦ୍ୟାଳୟରେ ବଜ୍ରପାତ ଓ ସାପ କାମୁଡ଼ା ସଚେତନତା ଶିବିର

**ଭେଡେନ, ୨୪।୬ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ସରକାରୀ ହାଇସ୍କୁଲ, ତେନ୍ତୁଲିଟିକ୍ରାକୁ ଅମୂଲ୍ୟ ବରିହା, ରାଜ୍ୟ ପରିଦର୍ଶନ ଦଳ, ବର୍ଣାଳି, ଭୁବନେଶ୍ୱର ମଙ୍ଗଳବାର ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସ୍ମାର୍ଟ ପେନାଲ୍ ବୋର୍ଡ଼ରେ ଛାତ୍ରଛାତ୍ରୀ ମାନଙ୍କ ମଧରେ ଲିଙ୍ଗ ଭିତ୍ତିକ ସମତା ପାଇଁ ଏକ ବିଶେଷ ପ୍ରୟାସ ବିଷୟରେ ସହକାରୀ ଶିକ୍ଷୟତ୍ରୀ ଜାନକୀ ଭୁଏ ପଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରିଦର୍ଶକ ଅତିଥି ବରିହା ସାର୍ କାର୍ଯ୍ୟକ୍ରମର ସଫଳ ରୂପାୟନ




ପାଇଁ ବିଭିନ୍ନ ଉଦାହରଣ ମାଧମରେ ଛାତ୍ରଛାତ୍ରୀମାନଙ୍କୁ ଦିଗ ଦର୍ଶନ ପ୍ରଦାନ କରିଥିଲେ। ଏହାସହ ଅପରାହ୍ନରେ ବଜ୍ରପାତ ଓ ସାପ କାମୁଡା ପ୍ରତି ସାବଧାନ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ଶିବିର ପ୍ରେମରାଜ ଭୋଇ, ପ୍ରଧାନ ଶିକ୍ଷକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ୬୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ବଜ୍ରପାତ ଓ ସାପ କାମୁଡା ପ୍ରତି ସତର୍କତା ଓ ସାବଧାନତା ଅବଲମ୍ବନ ବିଷୟରେ କ୍ଷିତେଶ୍ୱର୍ ବେହେରା ଓ ରଶ୍ମୀ ରଞ୍ଜନ ଦାଶ ସିଆର୍‌ସିସି ବିଶେଷ ଆଲୋଚନା କରିଥିଲେ।




## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

**ବ୍ରହ୍ମପୁର, ୨୪।୬ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଓ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ଶର୍ବଣ ବିବେକ ଏମ୍ ଙ୍କ ଦ୍ୱାରା ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିକ୍ରେ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତଗୀର ମଧ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣି ରେ ସମୁଦାୟ ୧୧୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧରୁ ବ୍ୟକ୍ତିଗତ ଅଭିଯୋଗ ୯୨ଟି , ଗ୍ରାମ ଭିତ୍ତିକ ସମସ୍ୟା ୬ଟି ରହିଥିବାବେଳେ ୧୧ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ରେଡକ୍ରସ ତରଫରୁ ଦୁଇ ଜଣଙ୍କୁ ୧୦,୦୦୦ ଓ ୩୦୦୦ ଟଙ୍କା ସହାୟତା ରାଶି ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଅଭିଯୋଗ ଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହାସିଲଦାର ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରଥଯାତ୍ରା ପାଇଁ ନୀଳଗିରି ପ୍ରଶାସନ ପକ୍ଷରୁ ତଦାରଖ

**ନୀଳଗିରି, ୨୪।୬ (ସଂଚାର ବ୍ୟୁରୋ):** ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚଳିତ ବର୍ଷ ରଥଯାତ୍ରା ଆସନ୍ତା ୨୭ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏନେଇ ନୀଳଗିରି ପ୍ରଶାସନ ଓ ପୋଲିସ ପକ୍ଷରୁ ମିଳିତ ତଦାରଖ କରାଯାଇଥିଲା। ରଥଦାଣ୍ଡର ଉଭୟପାର୍ଶ୍ୱରେ ଥିବା ଦୋକାନ ଗୁଡ଼ିକୁ ଯାଇ ସ୍ଥିତି ପରଖିଥିଲେ। ବିଶେଷକରି ରଥଟଣା ସମୟରେ ବାଧା ନଉପୁଜିବା ପାଇଁ ରାସ୍ତାପାର୍ଶ୍ୱ ପର୍ଯ୍ୟନ୍ତ ମାଡିଆସିଥିବା ଦୋକାନୀମାନଙ୍କୁ ଦୋକାନ ରାସ୍ତାଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ଏତଦଭିନ୍ନ ରଥଟଣା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଯେଭଳି ଶ୍ରଦ୍ଧାଳୁ ଓ ଭକ୍ତମାନେ ରଥଦାଣ୍ଡରେ ସହଜରେ ଚଳପ୍ରଚଳ କରିପାରିବେ ସେଥିପାଇଁ ଦୋକାନୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଉଠାଦୋକାନୀ ଏବଂ ସ୍ଥାୟୀ ଦୋକାନରେ ବିକ୍ରି କରାଯାଉଥିବା ଖାଦ୍ୟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବାସିଖାଦ୍ୟ ବିକ୍ରି ନକରିବାକୁ ବାରଣ କରିଥିଲେ। ଏହି ମିଳିତ ତଦାରତ ଟିମରେ ନୀଳଗିରି ତହସିଲଦାର ସୋନମ ଦାସ, ଏନଏସି ଭାରାପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ପୂର୍ତ୍ତବିଭାଗ ଅଧିକାରୀ ଶ୍ରୀନିବାସ ଜେନା, ଏସଡ଼ିପିଓ ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସୁରେଇଡିହିରେ ପଞ୍ଚାୟତସ୍ତରୀୟ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ



**ବେତନଟୀ, ୨୪।୬ (ସଂଚାର ବ୍ୟୁରୋ):** ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଠାରେ ଗାଁ ଝୁମର ଆଖଳା ମୟୁରଭଞ୍ଜ ତରଫରୁ ପଞ୍ଚାୟତ ସ୍ତରୀୟ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ କୁମାର ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗାଁ ଝୁମର ଆଖଳା ମୟୂରଭଞ୍ଜର ସଭାପତି ରଜନୀକାନ୍ତ ମହାନ୍ତ ଓ ସମ୍ମାନିତ ଅତିଥି ଭାବରେ ସମାଜସେବୀ ନରେନ୍ଦ୍ର ନାଥ ମହାନ୍ତ, ସୁବାସ ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ ଓ ଝୁମର ଜଗତର ସୁନାମଧନ୍ୟ ଢୋଲ ବାଦକ ତଥା କଣ୍ଠଶିଳ୍ପୀ ରବୀନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ରଜନୀକାନ୍ତ ମହାନ୍ତ କୁଡୁମି ଜାତିର ପ୍ରଥା, ପରମ୍ପରା, ସଂସ୍କୃତି ଓ କୁଡୁମାଲୀ ଭାଷାର ସୁରକ୍ଷା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ପ୍ରତ୍ୟେକ ଗ୍ରାମରେ ଝୁମର କାର୍ଯ୍ୟକ୍ରମ କରିବା ପାଇଁ କୁଡୁମୀ ବନ୍ଧୁ ମାନଙ୍କୁ ଅନୁରୋଧ କରିଥିଲେ। ଶୃଙ୍ଖଳିତ ଓ ସଂସ୍କୃତି ସମ୍ପନ୍ନ ସମାଜ ଗଠନ ପାଇଁ ନିଶା ନିବାରଣ ସମ୍ପର୍କରେ ସଚେତନ କରିଥିଲେ। ଏହାପରେ ସୁରେଇଡିହି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ବିଶିଷ୍ଟ ଝୁମର ଶିଳ୍ପୀ ଝୁମର ନୃତ୍ୟ ପରିବେଷଣ କରିଥିଲେ । ପାଖାପାଖି ଗ୍ରାମର ବହୁ ସଂଖ୍ୟକ ଝୁମର ପ୍ରେମୀ ଉପସ୍ଥିତ ହୋଇ ଝୁମରର ମଜା ନେଇଥିଲେ ।

## ଡକାୟତି ଯୋଜନା ବେଳେ ମାଡ଼ି ବସିଲା ପୁଲିସ; ୩ ଗିରଫ, ୩ ଫେରାର



**ବୈଶିଙ୍ଗା, ୨୪।୬ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ପଦ୍ମନାଭପୁର ଟୋଲପ୍ଲାଜା ଡକାୟତି ଯୋଜନା କରୁଥିବାବେଳେ ତିନି ଜେଲ୍ ଫେରନ୍ତା ଦୁର୍ବୃତ୍ତଙ୍କୁ ମାଡ଼ି ବସିଛି ପୁଲିସ ଟିମ। ତେବେ ଘଟଣାସ୍ଥଳରୁ ତିନି ଜଣ ଚମ୍ପଟ ମାରିବାକୁ ସକ୍ଷମ ହୋଇଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗୋଡ଼ାଇ ନିକଟସ୍ଥ ଜଙ୍ଗଲ ଭିତରୁ ଧରି ଥାନାକୁ ଆଣିଥିଲେ। ତେବେ ତଦନ୍ତ ସମୟରେ ସେମାନେ ଅଳ୍ପ ଦୂରରେ ଥିବା ପଦ୍ମନାଭପୁର ଟୋଲପ୍ଲାଜା କାର୍ଯ୍ୟାଳୟରେ ଡକାୟତି ଓ ଲୁଟପାଟ୍ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ , ଗୋଟିଏ ଟାଟା ନେକ୍ସନ୍ କାର୍ , ତେଲେଙ୍ଗା କଟୁରୀ , ଲୁହା ଛଡ଼ ଓ ମୁହଁ ଢାଙ୍କିବା ପାଇଁ କଳା ମୁଖା ଜବତ କରାଯାଇଛି।

## ହାଲ୍‌ଚାଲ୍



● ନିର୍ଦ୍ଦେଶକ ଏସ୍ ଦିଲୀପ ପଣ୍ଡା ପୁଣି ଏକ ଓଡ଼ିଆ ଛବିର ନିର୍ଦ୍ଦେଶନା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଏହାର ଟାଇଟଲ୍ ରହିଛି 'ହନିମୁନ୍'। ଅମୂଲ୍ୟ କୁମାର ଦାସ ଏହାର ପ୍ରଯୋଜନା କରୁଥିବା ବେଳେ ଡକ୍ଟର ରଜନୀରଞ୍ଜନ ଏହାର ଚିତ୍ରନାଟ୍ୟ ଓ ସଂଳାପ ଲେଖୁଥିବା ଜଣାଯାଇଛି। ଏହାର ଷ୍ଟାର୍‌କାଷ୍ଟ ଫାଇନାଲ୍ ହେବା ପରେ ସିନେମା ଫ୍ଲୋର୍‌କୁ ଯିବ।



● ମୁଁ 'ସପନର ସୌଦାଗର', 'ଧନରେ ରଖିବୁ ଶପଥ ମୋର' ଓ 'ମତେ ଆଣିଦେଲ ଲକ୍ଷେ ଫଗୁଣ' ଭଳି ସିନେମା ଭେଟି ଦେଇଥିବା ଶୁଭମ୍ ଫିଲ୍ମସ୍ ବ୍ୟାନର୍‌ରେ ଜଣାଶୁଣା ନିର୍ଦ୍ଦେଶକ ସଞ୍ଜୟ ନାୟକ ଏକ ନୂଆ ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦେବେ। ମାତ୍ର ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେବ ବୋଲି ନିର୍ଦ୍ଦେଶକ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

● ରମେଶ ବାରିକଙ୍କ ପ୍ରଯୋଜିତ ତଥା ସୁଧାଂଶୁମୋହନ ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ର ପୋଷ୍ଟ ପ୍ରଡକ୍‌ସନ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଦେବାଶିଷ, ଶିବାନୀ,



ପୃଥ୍ୱୀରାଜ, ପୁଷ୍ପା ପଣ୍ଡା, ଅସିତ, ସୋମା ଭୌମିକ, କେ କେ ଶୁଭ୍ରାଂଶୁ ଓ ଶଙ୍କର ବସୁମଲ୍ଲିକ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି।



# କାହାଣୀ ସାମାଜିକ ନାୟକ ଜଗନ୍ନାଥ

**କୋଟି ଓଡ଼ିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ବଳିତ କାହାଣୀ ବହୁ ଓଡ଼ିଆ ଛବିରେ ଦେଖିବାକୁ ମିଳିଛି। କାହାଣୀ ସାମାଜିକ ହେଲେ ବି କେଉଁଠି ଶୀର୍ଷକରେ ଜଗନ୍ନାଥଙ୍କ ନାମ ତ କେଉଁଠି ସ୍ଥାନବିଶେଷରେ ଶ୍ରୀମନ୍ଦିରର ନାମ ଯୋଡ଼ାଯାଇଛି। ପୁଣି ବହୁ ଚଳଚ୍ଚିତ୍ରର ଯବନିକାରେ ଜଗନ୍ନାଥଙ୍କ ମହିମା ସମ୍ବଳିତ ଦୃଶ୍ୟଟିଏ ସଂଯୋଜିତ ହୋଇଛି। ଯଦିଓ ଏହି ଧାରା ଏବେ ସ୍ତିମିତ, କିନ୍ତୁ ଅଧିକାଂଶ ଛବିରେ କାଳିଆ ଠାକୁରଙ୍କୁ କେଉଁଠି ନା କେଉଁଠି ଦର୍ଶାଯିବାର ପରମ୍ପରା ଜାରି ରହିଛି।**

ଏମିତି ଅନେକ ଓଡ଼ିଆ ଛବି ରହିଛି, ଯାହାର କାହାଣୀ ସାମାଜିକ, କିନ୍ତୁ ଶୀର୍ଷକରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ନାମ ରହିଛି। ଏଥିରେ ଜଗନ୍ନାଥଙ୍କ ମହିମା ଚିତ୍ରାୟିତ ହୋଇଛି, ଅଥବା କଥାବସ୍ତୁରେ ଜଗନ୍ନାଥଙ୍କ ପ୍ରସଙ୍ଗ ରହିଛି। ଏହି କ୍ରମରେ ଓଡ଼ିଆ ଛବି 'ଜଗା ହାତରେ ପଘା', 'ପୁଅ ମୋର କଳାଠାକୁର', 'ଚକା ଆଖି ସବୁ ଦେଖୁଛି', 'ଆସୁଛି ମୋ କାଳିଆସୁନା', 'ଚକାଡୋଳା କରୁଚି ଲୀଳା', 'କାଳିଆ ଭରସା', 'ମୋ ଭାଇ ଜଗା', 'ଜଗାବଳିଆ', 'କୋଟିଏ ମଣିଷ ଗୋଟିଏ ଜଗା', 'ବାହୁଡ଼ିବେ ମୋ ଜଗାବଳିଆ' ଓ 'ଆପନା ହାତ ଜଗନ୍ନାଥ'କୁ ଅନ୍ତର୍ଭୁକ୍ତ କରାଯାଇପାରେ। ଏସବୁ ସିନେମା ଦର୍ଶକୀୟ ସମର୍ଥନ ହାସଲ କରିବା ପଛରେ ମହାପ୍ରଭୁଙ୍କ ନାମର ବ୍ୟବହାର ଓ ତାଙ୍କ ସମ୍ବଳିତ ଦୃଶ୍ୟାବଳୀ କାର୍ଯ୍ୟ କରିଛି ବୋଲି ସମୀକ୍ଷକ ଦାବିକରନ୍ତି।

ଉଦାହରଣ ଭାବେ ଆମେ ମହମ୍ମଦ ମହସୀନ୍‌ଙ୍କ ନିର୍ଦ୍ଦେଶିତ 'ଜଗା ହାତରେ ପଘା' ଚଳଚ୍ଚିତ୍ରରେ ନାୟକ ଜଗନ୍ (ବିଜୟ ମହାନ୍ତି) ଶ୍ରୀଜଗନ୍ନାଥଙ୍କ ନିକଟକୁ ଯାଇ ନିଜର କ୍ଷୋଭ ବ୍ୟକ୍ତକରିବାର ଦୃଶ୍ୟକୁ ନେଇ ପାରିବା। ନାୟିକା ମିନୁ (ଅପରାଜିତା) ତା' ଭଲପାଇବାକୁ ପ୍ରତ୍ୟାଖ୍ୟାନ କରିବା ପରେ ଭୀଷଣ ଆଘାତ ପାଇ ଜଗନ ଗାଁ ଜଗନ୍ନାଥ ମନ୍ଦିରକୁ ଆସି ଠାକୁରଙ୍କୁ ଗାଳିଦେଇ କହୁଛି-''ଆଜି ତତେ ମୋ କଥାର ଜବାବ ଦେବାକୁ ପଡ଼ିବ! ଏମିତି ଚକା ଚକା ଆଖି କରି ଅନେଇଛୁ କ'ଣ... ମୁଁ ତୋ' ଗର୍ବ ଭାଙ୍ଗିବି, ଆଉ କେବେ ତୋ ପାଖକୁ ଆସିବିନାହିଁ।'' ଏହି ଆବେଗିକ ଦୃଶ୍ୟ ଦର୍ଶକଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ସେହିପରି ଅମୀୟ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ 'ପୁଅ ମୋର କଳାଠାକୁର'ରେ ନାୟକର



ମା' (ଅନିତା ଦାସ) ଜଗନ୍ନାଥଙ୍କ ମୂର୍ତ୍ତିକୁ ଧରି ଅତ୍ୟନ୍ତ ଆବେଗ ସହକାରେ ଶୀର୍ଷକ ଗୀତ 'ପୁଅ ମୋହର କଳାଠାକୁର... କଳାଠାକୁର ପୁଅ ମୋହର...' ଗାଉଥିବା ଦୃଶ୍ୟକୁ ଓଡ଼ିଆ ଦର୍ଶକ ଖୁବ୍ ପସନ୍ଦ କରିଥିଲେ।

### ଶୀର୍ଷକରେ ଶ୍ରୀମନ୍ଦିର

ଜଗନ୍ନାଥଙ୍କ ମନ୍ଦିର ଓ ମନ୍ଦିରର ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଶୀର୍ଷକରେ ରଖାଯାଇ ଏକାଧିକ ଛବି ନିର୍ମିତ ହୋଇଛି। ଶ୍ରୀମନ୍ଦିରରୁ ପଥର ଖସିବା ଘଟଣା ପରେ ୧୯୯୩ରେ 'ପଥର ଖସୁଛି ବଡ଼ଦେଉଳୁ' ଚଳଚ୍ଚିତ୍ର ପରଦାକୁ ଆସିଥିଲା। ସେ ଘଟଣା ସହ ଗୁନ୍ଥି ସାମାଜିକ କାହାଣୀ ପ୍ରସ୍ତୁତ ହୋଇଥିଲା। ତିରୁମାଲା ପିକ୍‌ଚର୍ସ ବ୍ୟାନର୍‌ରେ ନିର୍ମିତ ଏହି ଓଡ଼ିଆ ଛବିରେ ବିଜୟ ମହାନ୍ତି, ତନ୍ଦ୍ରା, ସିଦ୍ଧାନ୍ତ, ଜୟୀ ଓ ରାଇମୋହନ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ରାଜୁ ମିଶ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ। ଠିକ୍ ସେହିପରି ୨୦୦୪ରେ ପରଦାକୁ ଆସିଥିଲା 'ସାକ୍ଷୀ ରହିଲା ଏ ସିଂହଦୁଆର'। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ଏହି ମଲ୍‌ଟିଷ୍ଟାରର ଛବିରେ ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ମିହିର ଦାସ, ସିଦ୍ଧାନ୍ତ, ମାମା ମିଶ୍ର, ଗୁନ୍‌ଗୁନ୍ ଓ କୁନା ତ୍ରିପାଠୀ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା। ସେଇ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ମାଳିକା ବଚନରୁ ଉଦ୍ଧୃତି ନେଇ ନିର୍ମିତ 'ବାଇଶି ପାହାଚେ ଖେଳିବ ମୀନ' ୨୦୧୧ ମସିହାରେ ମୁକ୍ତିଲାଭ କରିଥିଲା। ସମସାମୟିକ କାହାଣୀ ଆଧାରରେ ପ୍ରସ୍ତୁତ ଏହି ଫିଲ୍ମଟିରେ ବାଇଶି ପାହାଚ ପର୍ଯ୍ୟନ୍ତ ସମୁଦ୍ର ମାଡ଼ି ଆସିବା ପ୍ରସଙ୍ଗ ଅବତାରଣା କରାଯାଇଥିଲା। ଏଥିରେ ନବାଗତ ଲଳିତ, ପୁନମ୍ ମିଶ୍ର, ବିଜୟ ମହାନ୍ତି ଓ ମିହିର ଦାସ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିଥିଲେ।

### ଶେଷଦୃଶ୍ୟରେ ଜଗନ୍ନାଥ

କାହାଣୀର ଯବନିକା ପତନ ବା କ୍ଲାଇମାକ୍ସରେ ମହାପ୍ରଭୁଙ୍କ ମହିମା ଦର୍ଶାଯାଇ ବହୁ ଓଡ଼ିଆ ଛବି ନିର୍ମିତ ହୋଇଛି। ଏଥିମଧ୍ୟରେ ରବି କିନ୍ନାଗୀଙ୍କ ନିର୍ଦ୍ଦେଶିତ 'ସୁନା ଚଢ଼େଇ', ବସନ୍ତ ସାହୁଙ୍କ ନିର୍ଦ୍ଦେଶିତ 'ଶାଶୁଘର ଚାଲିଯିବି' ଓ ଜିତେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ 'ସାବିତ୍ରୀ' ଆଦି ସ୍ମରଣଯୋଗ୍ୟ। 'ସୁନା ଚଢ଼େଇ'ରେ ଶଶୁର (ଦେବୁ ବୋଷ) ନିଜର ବୋହୂକୁ ସୁସ୍ଥ କରାଇବା ଲାଗି କଟକରୁ ପୁରୀଯାଏ ପାଦରେ ଚାଲିଚାଲି ଆସୁଛନ୍ତି। ଏହି ଦୃଶ୍ୟରେ ସେ ଗାଉଥିବା ଗୀତ 'କାଳିଆ ନାହିଁ ଆଉ କେହି ସାହା...' ଦର୍ଶକଙ୍କୁ ଖୁବ୍ ପ୍ରଭାବିତ କରିଥିଲା। 'ଶାଶୁଘର ଚାଲିଯିବି'ରେ ସ୍ୱାମୀଙ୍କ ଜୀବନ ରକ୍ଷା ଲାଗି ନାୟିକା ଅନୁ ଚୌଧୁରୀ ଜଗନ୍ନାଥଙ୍କୁ ଗୁହାରି କରି ଗାଇଥିବା ଗୀତ 'ତୋ ହାତ ନଥାଇ ବି ତୁ ବୋଲାଉ ମହାବାହୁ...'କୁ ବି ଦର୍ଶକ ଭଲପାଇବା ଦେଇଥିଲେ। ସେହିପରି 'ସାବିତ୍ରୀ'ରେ ନାୟିକା ଲିଜା ଦାସ 'ଆସିଛି ଦୁଆରେ ତୋର କାଳିଆ ଠାକୁର...' ଗୀତ ଗାଇ ମହାପ୍ରଭୁଙ୍କ କୃପାଲାଭ କରିଥିବାର ଦୃଶ୍ୟ ବି ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା।

## ପୁଣି ଫେରୁଛି ପ୍ରଭାସ ମାନିଆ!

'କଲ୍‌କୀ ୨୮୯୮ ଏଡି'ର ଜବରଦସ୍ତ ସଫଳତା ପରେ ପ୍ରଭାସ ଏବେ ପୁଣି ଏକ ନୂଆ ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। ଆକ୍ସନ୍ ଫିଲ୍ମ ସୁପର୍‌ଷ୍ଟାର୍ ପ୍ରଭାସଙ୍କ ଅଭିନୀତ ରୋମାଣ୍ଟିକ୍ ହରର୍ କମେଡି 'ଦି ରାଜାସାବ୍' ମୁକ୍ତିଲାଭ କରିବାକୁ ଯାଉଛି। ଫିଲ୍ମର ଟିଜର୍ ରିଲିଜ୍ ହେବାପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। 'ଦି ରାଜାସାବ୍' ଡିସେମ୍ବର ୫ରେ ରିଲିଜ୍ ହେବ ବୋଲି ଜଣାପଡ଼ିଛି। ରିଲିଜ୍ ପରେ ଏହା ବକ୍ସ ଅଫିସ୍‌ରେ କିପରି ପ୍ରଦର୍ଶନ କରିବ ତାହା ଆକଳନ କରିବା କଷ୍ଟକର। ହେଲେ ଟିଜର୍ ଦେଖି ଆରମ୍ଭ ହୋଇଯାଇଛି ଅଙ୍କକଷା। ମାରୁତିଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଏହି ତେଲୁଗୁ ଫିଲ୍ମର ବଜେଟ୍ ବହୁତ ଅଧିକ। ତେଣୁ ଫିଲ୍ମକୁ ସଫଳ କରିବା ପାଇଁ ପୂରା ଟିମ୍ ଲାଗିପଡ଼ିଛନ୍ତି। ପ୍ରଭାସଙ୍କ ଅନ୍ୟ ବ୍ଲକ୍‌ବଷ୍ଟର୍ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ମୂଳ ତେଲୁଗୁ ସହ ହିନ୍ଦୀ, ତାମିଲ, କନ୍ନଡ଼ ଓ ମଲାୟଲମ୍ ଭାଷାରେ ମୁକ୍ତିଲାଭ କରିବ। କୁହାଯାଉଛି ଯେ, 'ଦି ରାଜାସାବ୍'ର ତେଲୁଗୁ ଓ ହିନ୍ଦୀ ଭର୍ସନ୍ ଖୁବ୍ ଭଲ ଓପନିଂ ଦେବ। ଫିଲ୍ମଟି ଭାରତୀୟ ବକ୍ସ ଅଫିସ୍‌ରେ ପ୍ରଥମ ଦିନରେ ୫୦କୋଟି ସଂଗ୍ରହ କରିବ ବୋଲି ଅନେକ ଫିଲ୍ମ ସମୀକ୍ଷକ ଆକଳନ କରିଛନ୍ତି।



## ଶୀର୍ଷକ ଭୂମିକାରେ ସମରେଶ



ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସମରେଶ ଏବେ ପୁଣି ଚର୍ଚ୍ଚାକୁ ଫେରିଛନ୍ତି। ତାଙ୍କର ଆଗାମୀ ସିନେମା 'ସାର୍'ରେ ସେ ନିଭାଇଥିବା ଚରିତ୍ର ସମୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିରେ ସେ ଜଣେ ଅତ୍ୟନ୍ତ ଆଦର୍ଶବାଦୀ ଶିକ୍ଷକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଏବଂ ତାଙ୍କ ଚରିତ୍ରର ନାମ ରହିଛି ଅବନୀ ମହାନ୍ତି। ଏଭଳି ଏକ ଚରିତ୍ର ତାଙ୍କୁ ପ୍ରଥମଥର ମିଳିଛି ଏବଂ ଜଣେ ସୁଶିକ୍ଷକ ଓ ଛାତ୍ର ମଧ୍ୟରେ ଥିବା ସଂପର୍କକୁ ନେଇ କାହାଣୀ ଗତିଶୀଳ ହୋଇଛି। ସତ୍ୟ ଘଟଣା ଆଧାରିତ ଏହି ସିନେମାର ପ୍ରଯୋଜନା ସହିତ କାହାଣୀ ଓ ସଂଳାପ ଲେଖିଛନ୍ତି ଡ. କମଳଲୋଚନ ସାହୁ। ଅଭିଜ୍ଞ କେଶବ ମଲ୍ଲିକ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏଥିରେ ସମରେଶଙ୍କ ବ୍ୟତୀତ ଅଭିଷେକ, ଦୀପନ୍ୱିତ ଦାଶ ମହାପାତ୍ର ଓ ଅର୍ଲିନ୍ ଅଙ୍କିତା ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି।

ସୂଚନାଯୋଗ୍ୟ, ଜ୍ୟୋତି ପ୍ରକାଶଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ମୋ ସୁନା ପୁଅ'ରୁ ନାୟକ ଭାବେ ଓଲିଉଡ୍‌ରେ କ୍ୟାରିୟର୍ ଆରମ୍ଭ କରିଥବା ସମରେଶ ପରେ ଅଧିକାଂଶ ଓଡ଼ିଆ ଛବିରେ ଖଳନାୟକ କିମ୍ବା ଚରିତ୍ର ଅଭିନେତା ଭାବେ ନଜର ଆସିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର 'ନାମର୍ଦ୍ଦ' ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ସମରେଶ ରାଉତରାୟ ତାଙ୍କର ଏହି ନୂଆ ସିନେମା ଲାଗି ବି ଅନୁରୂପ ଆଶା ବାନ୍ଧିଛନ୍ତି।

## ଲଢ଼େଇର ଇନ୍‌ସ୍ପେକ୍ଟର୍ ଦଣ୍ଡପାଟ



'ମନର ମାନସୀ', 'ଦିଲ୍ ତତେ ଦେଲି' ଓ 'ମିଶିରୀ'ରେ ନାୟକ ଭୂମିକାରେ ଦେଖିବାକୁ ମିଳିଥିବା ଅଭିନେତା ବିଭାସ 'ଘମାଘୋଟ'ରେ ଖଳନାୟକ ଭୂମିକାରେ ନଜର ଆସିଛନ୍ତି। ଏଥିରେ ଗ୍ୟାଙ୍ଗ୍‌ଷ୍ଟର୍ ଗୋଚାଭାଇ ଭାବେ ତାଙ୍କୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଲଢ଼େଇ'ରେ ବି ବିଭାସ ଖଳନାୟକ ଭୂମିକାରେ ନଜର ଆସିବେ। ଜଣେ ଦୁର୍ନୀତିଗ୍ରସ୍ତ ପୁଲିସ୍ ଇନ୍‌ସ୍ପେକ୍ଟର୍ ଦଣ୍ଡପାଟ ଭୂମିକାରେ ସେ ଅଭିନୟ କରୁଛନ୍ତି। ନିଜ ଚରିତ୍ରକୁ ନେଇ ବିଭାସ କହନ୍ତି, ''ଓଡ଼ିଶାର ଟପ୍ ଡିରେକ୍ଟର୍ ଅଶୋକ ପତିଙ୍କ ସହ ଏହା ମୋର ପ୍ରଥମ ସିନେମା ଏବଂ ଦଣ୍ଡପାଟ ଭୂମିକାଟି ମୋ କ୍ୟାରିୟର୍‌କୁ ଆଗକୁ ନେବ ବୋଲି ମୁଁ ଭାବୁଛି। ଏଥିରେ ମୋର ବରହମ୍‌ପୁରିଆ ଶୈଳୀର ସଂଳାପ ଦର୍ଶକଙ୍କୁ ଆମୋଦିତ କରିବ ବୋଲି ଆଶା ରଖିଛି।'' ଏହା ବାଦ୍ ଶୁଭଶ୍ରୀ ମଙ୍ଗରାଜଙ୍କ ପ୍ରଯୋଜିତ ତଥା ଅଭିଷେକ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଜୟହିନ୍ଦ୍'ରେ ବି ଜଣେ ଦୁର୍ଦ୍ଧାନ୍ତ ଖଳନାୟକ ଭୂମିକାରେ ନଜର ଆସିବେ ସେ। ତେଣେ ନୂଆ ସିନେମା 'ଚ୍ୟାଲେଞ୍ଜ୍'ରେ ମଧ ଖଳନାୟକୀ କରୁଛନ୍ତି ବିଭାସ। ଅବଶ୍ୟ ସେ ପୂର୍ବରୁ କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜିତ ତଥା ଯଶ୍-ସୁନୀଲଙ୍କ ନିର୍ଦ୍ଦେଶିତ 'ଚନ୍ଦ୍ରବଂଶୀ'ରେ ବି ଖଳନାୟକ ଭୂମିକା ତୁଲାଇଥିଲେ।

## ମହାପ୍ରଭୁ ଘରୁ ନେଲେ, ଦର୍ଶନ ଦେଲେ, ପୁଣି ଘରେ ଆଣି ଛାଡ଼ିଲେ

**'ଆସିଥିଲି କାଳିଆ ତୋ ଦରଶନ ପାଇଁରେ...', 'ଗୋପନଗରୀରୁ ଚିଠି ଆସିଛି...', 'ପଞ୍ଚମ ଦୁଆର ଖୋଲିଦେ କାଳିଆ...', 'ତୋ ଭକତ ତାଲିକାରୁ ମୋ ନାଁକୁ କାଟିଦେ...', 'ଜୀବନର ଶେଷ ବନ୍ଧୁ ପ୍ରଭୁ ଜଗନ୍ନାଥ...', 'ଲାଗେନା ଲାଗେନା ଭଲ ତୁମରି ବିନା...', 'ପ୍ରେମ ଭକତିର ବର୍ଣ୍ଣବୋଧ ଗୀତ ଗୋବିନ୍ଦ...'- ଏ ସବୁ ଲୋକପ୍ରିୟ ତଥା ଚିରସ୍ମରଣୀୟ ଜଗନ୍ନାଥ ଭଜନର ରଚୟିତା ସେ। ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ହଜାର ହଜାର ମନଛୁଆଁ ଗୀତ ରଚନା କରିଥିବା ଏହି ବର୍ଷୀୟାନ୍ ଗୀତିକାର ହେଉଛନ୍ତି ଅଲେଖ ଚନ୍ଦ୍ର ବିଶ୍ୱାଳ। ମହାପ୍ରଭୁଙ୍କ ପ୍ରତି ଗଭୀର ଭଲପାଇବା ହିଁ ଭଜନ ଲେଖିବା ପାଇଁ ତାଙ୍କୁ ପ୍ରେରଣା ଯୋଗାଇ ଆସିଛି ଏବଂ ତାଙ୍କ ରଚିତ ଗୀତିକବିତାବଳି ଓଡ଼ିଆ ଶ୍ରୋତା ମାନସରେ ଅଲେଖ ଚନ୍ଦ୍ରଙ୍କୁ ସ୍ୱତନ୍ତ୍ର ସ୍ଥାନଟିଏ ଦେଇଛି। ଥରଟିଏ ସ୍ୱଚକ୍ଷୁରେ ରଥାରୂଢ଼ ଜଗନ୍ନାଥ ଦର୍ଶନ ଲାଭର ସୌଭାଗ୍ୟପ୍ରାପ୍ତ ନ ହୋଇ ବି ସେ ରଥଯାତ୍ରାରେ ମୁକ୍ତିଲାଭ କରିଥିବା ଶହ ଶହ ଭଜନ ଲେଖିବା ପରେ କିପରି କାଳିଆର ଡୋରି ଲାଗିଛି ଓ ସେ ରଥଯାତ୍ରା ଦେଖିଛନ୍ତି, ସେହି ଦିବ୍ୟ ଅନୁଭୂତି ସେ ବଖାଣିଛନ୍ତି।**



''ରଥ ଉପରେ ଶ୍ରୀଜଗନ୍ନାଥ କେମିତି ଦିଶୁଥିବେ, କିପରି ଲୀଳା କରୁଥିବେ, ଏ ସବୁ କଳ୍ପନା ଚକ୍ଷୁରେ ଦେଖି ମୁଁ ସେତେବେଳକୁ ଅନେକ ଗୀତ ଲେଖି ସାରିଥାଏ, କିନ୍ତୁ କେବେ ରଥଯାତ୍ରା ଦେଖି ନଥାଏ। ଏ କଥା ଭାବିଲେ ମନ ଭିତରଟା ଗୋଳେଇଘାଣ୍ଟି ହୁଏ। ଭାବେ, ଦେଖାଯାଉ କାଳିଆର ଡୋରି କେବେ ଲାଗୁଛି? ପୁରୀର ଜଣାଶୁଣା ସଂଗୀତ ନିର୍ଦ୍ଦେଶକ ବିପିନ ବାରିକ ଓ ମୁଁ ସେ ବର୍ଷ ରଥଯାତ୍ରା ଉପଲକ୍ଷେ ଏକ ଭଜନ ତିଆରି କରୁଥାଉ। ପ୍ରସଙ୍ଗକ୍ରମେ ମୋର ପାଟିରୁ ବାହାରି ଯାଇଥିଲା ଯେ ମୁଁ କେବେ ରଥଯାତ୍ରା ଦେଖିନାହିଁ। ସେ ହେଲୁ। ସେ ମୋତେ କହିଲେ, ''କେବେ ରଥଯାତ୍ରା ଦେଖିନାହାନ୍ତି ପରା! ଚାଲନ୍ତୁ ରଥ ଦେଖି ଯିବା।''

ଜାଣିଲି, ଏତେ ଦିନେକେ କାଳିଆର ଡୋରି ଲାଗିଲା। ମୁଁ ବିପିନବାବୁଙ୍କ ସହ ପୁରୀ ଚାଲିଲି। ରଥଯାତ୍ରା ପୂର୍ବ ରାତିର ଦୃଶ୍ୟ ବେଶ୍ ମନୋରମ। ମୁଁ ସେ ରାତିରେ ଶେଷ ଦେବଦାସୀ

କଥା ସେଇଠି ରହିଲା, ଗୀତ କାମ ଚାଲିଲା। ରଥଯାତ୍ରା ପୂର୍ବଦିନ ଆମ ଘର ଦୁଆରେ ଏକ କାର୍ ଆସି ହର୍ଣ୍ଣ ଦେଲା। ସେ ସମୟରେ ମୋ ପତ୍ନୀ ଜୀବିତ ଥିଲେ ଓ ସେ ଯାଇ ଗେଟ୍ ଖୋଲି ଦେଖନ୍ତି ତ ବିପିନବାବୁ ବାହାରେ ଛିଡ଼ାହୋଇଛନ୍ତି। ହଠାତ୍ ତାଙ୍କୁ ଦେଖି ଆମେ ପତିପତ୍ନୀ ଆଶ୍ଚର୍ଯ୍ୟ





ପର୍ଣ୍ଣଅପାଙ୍କୁ ବି ଭେଟିଲି। ଆମେ ତାଙ୍କ ଘରକୁ ଗଲୁ। ସେଠି ବିଳମ୍ବିତ ରାତି ପର୍ଯ୍ୟନ୍ତ ରହିଲୁ। ସେ ମୋର ଯେଉଁ ଗୀତଟିକୁ ମନ୍ଦିରରେ ପ୍ରତିଦିନ ଗାଆନ୍ତି; ସେଇଟି ଗାଇ ଶୁଣାଇଲେ। ତା'ପରଦିନ ଜୀବନର ପ୍ରଥମ ରଥଯାତ୍ରା ଦେଖାକୁ ଅପେକ୍ଷା କଲି।

ଇଏ ପ୍ରାୟ ୩୦ ବର୍ଷ ତଳର କଥା। ସେ ସମୟରେ ସାମ୍ନାରେ ବସି ରଥଯାତ୍ରା ଦେଖିବା ପାଇଁ ଟିକଟ ବ୍ୟବସ୍ଥା ଥାଏ। ଟିକଟ ଦାମ୍ ୫୦୦ ଟଙ୍କା ହୋଇଥିଲେ ବି ମୋ ପାଇଁ ମାଗଣାରେ ବସିବା ବନ୍ଦୋବସ୍ତ ହୋଇଥିଲା। ସାମ୍ବାଦିକ ତଥା ଲେଖକ ବଦ୍ରି ମିଶ୍ର, ବିପିନ ବାରିକ, ରାଜା ଆଚାର୍ଯ୍ୟ, ବଡ଼ଠାକୁରଙ୍କ ବାଡ଼ଗ୍ରାହୀ ରାମ ଆଦି ମିଶି ମୋ ପାଇଁ ଏ ବନ୍ଦୋବସ୍ତ କରିଥାନ୍ତି। ମୁଁ ସେଦିନ ମନଭରି ଶ୍ରୀଜିଉଙ୍କୁ ରଥରେ ଦର୍ଶନକଲି। ସବୁ ବିଧି ଓ ପରମ୍ପରା ଅତି ନିକଟରୁ ଦେଖିଲି। ମନରେ ଆନନ୍ଦ କହିଲେ ନସରେ। ସିଂହଦ୍ୱାର ସାମ୍ନାରୁ ରଥମାନେ ଟଣା ହୋଇ ଗୁଣ୍ଡିଚାକୁ ଗଲେ। ଏବେ ଘରକୁ ଫେରିବା ବିଷୟରେ ଚିନ୍ତାକଲୁ। ହେଲେ ଯେଉଁଭଳି ଭିଡ଼ ଥାଏ, ସେ ସମୟରେ ଘରକୁ ଫେରିବା ଏକ ପ୍ରକାର ଅସମ୍ଭବ। ଚାରିଆଡ଼େ ଖାଲି ମୁଣ୍ଡମାଳ ଓ ଗଦାଗଦା ଚପଲ। ଗାଡ଼ି ପାଖକୁ ଯିବା ପରିସ୍ଥିତି ନଥାଏ। ମୋତେ ବିପିନବାବୁ କହିଲେ, 'ଆଜି ଯିବା ଅସମ୍ଭବ, ଆମେ କାଲି ଯିବା।' ମୋ ମନ ଆଡ଼େ ବୁଝୁ ନଥାଏ। ତେଣେ ଘରେ ସମସ୍ତେ ମୋତେ ଅପେକ୍ଷା କରିଥିବେ। କେମିତି ଘରକୁ ଫେରିବି ଭାବୁଥାଏ। ଭିଡ଼ରୁ ବାହାର କରିବାକୁ ଦୁଇଜଣ ହୃଷ୍ଟପୁଷ୍ଟ ସୁଆର ପିଲା ମୋ ଦୁଇ ବାହୁକୁ ଧରି ଟେକି ଟେକି ବାଟ କଢ଼େଇ ନେଉଥାନ୍ତି।

ସେହି ସମୟରେ ମହାପ୍ରଭୁ ଚମତ୍କାର କଲେ। କେହି ଜଣେ 'ଅଲେଖ ସାର୍, ଅଲେଖ ସାର୍' ବୋଲି ଡାକୁଥିବାର ମୁଁ ଶୁଣିଲି। ଉପରକୁ ଅନେଇ ଦେଖେ ତ ଛାତରେ ଥିଲେ ଦୂରଦର୍ଶନ କ୍ୟାମେରାମ୍ୟାନ୍ ରବି। ମୁଁ ତାଙ୍କୁ ପଚାରିଲି, 'ତମେ କଟକ ଫେରିବ କି?' ସେ କହିଲେ, 'ହଁ, ମୁଁ ଯିବି, ଆପଣ ଯିବେ କି?' ମୁଁ 'ହଁ' ମାରିଲାରୁ ସେ କହିଲେ, 'ଚାଲନ୍ତୁ। ମୁଁ ଫେରିବି, ଆପଣଙ୍କୁ ଘରେ ଛାଡ଼ିଦେବି।' ମୁଁ ତାଙ୍କ ସହ ଘରକୁ ଫେରିଲି। ସେଦିନ ଅନୁଭବ କଲି ଯେ ମହାପ୍ରଭୁ ନେଲେ ଯେମିତି, ମନଭରି ଦର୍ଶନ ଦେଲେ ସେମିତି ଓ ଶେଷରେ ସୁରକ୍ଷିତ ଭାବେ ଘରେ ଆଣି ଛାଡ଼ିଲେ ବି ସେମିତି।''

### ନବନିର୍ମାଣ ଚାଷୀଙ୍କ ଚେତାବନୀ, ଧାନ ନ ଉଠିଲେ ଆଗକୁ ତୀବ୍ର ହେବ ଆନ୍ଦୋଳନ

# ସରକାର ବଦଳିଛି, କିନ୍ତୁ ବଦଳିନି ଚାଷୀଙ୍କ ଦୁଃଖ



**ସୁବର୍ଣ୍ଣପୁର,୨୪।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଚାଷୀ ମାନଙ୍କ ଦୁଃଖ ଶୁଣୁ ନାହାନ୍ତି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ମଣ୍ଡିରୁ ଉଠୁନି ଧାନ ଶତାଧିକ ଚାଷୀ ଆଜି ଜଣ ଶୁଣାଣି ଶିବିରରେ ଧାନ ବସ୍ତା ମୁଣ୍ଡରେ ବହି ଅଭିଯୋଗ ଜଣେଇଲେ ସରକାର ବଦଳିଛି କିନ୍ତୁ ବଦଳିନି ସୁବର୍ଣ୍ଣପୁର ଜିଲ୍ଲାର ଚାଷୀଙ୍କ ଦୁଃଖ, ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ ଅଞ୍ଚଳରେ ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢ଼ୀ ଙ୍କ ନେତୃତ୍ୱ ରେ ସଂଗଠନ ପକ୍ଷରୁ ଶତାଧିକ ଚାଷୀ ରବି ଧାନ ନ ଉଠିବା ଓ ମଣ୍ଡି ରେ ଧାନ ପଡ଼ି ବର୍ଷା ଜନିତ କ୍ଷୟକ୍ଷତି ରେ ଧାନ ଗଜା ହୋଇଯିବା ପ୍ରତିବାଦ ରେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣୀ ରେ ପ୍ରତିବାଦ କରିଛନ୍ତି। ସାରା ଜିଲ୍ଲା ରେ ସ୍ଥିତି ସମାନ। ଉଲୁଣ୍ଡା ରେ ପରିସ୍ଥିତି ଅସମ୍ଭାଳ। ସେପରି ଉଲୁଣ୍ଡା ବ୍ଲକ୍ କୋଟସମଲେଇ ମଣ୍ଡି ରେ ୧୦୦୦୦ ପକେଟ୍ ଧାନ ପଡ଼ି ବର୍ଷା ରେ ଭିଜି ଗଜା ହେଇଗଲାଣି। ଆହୁରି ଚାଷୀ ମାନେ ବର୍ଷା ଭୟ ରେ ଧାନ ସବୁ ନିଜ ଘରେ ଓ ଖଳା ରେ ପକାଇଛନ୍ତି। ବାରମ୍ବାର ପ୍ରଶାସନ କୁ କହିଲେ ମଧ୍ୟ ମଣ୍ଡି ରେ ଗାଡି ଦେଖା ନାହିଁ। ଚାଷୀ ମାନେ ଅଭିଯୋଗ କରିଛନ୍ତି ମଣ୍ଡି ରେ ପଡ଼ି ଧାନ ଯଦି କ୍ଷତି ହେବ ତାର ଭରଣା କିଏ ଦେବ? ୫୦ ଜଣ ମିଲର୍ଶ ଙ୍କ ସ୍ୱାର୍ଥ ଦେଖି ପ୍ରଶାସନ ହଜାର ହଜାର ଚାଷୀ ଙ୍କ ଭାଗ୍ୟ କୁ ବଳି ପକାଉଛି। ୩୧୦୦ ଧାନ କ୍ୱିଣ୍ଟାଲ ଦେଲେ କଣ ୧୦ କେଜି କଟନି ଓ ଧାନ ଗଜା ହେବା ସ୍ୱୀକାର କରିବାକୁ ପଡ଼ିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।ନେତା ମନ୍ତ୍ରୀ ପ୍ରଶାସନ ସମସ୍ତେ ମିଶି ଚାଷୀ ଦୁଃଖ ରେ ଖୁସି ମନାଉଛନ୍ତି। କେବେ ସୁଦ୍ଧା ଧାନ ଉଠିବ ଲିଖିତ ହିସାବ ରେ ନ ଜଣାଇଲେ ଚାଷୀ ମାନେ ସବୁ ଧାନ ସି ଏସ ଓ ଅଫିସ ଓ କଲେକ୍ଟର ଅଫିସ ରେ ଗଦାଇବା ସହ ରାଜ ରାସ୍ତା ରେ ପକାଇ ବିକ୍ଷୋଭ କରିବା ହିଁ ଶେଷ ରାସ୍ତା ବୋଲି ଚେତାବନୀ ଦେଇଛନ୍ତି। ଧାନ ମଣ୍ଡି ଭିତ୍ତିଭୂମି ନ ଥିବାରୁ ଲୋକ ସବୁ ରାସ୍ତା ରେ ଧାନ ଜମା କରିଛନ୍ତି । ଆଗକୁ ପାତାଳୀ ଶ୍ରୀକ୍ଷେତ୍ର ରଥଯାତ୍ରା ଆସୁଥିବାରୁ ଏହି ଧାନ ଶୀଘ୍ର ନ ଉଠିଲେ ଗମ୍ଭୀର ଟ୍ରାଫିକ ଓ ପାର୍କିଂ ଅସୁବିଧା ଦେଖାଯିବ । ଏହା ସତ୍ତ୍ୱେ କେହି ସମ୍ବେଦନଶୀଳ ନ ହେବା ପ୍ରଶାସନ ମିଲର୍ସ ଓ ବେପାରୀ ମାନଙ୍କ ମଧୁଚନ୍ଦ୍ରିକା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ ରଥଯାତ୍ରା ପୂର୍ବରୁ ଧାନ ଉଠେଇ ନେବା ପାଇଁ ଦାବୀ ରଖିଥିଲେ।ଆରକ୍ଷୀ ଅଧିକ୍ଷକ ଓ ଅତିରିକ୍ତ ଜିଲ୍ଲାପାଳ ଙ୍କ ଉପସ୍ଥିତି ରେ ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ସାଏ ୨୬ ତାରିଖ ମଧ୍ୟରେ ଧାନ ଉଠେଇ ନେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଚାଷୀ ମାନେ ବୁଝିଥିଲେ। ଏଥିରେ ଖିଲାପି ହେଲେ ରାଜରାସ୍ତାକୁ ଓଲେ୍ହଇବେ ବୋଲି ସଂଗଠନ ର ଚାଷୀ ମାନେ କହିଛନ୍ତି।

## ପୋଲ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀଙ୍କ ଦାବି



**ଫିରିଙ୍ଗିଆ,୨୪।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ର ଅନେକ ଦୁର୍ଗମ ଗାଁ କୁ ଆଜିବି ରାସ୍ତା ନିର୍ମାଣ ହୋଇପାରିନି। ଆଉ କିଛି ଗାଁ କୁ ମାଟି ରାସ୍ତା ଥିଲେ ମଧ୍ୟ ପୋଲ ନିର୍ମାଣ ହୋଇପାରୁନାହିଁ। ଫଳ ଲୋକେ ବର୍ଷ ବର୍ଷ ଧରି ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। କିନ୍ତୁ ପୋଲ ନିର୍ମାଣ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି ବୋଲି କହିଛନ୍ତି ଗ୍ରାମବାସୀ। ଏମିତି ଏକ ଭଙ୍ଗା ପୋଲ ଦୃଶ୍ୟ ଦେଖିବା ମିଳିଛି କନ୍ଧମାଳ କନ୍ଟୁଆଗାଁ ବ୍ଲକ ବଣ୍ଡଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଟାବାଲି ଡଲାବାଲି କପୁଗୁଡ଼ା ସାହି ର ଗ୍ରାମ ବାସୀ ଦୈନନ୍ଦିନ ଜୀବନ ଜୀବିକା ରାସନ ସାମଗ୍ରୀ, ଓ ଭତ୍ତା ପାଇଁ, ପଞ୍ଚାୟତ କାର୍ଯ୍ୟାଳୟ, ଓ ବିଦ୍ୟାଳୟ କୁ ଏହି ବିପଦ ସଙ୍କୁଳ ପୋଲ ଉପରେ ଅତିକ୍ରମ କରିବା କୁ ପଡୁଛି । ଏହି ଭଙ୍ଗା ପୋଲ ଦେଇ ବିଦ୍ୟାଳୟ ଓ ବଜାରକୁ ଯିବାକୁ ପଡୁଥିବାରୁ ଅଞ୍ଚଳ ବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଗାଁ କୁ ଭଲ ପୋଲ ଖଣ୍ଡିଏ ନଥିବାରୁ ବର୍ଷା ଦିନ ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବା କହିଛନ୍ତି। ଏହି ଭଙ୍ଗା ପୋଲ ଦେଇ ବିଦ୍ୟାଳୟ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ହେଉଥିବାରୁ ଅଞ୍ଚଳ ବାସୀ ଏହି ଭଙ୍ଗା ଦଦରା ପୋଲ ହିଁ ଭରଷା। ବିପଦପୂର୍ଣ୍ଣ ଭଙ୍ଗା ପୋଲ ଦେଇ ଯାତାୟତ ସମୟ ରେ କୌଣସି ମୂହୁତରେ କିଛି ବି ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ପୋଲ ନିର୍ମାଣ ନିମନ୍ତେ ବାରମ୍ବାର ବ୍ଲକ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଉଭୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଲୋକେ ଯାତାୟାତ ପାଇଁ ସୁବିଧା ପାଇଁ ତୁରନ୍ତ ଏହି ବିସାଙ୍ଗାଡୁ ନାଳରେ ପୋଲ ନିର୍ମାଣ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଟ୍ରକ୍ ସହ ବାଇକ୍ ଧକ୍କା, ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ

**କୁକୁଡାଖଣ୍ଡି,୨୪।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ସଦର ଥାନା କୁକୁଡାଖଣ୍ଡି ତହସିଲ ଅଫିସ୍ ସମ୍ମୁଖରେ ଦୁର୍ଘଟଣା। ସୂଚନା ମୁତାବକ ଟ୍ରକକୁ ଏକ ବାଇକ୍ ଧକ୍କା ଦେଇଛି। ଟ୍ରକ୍ ଚକାତଳେ ଚାପି ହୋଇ ବାଇକ୍ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଟ୍ରକ୍( କେ ଏ ୫୬ ୦୮୭୬) ଆସ୍କାରୁ ବ୍ରହ୍ମପୁର ଅଭିମୁଖେ ଯିବା ସମୟରେ ବାଇକ୍ ଚାଳକ (ଓଡି ୦୭ ୟୁ ୨୦୮୪)ଟି ବ୍ରହ୍ମପୁରରୁ ହିଞ୍ଜିଳି ଅଭିମୁଖେ ଯିବା ସମୟରେ କୁକୁଡାଖଣ୍ଡି ତହସିଲ ଅଫିସ୍ ସମ୍ମୁଖରେ ପରସ୍ପର ସହ ଧକ୍କା ହୋଇଥିଲେ । ଖବର ଲେଖାଯିବା ପର୍ଯ୍ୟନ୍ତ ବାଇକ୍ ଚାଳକଙ୍କର ପରିଚୟ ଜଣାପଡିନଥିଲା। ଘଟଣାସ୍ଥଳରେ ସଦର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ସେହିପରି ସଦର ଥାନା ଅଧିନସ୍ଥ ବ୍ରହ୍ମପୁର ଉପକଣ୍ଠ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଦୁହେଁଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲ କୁ ସ୍ଥାନାନ୍ତରିତ କରାଯାଇଥିବା ଦେଖିବାକୁ ମିଳିଛି।

## ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ ସମାରୋହରେ ଯୋଗ ଦେବେ ଜିଲ୍ଲାର ବାସିନ୍ଦା



**ସୁନ୍ଦରଗଡ଼,୨୪।୬ (ସଂଚାର ବ୍ୟୁରୋ):** ଜୁନ ୨୫ ତାରିଖ ଭୁବନେଶ୍ୱର ଠାରେ ପାଳନ କରାଯିବ ସମ୍ବିଧାନ ହତ୍ୟା ଦିବସ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସୁନ୍ଦରଗଡ଼ରୁ ବାହାରିଲେ ଅଂଶଗ୍ରହଣକାରୀ। ଜରୁରୀକାଳୀନ ପରିସ୍ଥିତି ସମୟରେ ମିସା ଆକ୍ଟ (ମେଣ୍ଟେନନ୍ସ ଅଫ ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ) ଅନ୍ତର୍ଗତ ବନ୍ଦୀ ରହିଥିବା ସୁନ୍ଦରଗଡ଼ର ଦୁଇ ଜଣ ବ୍ୟକ୍ତିତ୍ୱ ମଧ୍ୟ ଯୋଗ ଦେବେ ଏହି କାର୍ଯ୍ୟକ୍ରମରେ। ସେମାନେ ହେଲେ ବାଲିଶଙ୍କରା ବ୍ଲକର ଦୁର୍ଗା ଚରଣ ପଟେଲ ଏବଂ ବଡ଼ଗାଁ ବ୍ଲକର ସନାତନ ନାଏକ। ଏହି ଅବସରରେ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ସେହିଭଳି ଜିଲ୍ଲାରୁ ଅନ୍ୟ ୨୨ ଜଣ ଅଂଶଗ୍ରହକାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ମଙ୍ଗଳବାର ଅଂଶଗ୍ରହଣକାରୀଙ୍କ ଗାଡ଼ିକୁ ସୁନ୍ଦରଗଡ଼ ପୌରାଞ୍ଚଳ ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ବିଶ୍ୱରେ ନିନ୍ଦିତ ହୋଇଛି ଓଡିଶା: ଅମର ପଟ୍ଟନାୟକ



**ଜଗତସିଂହପୁର,୨୪।୬ (ସଂଚାର ବ୍ୟୁରୋ):** ଜିଲ୍ଲାର ଏକ କାର୍ଯ୍ୟକ୍ରମ ରେ ଯୋଗଦେବା କୁ ଆସିଥିବା ପୁର୍ବତନ ରାଜ୍ୟସଭା ସାଂସଦ ତଥା ବିଜେଡି ଆଇ.ଟି. ସେଲ ଅଧ୍ୟକ୍ଷ ଡ଼. ଅମର ପଟ୍ଟନାୟକ ଙ୍କୁ ଓଡ଼ିଶାର ରାଜନୀତି ଓ ନୂତନ ସରକାର କୁ ନେଇ ସାମ୍ବାଦିକଙ୍କ ପ୍ରଶ୍ନ କରିଥିବା ବେଳେ ଡ଼. ପଟ୍ଟନାୟକ ଏହାର ଉତ୍ତର ରେ କହିଛନ୍ତି ଯେ, ଆଜି କାର ଦିନରେ ଆମେରିକା ତା ନାଗରିକଙ୍କୁ କହିଛି ଯେ ଓଡିଶାକୁ ଯାଆନି କାରଣ ସେଠି ବଳତ୍କାର ଅଣାୟତ୍ତ । ଏହା କଣ ଲଜ୍ଜାଜନକ ନୁହେଁ ? ଓଡ଼ିଶା ରେ ଏପରି ଆଗରୁ କେବେ ହୋଇ ନଥିଲା ! ଆଉ ଏପରି ସମୟରେ ଯେତେବେଳେ ମୁଖ୍ୟମନ୍ତ୍ରୀ ନିଜେ ଗୃହମନ୍ତ୍ରୀ । ଯେତେବେଳେ ବିଜୁ ଜନତା ଦଳ ଗତ ଏକବର୍ଷ ଧରି ଏହା କହୁଥିଲେ, ସେତେବେଳେ ବିଜେପି ନିର୍ଲଜ୍ଜ ଭାବରେ ଏହାକୁ ଡିଫେଣ୍ଡ କରୁଥିଲେ। ବାସ୍ତବରେ, କିଛି ଦିନ ପୂର୍ବେ ସେମାନଙ୍କ ମନ୍ତ୍ରୀମାନେ ରାସ୍ତାରେ ନାଚୁଥିଲେ, ଯାହାକୁ ସେମାନେ ଭାବୁଛନ୍ତି ସରକାରରେ ଅତ୍ୟନ୍ତ ସଫଳ ବର୍ଷ । ଏହାଠାରୁ ବଡ଼ ଉପହାସ ଆଉ କ'ଣ ହୋଇପାରେ ? ଏହା କେବଳ ଆମ ଓଡିଶା ରେ ନୁହେଁ ଆଜି ସାରା ବିଶ୍ୱରେ ଆମ ଓଡ଼ିଶା ପାଇଁ ଲଜ୍ୟାର ବିଷୟ ପାଲଟିଛି।

## ଜିଲ୍ଲା ପରିଷଦ ପ୍ରକଳ୍ପର ଶିଳାନ୍ୟାସ



**ବାଲିପାଟଣା, ୨୪।୬ (ସଂଚାର ବ୍ୟୁରୋ):** କଥା ଦେଇ କଥା ରଖିଲେ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ଗଙ୍ଗାଧର ମଲିକ।ନିର୍ବାଚନ ସମୟରେ ଜୟଦେବ ନିର୍ବାଚନ ମଣ୍ଡଳୀ ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲୋ ପଞ୍ଚାୟତ କୁଳନ୍ତିରା ବାଗିଲୋ ଗ୍ରାମକୁ ଭୋଟ ଭିକ୍ଷା କରିବାକୁ ଆସିଥିବା ବେଳେ ଘେରି ଥିଲେ ଗ୍ରାମବାସୀ।କଥା ରଖିଥିଲେ ଯିଏ ଆମ ଗାଁ ମା ଭୁ ବାସିନୀ ଙ୍କ ମନ୍ଦିର ଆଗରେ ଖୋଲା ଛାତ୍ କରିବ ଆମେ ତାକୁ ଭୋଟ ଦେବୁ।ଏଥିରେ ବିଜେଡି ଦଳର ଜିଲ୍ଲା ପରିଷଦ ପ୍ରାର୍ଥୀ ଗଙ୍ଗାଧର ମଲିକ ମା ଭୁ ବାସିନୀ ଙ୍କ ମନ୍ଦିର ଆଗରେ ଶପଥ ଗ୍ରହଣ କରିଥିଲେ ଯେ ମୁଁ ଜିତିଲେ ଛାତ କରିବି ଓ ହାରିଲେ ବି କରିବି।ଜିତିବାର ଦୀର୍ଘଦିନ ପରେ ଆଜି ତାଙ୍କ ନିଜସ୍ୱ ପାଣ୍ଠି ରୁ ଦୁଇ ଲକ୍ଷ୍ୟ ପଚାଶ ହଜାର ଟଙ୍କା ପ୍ରଦାନ କରି ମା ଭୁ ବାସିନୀ ଙ୍କ ମନ୍ଦିର ଛାତ ପ୍ରକଳ୍ପ ର ଶିଳାନ୍ୟାସ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବାଲିପାଟଣା ବ୍ଲକ ସଭାପତି କିଶୋର ଜେନା,ପମ୍ପାଲୋ ପଞ୍ଚାୟତ କମିଟି ସଭାପତି ଜଗନ୍ନାଥ ପଣ୍ଡା,ରମେଶ ଚନ୍ଦ୍ର ସାହାଣୀ,ମା ଭୁ ବାସିନୀ ଚାରି ଟେବୁଲ୍ ଟ୍ରଷ୍ଟର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ,ଯଚିନ୍ଦ୍ର ଭୋଳ, ଆଲୋକ ରଂଜନ ଭୋଳ, ପ୍ରଶାନ୍ତ ଭୋଳ, ସୁଶାନ୍ତ ଭୋଳ,ତାପସ ଭୋଳ, ଦୀପକ ଭୋଳ,ଜୀବନ ଜ୍ୟୋତି ପଣ୍ଡା,ଶଙ୍କର ଭୋଳ,ପ୍ରତାପ ସ୍ୱାଇଁ ଓ ସମସ୍ତ ଗ୍ରାମବାସୀ ମାନେ ଉପସ୍ଥିତ ରହି ପ୍ରକଳ୍ପ ର ଶିଳାନ୍ୟାସ କରିବା ସହିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଗଙ୍ଗାଧର ମଲିକ ଓ ସଭାପତି କିଶୋର ଜେନା ଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରିବା ସହିତ ହୃଦୟରୁ ସ୍ୱାଗତ ଜଣାଇଥିଲେ।କିପରି ବର୍ଷା ଦିନ ଆରମ୍ଭ ପୂର୍ବରୁ ତୁରନ୍ତ କାମ ଶେଷ ହେବ ଓ ଆବଶ୍ୟକ ସ୍ଥଳେ ଯଦି ଆଉ କିଛି ଅର୍ଥରାଶି ଦରକାର୍ ହୁଏ ବିନିଯୋଗ କରାଯିବ ବୋଲି ବିଜେଡି ବ୍ଲକ ସଭାପତି କିଶୋର ଜେନା ଓ ଗଙ୍ଗାଧର ମଲିକ ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୨ ଦିନ ବିତିଲା, ମରାମତି ନୋହିଲା

### ସର୍କସ ଭଳି ନଦୀ ପାର ହେଉଛନ୍ତି ବାଇକ ଆରୋହୀ

**ଦାରିଙ୍ଗବାଡି,୨୪।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ଠାରୁ ବୁଡ଼ାଗୁଡା ରାସ୍ତା ବିଚ୍ଛିନ୍ନ ଘଟଣାର ପାଖାପାଖି ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଗୁମାଠାରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଉକ୍ତ ରାସ୍ତାରେ ଯାତ୍ରୀଙ୍କୁ ଯାତାୟାତ ପାଇଁ ବାରଣ କରିବା ସହ ସେଠାରେ ଏନେଇ ବୋର୍ଡ ଲଗାଇ ସଚେତନ କରାଇଛି। ତଥାପି ଯାତ୍ରୀଙ୍କ ପାଇଁ ଲାଇଫଲାଇନ କୁହାଯାଉଥିବା ଉକ୍ତ ରାସ୍ତାରେ ବିପଦ ସଂକୁଳ ଅବସ୍ଥାରେ ଯାତାୟାତ ଚାଲିଛି। ବାଇକ ଆରୋହୀମାନେ ଉକ୍ତ ଡାଇଭର୍ଶନ ରାସ୍ତାରେ ୨ ଖଣ୍ଡ କାଠ ଓ ତାହାରି ଉପରେ ବାଲି ବସ୍ତା ପକାଇ ଯାତାୟାତ କରୁଛନ୍ତି।



## କେନାଲରେ ଖସିପଡ଼ିଲେ ବୃଦ୍ଧା: ଚାଲିଗଲା ଜୀବନ



**ପାଟଣା,୨୪।୬ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ଥାନା ରସପଡା କେନାଲରୁ ମଙ୍ଗଳବାର ସକାଳୁ ଜଣେ ୬୦ବର୍ଷୀୟା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଜଣକ ସାହାର ପଡ଼ା ବ୍ଲକ ତେଣ୍ଡରା ଗ୍ରାମର ଶଙ୍ଖାଳି ପାତ୍ରଙ୍କ ସ୍ତ୍ରୀ ବାସନ୍ତୀ ପାତ୍ର। ମଙ୍ଗଳବାର ସକାଳୁ କେନାଲରେ ତାଙ୍କର ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପାଟଣା ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ବୃଦ୍ଧା ଜଣଙ୍କ ଉକ୍ତ ରାସ୍ତାରେ ଯାଉଥିବା ସମୟରେ ଖସିପଡି ପାଣିରେ ବୁଡି ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ସମିତିଙ୍କ ଆତ୍ମହତ୍ୟା ଅଭିଯୋଗ, କାରଣ ଅସ୍ପଷ୍ଟ,ପୁଲିସର ତନାଘନା ଜାରି



**ଭବାନୀପାଟଣା,୨୪।୬ (ସଂଚାର ବ୍ୟୁରୋ):** କୋକସରା ବ୍ଲକ ଅନ୍ତର୍ଗତ ଖୁଣ୍ଟିଆ ପଞ୍ଚାୟତ ର ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ବେକରେ ଫାଶୀ ଲଗେଇ ଆତ୍ମହତ୍ୟା କରିଥିବା ସୂଚନା କ୍ଷ ଆତ୍ମହତ୍ୟା ର କାରଣ ଅସ୍ପଷ୍ଟ ରହିଛି। ସୂଚନା ମତେ ଖୁଣ୍ଟିଆ ପଞ୍ଚାୟତ ପିପଳପଡା ଗ୍ରାମ ର ଦେବେନ୍ଦ୍ର ଧରୁଆ ନିଜ ବାସଭବନ ବେକରେ ରଶି ଲଗାଇ ଝୁଲୁଥିବା ଦେଖି ପରିବାର ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଡାକ୍ତର ଖାନା କୁ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ସମିତି ସଭ୍ୟ ଙ୍କ କାହିଁକି ଆତ୍ମହତ୍ୟା କରିଛନ୍ତି ନା ମୃତ୍ୟୁ ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ଅସ୍ପଷ୍ଟ ରହିଛନ୍ତି। ତେବେ ମୃତକ ଙ୍କ ଭାଇ ଦିଗାମ୍ବର ଧରୁଆ ଙ୍କ ଅଭିଯୋଗ ମତେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ମୃତକ ଙ୍କୁ କୌଣସି କାରଣ କୁ ନେଇ ଗତ କିଛିଦିନ ତଳେ ଗାଳିଗୁଲଜ ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ଏନେଇ ମୃତ ସମିତି ସଭ୍ୟ କୋକସରା ଥାନାରେ ଅଭିଯୋଗ ମଧ୍ୟ କରିଥିଲେ।

## ଭେଡେନରେ ନୂତନ ବିଡିଓଙ୍କ ଯୋଗଦାନ



**ଭେଡେନ,୨୪।୬(ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ଭେଡେନ ବ୍ଲକ ରେ ମଙ୍ଗଳବାର ଦିନ ନୂତନ ବି ଡି ଓ ଭାବେ କର୍ଣ୍ଣ ସୁନା ଯୋଗଦାନ ଯୋଗ ଦେଇଛନ୍ତି। ଏହି ଯୋଗଦାନ ଅବସରରେ ବର୍ତ୍ତମାନ ର ବି ଡି ଓ ତ୍ରିପୁର ମହାନନ୍ଦ, ଏ ବି ଡି ଓ ପ୍ରିତିଶ ଦୋରା ଏବଂ ଭେଡେନ ବ୍ଲକ ଅଫିସ ର ଅନ୍ୟ ଅଧିକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଭେଡେନ ରେ ଯୋଗଦାନ ପୂର୍ବରୁ ବି ଡି ଓ ସୁନା ବିଜେପୁର ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ।

## ୧୨ଜି ୧ କେନାଲ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା



**ଜଗତସିଂହପୁର,୨୪।୬(ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ର ଖଡ଼ଗପୁର ଠାରୁ ଯାଇ ତୁରୁଖା ଓ ଶାରଳା ମନ୍ଦିର କୁ ସଂଯୋଗ କରୁଥବା ୧୨ ନଂ ଜିଂ କେନାଲ ରାସ୍ତା ପାଲଟିଛି ମରଣ ଯନ୍ତା । ସେହି ବାଟଦେଇ ଦୈନିକ ସହ ସହ ଯାନ ବାହାନ ସହିତ ବହୁ ସ୍କୁଲ ପିଲାମାନେ ଯିବା ଆସିବା କରୁଥିବା ବେଳେ ଏହି ରାସ୍ତା ଉପରେ ମହାନଦୀ ସାଉଥ ଡିଭିଜନ ର ନଜର ପଡୁନାହିଁ । ଗତ ୨ବର୍ଷ ତଳେ ଏହି ରାସ୍ତା ପିଚୁ କାମ ହୋଇଥିବା ବେଳେ ଠିକାଦାର ଓ ବିଭାଗ ମଧୁ ଚନ୍ଦ୍ରିକାରେ ଅଣଦେଖା ପାଇଁ ପ୍ରାୟ ରାସ୍ତାରେ ୩ ଫୁଟ ଲେଖା ଖାଲ ହୋଇ ପାଣି ଜମି ରହୁଥିବା ରୁ ବହୁ ଲୋକ ପଡି ଦୃଘଟଣା ର ଶିକାର ହେଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ବାଟଦେଇ ମହାନଦୀ ସାଉଥ ଡିଭିଜନର ବହୁ କର୍ମଚାରୀ ଓ ଯନ୍ତ୍ରୀ ଯାଉଥିବା ବେଳେ ସବୁ ଦେଖି ଚୁପ ରହିଛି ଜଳସେଚନ ବିଭାଗ । ଏହି ରାସ୍ତାର ମଧ୍ୟ ଭାଗରେ ପଞ୍ଚ ମୁଖୀ ହନୁମାନ ମନ୍ଦିର ଥିବାରୁ ବହୁ ଶ୍ରଦ୍ଧାଳୁ ଯିବା ଆସିବା କରନ୍ତି । ସେହିପରି ସେହି ରାସ୍ତାର ଏକ ଭାଗରେ ଓ୍ୱିଲ ଭିତରେ ଏକ ପୋଲ ତିଆରି ହେବାରୁ ଜେସିପି ରାସ୍ତା ମଝିରୁ କାଟି ଦେଇଥିବା ଦେଖା ଦେଇଛି। ଯାହା ଫଳରେ ତୁରୁଖା ଓ ଶାରଳା ଙ୍କ ପାଖକୁ ଯିବା ସେହିପଟେ ବନ୍ଦ ହୋଇ ଯାଇଛି । ଏବେ ଦେଖିବାକୁ ବାକି ରହିଲା କେବେ ଏହି ରାସ୍ତା ଉପରେ ବିଭାଗ ର ନଜର ପଡୁଛି ।

## ଟ୍ରାକ୍ଟର ସହ ୨୮ ଖଣ୍ଡ କେନ୍ଦୁ ଗଣ୍ଡି ଜବତ

**ଖପ୍ରାଖୋଲ,୨୪।୬ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅନ୍ତର୍ଗତ ତୁର୍ଲା ଗ୍ରାମ ଜଙ୍ଗଲ ନିକଟରୁ ବନ ବିଭାଗ ଚଢ଼ାଉ କରି ଟ୍ରାକ୍ଟର ସହ କେନ୍ଦୁ କାଠ ଗଣ୍ଡି ଜବତ କରିଥିବା ଜଣାପଡିଛି। ପ୍ରକାଶ ଯେ, ହରିଶଙ୍କର ବିଟ ଅନ୍ତର୍ଗତ ଗନ୍ଧମାର୍ଦନ ପାହାଡ ତଳି ତୁର୍ଲା ଗ୍ରାମରେ କେନ୍ଦୁ ଗଣ୍ଡି କାଠ ଚୋରା ଚାଲାଣ ହେଉଥିବା ବନବିଭାଗ କୌଣସି ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଏହାପରେ ଏକ ଟିମ ଗଠନ କରି ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଅଭିଯୁକ୍ତ ମଣିଲାଲ ଛତରକୁ ଗିରଫ କରାଯିବା ସହ ଟ୍ରାକ୍ଟର ଏବଂ ୨୮ ଖଣ୍ଡ କେନ୍ଦୁ ଗଣ୍ଡିକୁ ବନ ବିଭାଗ ଜବତ୍ କରିଥିବା ଜଣାପଡିଛି । ଜବତ କେନ୍ଦୁ କାଠର ମୁଖ୍ୟ ଆନୁମାନିକ ୯୮ ହଜାର ଟଙ୍କା ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି।

## ବ୍ୟବସାୟ ପ୍ରତିଷ୍ଠାନରେ ମିଳିତ ଚଢ଼ାଉ ; ଜରିମାନା ଆଦାୟ

**ବ୍ରହ୍ମପୁର,୨୪।୬ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ମିଳିତ ଚଢ଼ାଉ କରାଯାଇଛି। ମିଳିତ ଟିମ୍ ରେ ବିଏମସି ପ୍ରବର୍ତ୍ତନ, ପରିମଳ, ଖାଦ୍ୟ ନିରାପତ୍ତା, ରାଜସ୍ୱ ସମେତ ଯୋଗାଣ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବୈଧ ମାପ ଓଜନ ଅଧିକାରୀ ସାମିଲ ଥିଲେ। ବ୍ରହ୍ମପୁର ଷ୍ଟେସନ ରୋଡର ବିଭିନ୍ନ ହୋଟେଲ, ମଦ ଦୋକାନ, ରେଷ୍ଟୁରାଣ୍ଟ, ଉଠା ଦୋକାନରେ ଚଢ଼ାଉ କରାଯାଇଥିଲା। ନିୟମ ଉଲଙ୍ଘନ, ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି,ପରିମଳ ଅବ୍ୟବସ୍ଥା, ପ୍ଲାଷ୍ଟିକ ବ୍ୟବହାର ଅଭିଯୋଗରେ ଜୋରିମାନା ଆଦାୟ କରାଯାଇଛି ।

# କେତେ ସୁରକ୍ଷିତ ଡବା ଅଥବା ଜାର୍ ପାଣି ?



- ଅସ୍ତରଙ୍ଗ କୁ ଯୋଗାଣ କରୁଥିବା ପାଣି ଫାକ୍ଟ୍ରି ରେ କେବେ ହେବ ସ୍ୱତନ୍ତ୍ର ଯାଞ୍ଚ ?
- ଡ଼ାଇରିଆ କୁ ନେଇ ଆଶଙ୍କାରେ ଗ୍ରାହକ

**କାକଟପୁର/ଅସ୍ତରଙ୍ଗ,୨୪।୬ (ସଂଚାର ବ୍ୟୁରୋ):** ବିଶୁଦ୍ଧ ପାଣି କହି ଜାର ଡବାରେ ସାଧାରଣ ପାଣି ଭରି ବିକ୍ରି ହେଉଛି। ଲୋକେ ଟଙ୍କା ଦେଇ ବିଶୁଦ୍ଧ ପାଣି ନାଁରେ ବିଶୋଧନ ହୋଇନଥିବା ବୋରୱେଲ ପାଣି ପିଉଥିବା ଅଭିଯୋଗ ହୋଇଆସୁଛି। ମାଲେ ମାଲ ହେଉଛନ୍ତି ପାଣି ବେପାରୀ। ଲାଭ କୁ ଦେଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ପାଣି ଡବା ବା ଜାର ଦୋକାନ ରେ ବିକ୍ରି ହେଉଛି। ଏହା ଶହ କାକଟପୁର ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ମାଲ ମାଲ ପାଣି ଫାକ୍ଟ୍ରି ଖୋଲିଛି। ଯାହାକୁ ଯାଞ୍ଚ ନ କରି ହାତ ଗୁଞ୍ଜା ନେଇ ଅନୁମତି ଦିଆଯାଉଥିବା ଅଭିଯୋଗ ହେଉଛି। ସେହିପରି ଯୋଗାଣ ହେଉଥିବା ପାଣି ବିଶୁଦ୍ଧ କି ନାହିଁ ତାହା ମଧ୍ୟ କେବେ ଯାଞ୍ଚ ହେଉନି। ଲୋକଙ୍କ ଆଖିରେ ଆଙ୍ଗୁଠି ଗେଂଜି ଲୁଟିବା ରେ ଲାଗିଛନ୍ତି ପାଣି ବେପାରୀ। ଏହି ଡ଼ାଇରିଆ ପାଇଁ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଚଢ଼ାଉ ରୁ ଏ ହ। ସ୍ପଷ୍ଟ ହେବା ପରେ ପାଣିର ବିଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠିଛି। ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଖାଦ୍ୟ ପଦାର୍ଥ ଯାଞ୍ଚ ଚାଲୁଥିବା ବେଳେ ପାଣିର ଯାଞ୍ଚ କରି କିଛି ପାଣି ପାଉଚ ନଷ୍ଟ କରିଥିବା ବେଳେ ଅନେକ ଦୋକାନ ରୁ ପାଣି ନମୁନା ସଂଗ୍ରହ ପାଇଁ ପାଣି ବୋତଲ ସଂଗ୍ରହ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଯୋଗାଇ ଦିଆଯାଉଥିବା ପାଣି ବିଭିନ୍ନ ପଞ୍ଚାୟତ ରେ ଯଥେଷ୍ଟ ପରିମାଣ ପହଂଚି ପାରୁନାହିଁ। ତେଣୁ ଅନେକ ଲୋକ ବିଭିନ୍ନ ଫାକ୍ଟ୍ରିରୁ ଯୋଗାଣ ହେଉଥିବା ପାଣି ଜାର କିଣି ପିଉଛନ୍ତି। ୨୦ଲିଟର ଜାର ପାଣି ୪୦ରୁ ୪୫ଟଙ୍କାରେ ବିକ୍ରି ହେଉଛି। ପ୍ରତ୍ୟେକ ଦିନ ବିଭିନ୍ନ ପାଣି ଫାକ୍ଟ୍ରିର କର୍ମଚାରୀ, ଗାଡ଼ିରେ ପାଣି ଜାର ଧରି ଘର, ଦୋକାନ ଓ ଅଫିସ ଆଦି ବୁଲି ଯୋଗାଇ ଦେଉଛନ୍ତି।ସେହିଭଳି ବାହାଘର, ବ୍ରତଘର କିମ୍ବା ଅନ୍ୟ କୌଣସି ସାମୂହିକ କାର୍ଯ୍ୟ ତଥା ଉତ୍ସବରେ ଶତାଧିକ ପାଣି ଜାର ବ୍ୟବହାର କରାଯାଉଛି। ଅନେକ ସମୟରେ ଏହି ପାଣିରେ ଗୁଣ୍ଡ ଭାସୁଥିବାର ଦେଖା ଯାଇଥାଏ। ମାତ୍ର ଲୋକେ ବିଶୁଦ୍ଧ ପାଣି ନାଁରେ ସେ ସବୁକୁ ପାନୀୟ ଭାବେ ବ୍ୟବହାର କରିଥାନ୍ତି।

## 'ସ୍ୱାତୀ' ପ୍ରତିଷ୍ଠା ଦିବସରେ ପରିବର୍ତ୍ତନକାରୀଙ୍କ ସମାବେଶ

**କନ୍ଧମାଳ,୨୪।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ଦିନିକିଆ ପରିବର୍ତ୍ତନକାରୀ ମାନଙ୍କ ସମାବେଶ ବନ୍ଧଗଡ ସ୍ଥିତ କାର୍ଯ୍ୟାଳୟ ଠାରେ ସମ୍ପାଦକ ହରି ଶଙ୍କର ରାଉତ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଫିଲବାଣୀ ବ୍ଲଡ଼ ବ୍ୟାଙ୍କର ପାଥୋଲୋଜିଷ୍ଟ ଡାକ୍ତର ଜୟଦିପ କୁମାର ଘୋଷ ଯୋଗ ଦେଇ କନ୍ଧମାଳ ଜିଲ୍ଲାର ବିକାଶ ରେ ସ୍ୱାତୀ ଭଳି ଅନୁଷ୍ଠାନ ମାନଙ୍କର ଗୁରୁଦାୟିତ୍ୱ ଯଥେଷ୍ଟ ଅଧିକ ବୋଲି କହିଥିଲେ । ତତ୍ସହିତ ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରବୋଧ କୁମାର ପ୍ରଧାନ ଉପସ୍ଥିତ ରହି ଏହି ଅନୁଷ୍ଠାନ ଓ ତାଙ୍କର କର୍ମୀ ଏବଂ ପରିଚାଳନା ପରିଷଦ କରିଥିବା ରୂପାନ୍ତର ନିଶ୍ଚିତ ପ୍ରଶଂଶନୀୟ ବୋଲି କହିବା ସହ ଆଗାମିଦିନ ଗୁଡିକରେ ମଧ୍ୟ ଜାରି ରଖିବେ ବୋଲି ଆଶା ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜିବି ବିଜୟକୃଷ୍ଣ ପଟ୍ଟନାୟକ ଉପସ୍ଥିତ ରହି ସମାଜ ସେବାରେ କିପରି ଅନୁଷ୍ଠାନ ଓ କର୍ମୀ ଙ୍କର ଆନ୍ତରିକତା ଓ ସକ୍ରିୟ ଯୋଗଦାନ ଆଗକୁ ବଳିଷ୍ଠ ରହିବ ତାହା ଆଶା ପ୍ରକଟ କରିଥିଲେ । ସେହିପରି ଫିରିଙ୍ଗିଆ ର ମେଡିକାଲ୍ ଅଫିସର ଡାକ୍ତର ସୁମନ୍ତ କୁମାର ମାଝୀ ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରି ସଜନୀ ପ୍ରଧାନ ସମ୍ମାନୀତ ଅତିଥି ଭାବରେ ତାଙ୍କ ବକ୍ତବ୍ୟ ରେ ସାମାଜିକ ଅନୁଷ୍ଠାନ ମାନଙ୍କ ର ନିଷ୍ଠାପରତା ଆଜି ସ୍ୱାତୀ ତାର ୨୬ ବର୍ଷ ପୁର୍ତ୍ତୀ ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ବୋଲି କହିଥିଲେ ।